


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-277 •SUNDAY •05 APRIL 2026 •PAGE-12 •₹ 7.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୨୭୭ •ରବିବାର •୦୫ ଏପ୍ରିଲ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦ (ସିନ୍ଦୂରା ସହ)


## ଇରାନ ପରମାଣୁ କେନ୍ଦ୍ର ଉପରେ ଆମେରିକାର ଆକ୍ରମଣ

# ବଢ଼ିଲା ବିକିରଣ ଭୟ

- ଉପସାଗରୀୟ ଦେଶଗୁଡ଼ିକୁ ଇରାନର ଚେତାବନୀ
- ବିକିରଣ କ୍ଷୟକ୍ଷତି ପାଇଁ ଦାୟୀ ରହିବନି ତେହେରାନ
- ଇରାନକୁ ଟ୍ରମ୍ପଙ୍କ ୪୮ ଘଣ୍ଟିଆ ଚରମ ଚେତାବନୀ
- ହର୍ମୁଜ ପ୍ରଣାଳୀ ନ ଖୋଲିଲେ ପରିଣତି ଭୟଙ୍କର
- ଇରାନକୁ ୧୦ ଦିନିଆ ମହଲତ ଦେଇଥିଲେ ଟ୍ରମ୍ପ



■ ତେହରାନ, ୪।୪ (ଏଜେନ୍ସି): ଇରାନ ସହ ଯୁଦ୍ଧରେ ସଫଳତା ମିଳୁନାହିଁ। ଅନ୍ୟପକ୍ଷରେ ଆମେରିକାର ଅନେକ ଯୁଦ୍ଧ ଜାହାଜକୁ ଗୁଳି କରି ଇରାନ ଖସାଇବା ସହିତ ଉପସାଗର ଅଞ୍ଚଳରେ ଥିବା ଆମେରିକାର ପ୍ରାୟ ସମସ୍ତ ସାମରିକ ପ୍ରତିଷ୍ଠାନକୁ ଆକ୍ରମଣ କରି ଛାରଖାର କରିଦେଇଛି। ଏଥିରେ ବ୍ୟସ୍ତ ଓ ବିବ୍ରତ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଆଜି ଇରାନକୁ ପୁଣି ଧମକ ଦେଇଛନ୍ତି। ସେ କହିଛନ୍ତି ଯେ ହର୍ମୁଜ ପ୍ରଣାଳୀ ଖୋଲିବା ସହ ଅସ୍ତ୍ରବିରତି ପାଇଁ ଚୁକ୍ତି କରିବା ଲାଗି ଗତ ୨୬ ତାରିଖରେ ଇରାନକୁ ୧୦ଦିନର ମହଲତ ଦିଆଯାଇଥିଲା। ଏହି ମହଲତ ସରିଆସୁଛି। ଇରାନ ପାଖରେ ଆଉ ମାତ୍ର ୪୮ ଘଣ୍ଟା ସମୟ ରହିଛି। ଏହି ସମୟ ମଧ୍ୟରେ ଚୁକ୍ତି ନ ହେଲେ ଇରାନ ଧ୍ୱଂସ ପାଇଁ ପ୍ରସ୍ତୁତ ରହୁ ବୋଲି ଧମକ ଦେଇଛନ୍ତି ଟ୍ରମ୍ପ।

ଇତିମଧ୍ୟରେ ଗୋଟିଏ ପରେ ଗୋଟିଏ ବିଫଳତା ପରେ ଇରାନର ବେସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରିବା ସହିତ ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଚଳାଇଛନ୍ତି ଟ୍ରମ୍ପ। ଇସ୍ରାଏଲ ସହ ମିଶି ଆଜି ଇରାନର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ ବୁଶେହର ପରମାଣୁ କେନ୍ଦ୍ର ପରିସରରେ କ୍ଷେପଣାସ୍ତ୍ର ମାଡ଼ କରିଛି ଆମେରିକା। ଏଥିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଏକ ସହାୟକ ବିଲ୍ଡିଂ କ୍ଷତିଗ୍ରସ୍ତ ହୋଇଛି। ତେବେ ମୁଖ୍ୟ ପରମାଣୁ କେନ୍ଦ୍ର ସୁରକ୍ଷିତ ରହିଛି ଏବଂ ସେଠାରେ ସ୍ୱାଭାବିକ କାର୍ଯ୍ୟ ଚାଲୁ ରହିଛି। ଏହି ଘଟଣାକୁ ନେଇ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି (ଆଇଏଇଏ) ଗଭୀର ଚିନ୍ତା ପ୍ରକଟ କରିଛି। ଆଇଏଇଏ ମୁଖ୍ୟ ରାଫେଲ ଗ୍ରୋସି ଚେତାବନୀ ଦେଇ କହିଛନ୍ତି ଯେ, କୌଣସି ପରିସ୍ଥିତିରେ ପରମାଣୁ କେନ୍ଦ୍ରକୁ ଟାର୍ଗେଟ କରାଯିବା ଉଚିତ ନୁହେଁ, କାରଣ ଏହାଦ୍ୱାରା ବଡ଼ ଧରଣର ବିକିରଣ ଜନିତ ଦୁର୍ଘଟଣା ଘଟିବାର ଭୟ ରହିଛି। କେବଳ ସେତିକି ନୁହେଁ, ଇସ୍ରାଏଲ ବାୟୁସେନା ଶନିବାର ଇରାନର ଦକ୍ଷିଣ ଖୁଜେସ୍ତାନ ରାଜ୍ୟରେ ଥିବା ମହଶହର ପେଟ୍ରୋକେମିକାଲ ସ୍ୱେଶାଲ ▶ପୃଷ୍ଠା-୭

## ନିର୍ବାଚନ କମିସନ ସ୍ୱାଧୀନ ଭାବେ କାର୍ଯ୍ୟ କରୁ: ଜଷ୍ଟିସ ନାଗରତ୍ନ



■ ପାଟନା, ୪।୪ (ଏଜେନ୍ସି): ଭାରତୀୟ ନିର୍ବାଚନ କମିସନ ଭଳି ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ କୌଣସି ରାଜନୈତିକ ପ୍ରଭାବରେ ନରହି ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଉଚିତ ବୋଲି ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ବିଭି ନାଗରତ୍ନ କହିଛନ୍ତି। ଜଷ୍ଟିସ ନାଗରତ୍ନ କହିଛନ୍ତି ଯେ ନିର୍ବାଚନ କମିସନ, କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ (ସିଏଜି) ଏବଂ ଅର୍ଥ କମିସନ ଭଳି ସଂସ୍ଥାଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ସାମ୍ବିଧାନିକ ଶାସନ ବ୍ୟବସ୍ଥାକୁ ବଜାୟ ରଖିବା ପାଇଁ ଏହି ସଂସ୍ଥାଗୁଡ଼ିକ ରାଜନୈତିକ ପ୍ରକ୍ରିୟା ଦ୍ୱାରା ପ୍ରଭାବିତ ନ ହେବା ଅତ୍ୟନ୍ତ ଆବଶ୍ୟକ। ଯଦି ନିର୍ବାଚନ ପରିଚାଳନା କରୁଥିବା ବ୍ୟକ୍ତିମାନେ ନିର୍ବାଚନ ଲଢୁଥିବା ବ୍ୟକ୍ତିମାନଙ୍କ ଉପରେ ନିର୍ଭରଶୀଳ ହୁଅନ୍ତି, ତେବେ ନିର୍ବାଚନ ପ୍ରକ୍ରିୟାରେ ନିରପେକ୍ଷତା ରହିବ ନାହିଁ। ସେ ଚେତାବନୀ ଦେଇ କହିଛନ୍ତି ଯେ ଅଧିକାରଗୁଡ଼ିକ କାଗଜପତ୍ରରେ ଠିକ୍ ଥିଲେ ମଧ୍ୟ ଯଦି ସାମ୍ବିଧାନିକ ଢାଞ୍ଚା ଧିରେ ଧିରେ ଦୁର୍ବଳ ହୋଇଯାଏ, ତେବେ ସମ୍ବିଧାନର ପତନ ଘଟିଥାଏ। ଯେତେବେଳେ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ପରସ୍ପର ଉପରେ ନଜର ରଖିବା ବନ୍ଦ କରିଦିଅନ୍ତି, ସେତେବେଳେ କ୍ଷମତାର ଅପବ୍ୟବହାର ହେବାର ଆଶଙ୍କା ବଢ଼ିଯାଏ।

ସେହିପରି ସେ କହିଛନ୍ତି ଯେ ରାଜ୍ୟ ସରକାରଗୁଡ଼ିକ କେନ୍ଦ୍ରର ଅଧସ୍ତନ ନୁହନ୍ତି। ସେମାନଙ୍କୁ କେନ୍ଦ୍ର ସହଯୋଗୀ ଭାବେ ବ୍ୟବହାର କରିବା ଉଚିତ। ବିକାଶମୂଳକ ଯୋଜନା କ୍ଷେତ୍ରରେ କେନ୍ଦ୍ର ସରକାର ନିଜ ପସନ୍ଦ ଅନୁଯାୟୀ ବାଛିବା ନୀତି ଆପଣେଇବା ଉଚିତ ନୁହେଁ। ସବୁ ରାଜ୍ୟଗୁଡ଼ିକୁ ସମାନ ଭାବେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ସହଯୋଗମୂଳକ ସଂଘୀୟ ବ୍ୟବସ୍ଥାକୁ ସେ ଗୁରୁତ୍ୱ ଦେଇଛନ୍ତି। କ୍ଷମତା ଯେତେ ବଡ଼ ହେଉ ନା କାହିଁକି, ତାହା ସବୁବେଳେ ଉତ୍ତରଦାୟୀ ରହିବା ଉଚିତ।

### ଆଉ ପାଦେ ଆଗକୁ ବଢ଼ିଲା ପୁରୀ ବିମାନବନ୍ଦର ପ୍ରକଳ୍ପ

## ଜଙ୍ଗଲ ଜମି ପାଇଁ ମିଳିଲା ଷ୍ଟେଜ୍-୧ ଅନୁମତି

**ସର୍ତ୍ତ ପୂରଣ କଲେ ଚୂଡ଼ାନ୍ତ ଅନୁମତି**

■ ପୁରୀ/ଭୁବନେଶ୍ୱର, ୪।୪ (ସମିସ): ଆକାଶପଥରେ ଯୋଡ଼ି ହେବ ପୁରୀ। ଏଥିପାଇଁ ୨୦୨୧ ମସିହାରୁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ହେଲେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦରକୁ ନେଇ ବିଭିନ୍ନ ସମୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା। ଏହାସତ୍ତ୍ୱେ ବିମାନବନ୍ଦର ପାଇଁ ଆସିଛି ଭଲ ଖବର, ମିଳିଛି କେନ୍ଦ୍ର ସରକାରଙ୍କ ଷ୍ଟେଜ୍-୧ ଅନୁମୋଦନ। ବହୁ ପ୍ରତୀକ୍ଷିତ ଓ ବହୁଚର୍ଚ୍ଚିତ ଶ୍ରୀଜଗନ୍ନାଥ ବିମାନବନ୍ଦର ପାଇଁ ମିଳିଛି ଜଙ୍ଗଲ ଜମି ଅନୁମତି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ପ୍ରକଳ୍ପକୁ ବାସ୍ତବତାର ରୂପ ଦେବାରେ ଏହା ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି।

ପୂର୍ବର ବିଜେଡି ସରକାର ସମୟରେ ବିମାନ ବନ୍ଦର ନିର୍ମାଣ ନେଇ କାମ ଆରମ୍ଭ କରାଯାଇଥିଲା। କିନ୍ତୁ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ମିଳି ନ ଥିଲା। ଫଳରେ ଏହି ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଥିଲା। କିନ୍ତୁ ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଥିବା ବେଳେ ଆସିଛି ଭଲ ଖବର। କେନ୍ଦ୍ର ▶ପୃଷ୍ଠା-୭

# ଓଡ଼ିଶାକୁ କେନ୍ଦ୍ରର ଆଉ ଏକ ଜଳ ଯନ୍ତ୍ରଣା

## ବଂଶଧାରାରେ ଆନ୍ଧ୍ରର ନେରେଡ଼ି ପ୍ରକଳ୍ପକୁ ଜଳଶକ୍ତି ମନ୍ତ୍ରଣାଳୟର ଅନୁମତି

- ଗଜପତି, ରାୟଗଡ଼ା ଜିଲ୍ଲାର ଚାଷୀଙ୍କ ଆଶଙ୍କା, ମରୁଭୂମି ପାଲଟିବ ଚାଷ ଜମି !
- ବିଭିନ୍ନ ମହଲର ମତ, ଚନ୍ଦ୍ରବାବୁ ନାଇଡୁଙ୍କୁ ଖୁସି କରିବାକୁ କେନ୍ଦ୍ର କରିଛି ଫନ୍ଦି
- ପିସିସି ସଭାପତିଙ୍କ ଦାବି, ତୁରନ୍ତ ବିଜ୍ଞପ୍ତି ରଦ୍ଦ କରୁ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ
- ମହାନଦୀ ଜଳବିବାଦର ଭାଗ୍ୟ ଏପରି ହେବା ନେଇ ଜଳ ବିଶେଷଜ୍ଞଙ୍କ ଆଶଙ୍କା

■ ଭୁବନେଶ୍ୱର, ୪।୪ (ସମିସ): ମହାନଦୀ, ପୋଲାଭରମ୍ ଓ ରେଳ ଡିଭିଜନ କଷଣରେ ଓଡ଼ିଶାବାସୀ ସନ୍ତୁଳି ହେଉଥିବା ବେଳେ କେନ୍ଦ୍ର ସରକାର ଓଡ଼ିଶାକୁ ଆଉ ଏକ ବଡ଼ ଝଟ୍‌କା ଦେଇଛନ୍ତି। ବଂଶଧାରା ନଦୀ ଜଳ ବିବାଦ ମାମଲାରେ ଗତ ୨ ତାରିଖର ଟ୍ରିବ୍ୟୁନାଲଙ୍କ ରାୟ ଆଧାରରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରାଳୟ ପକ୍ଷରୁ ଆନ୍ଧ୍ରପ୍ରଦେଶକୁ ନେରେଡ଼ି ବ୍ୟାରେଜ ନିର୍ମାଣ ପାଇଁ ଅନୁମତି ଦିଆଯାଇ ଗେଜେଟ୍ ନୋଟିଫିକେସନ୍ ଜାରି କରାଯାଇଛି। କେନ୍ଦ୍ରର ଏହି ବିଜ୍ଞପ୍ତି ଓଡ଼ିଶା ପାଇଁ ବଡ଼ ଝଟ୍‌କା ହୋଇଥିବା ବେଳେ ଆନ୍ଧ୍ର ପ୍ରଦେଶ ପାଇଁ ଲାଭଦାୟକ ହୋଇଛି। ରାୟ ଅନୁଯାୟୀ ଆନ୍ଧ୍ରର ନେରେଡି ବ୍ୟାରେଜ୍ ପ୍ରକଳ୍ପ ପାଇଁ ଥିବା ପ୍ରତିବନ୍ଧକ ଦୂର ହୋଇଥିବା ବେଳେ କ୍ଷତିଗ୍ରସ୍ତ ହେବାକୁ ଯାଉଛି ଓଡ଼ିଶା। କେନ୍ଦ୍ରର ଏପରି ଅନ୍ୟାୟପୂର୍ଣ୍ଣ ଆଚରଣକୁ ନେଇ ରାଜ୍ୟର ବିରୋଧୀ ଦଳଙ୍କଠାରୁ ଆରମ୍ଭ କରି ଜଳ ବିଶେଷଜ୍ଞ ଏବଂ ବିଭିନ୍ନ ସାମାଜିକ ସଂଗଠନ କ୍ଷୋଭ ପ୍ରକାଶ କରିଛନ୍ତି। ଚନ୍ଦ୍ରବାବୁ ନାଇଡୁଙ୍କ ଟିଡିପି ସହଯୋଗରେ କେନ୍ଦ୍ରରେ ବିଜେପି ସରକାର ଚଳାଉଛି। ତେଣୁ ନାଇଡଙ୍କୁ ଖୁସି କରିବାକୁ କେନ୍ଦ୍ର ସରକାର ଗୋଟିଏ ପରେ ଗୋଟିଏ ଓଡ଼ିଶା ବିରୋଧୀ ନିଷ୍ପତ୍ତି ନେଉଛନ୍ତି ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ ୨୦୦୩ ମସିହାରେ ଆନ୍ଧ୍ର ପ୍ରଦେଶର ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜଶେଖର ରେଡ଼ି ନେରେଡ଼ି ପ୍ରକଳ୍ପର ଶୁଭାରମ୍ଭ ▶ପୃଷ୍ଠା-୭






### କୂଅକୁ ଖସିଲା କାର୍

## ୬ ଶିଶୁଙ୍କ ସମେତ ପରିବାରର ୯ ମୃତ

■ ନାସିକ୍, ୪।୪ (ଏଜେନ୍ସି): ମହାରାଷ୍ଟ୍ରର ନାସିକ ଜିଲ୍ଲା ଅନ୍ତର୍ଗତ ଡିଣ୍ଡୋରୀ ସହରର ଶିବାଜୀ ନଗର ଅଞ୍ଚଳରେ ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ବଡ଼ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ କୂଅକୁ ଖସିପଡ଼ିବା ଫଳରେ ଗୋଟିଏ ପରିବାରର ୯ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୬ ଜଣ କୋମଳମତୀ ଶିଶୁ (୫ ଝିଅ ଓ ଜଣେ ପୁଅ) ସାମିଲ ଅଛନ୍ତି। ଏହି ପରିବାର ଏକ ବ୍ୟାଙ୍କୁଏଟ୍ ହଲ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ଓ ଭୋଜି ସାରି ଘରକୁ ଫେରୁଥିଲେ। ସେହି ସମୟରେ ହଲ୍ ନିକଟରେ ଥିବା ଏକ କୂଅରେ କାର୍‌ଟି ଭାରସାମ୍ୟ ହରାଇ ଖସିପଡ଼ିଥିଲା। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ଅଧରାତିରେ ଦୁଇଟି କ୍ରେନ୍ ଓ ପହଁରାଳିଙ୍କ ସାହାଯ୍ୟରେ କାର୍ ଓ ଲୋକଙ୍କୁ ବାହାର କରିଥିଲେ। ଡାକ୍ତରଖାନା ନେବା ବାଟରେ କିମ୍ବା ଚିକିତ୍ସାଧୀନ ଅବସ୍ଥାରେ ସମସ୍ତଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ଏହି ଘଟଣାର ଛାନଭିନ୍ କରୁଛି। ଅନ୍ଧାର ▶ପୃଷ୍ଠା-୭




## ଭଦ୍ରକରେ କାଳବୈଶାଖୀର ତାଣ୍ଡବ

# ଉପୁଡ଼ିଲା ଗଛ, ଭୁଶୁଡ଼ିଲା ଅପେରା ଟେଣ୍ଟ




ଭଦ୍ରକ/ଆରଡ଼ି, ୪।୪ (ସମିସ): ଶନିବାର ଅପରାହ୍ନରେ କାଳବୈଶାଖୀ ଝଡ଼ତୋଫାନରେ ବଡ଼ବଡ଼ ଗଛ ଉପୁଡ଼ି ପଡ଼ିବା ସହ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଛି। ଆଖଣ୍ଡଳମଣି-ଭଦ୍ରକ ମୁଖ୍ୟ ରାସ୍ତା ସହ ସମସ୍ତ ରାସ୍ତାରେ ବଡ଼ବଡ଼ ଗଛ ପଡ଼ି ରହିଥିବାରୁ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଛି। ସେହିପରି ଦୋହରାପାଟଣା ସହ ଅନେକ ସ୍ଥାନରେ ଅପେରା ଟେଣ୍ଟକୁ ପବନ ଉଡ଼ାଇ ନେଇଥିବାରୁ ଲକ୍ଷାଧିକ ଟଙ୍କାର ଜିନିଷପତ୍ର କ୍ଷୟକ୍ଷତି ଘଟିଛି। ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଉପୁଡ଼ି ପଡ଼ିଥିବାରୁ ଆରଡ଼ି, ନାନ୍ଦପୁର, ସୁନ୍ଦରପୁର, ଓଳଗ ଆଦି ୪ଟି ପଞ୍ଚାୟତର ୨୪ଟି ଗାଁରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିପରି ମଣ୍ଡିରେ ପଡ଼ି ରହିଥିବା ଧାନବସ୍ତା ବର୍ଷାରେ ଓଦା ହୋଇଯାଇଛି।

**୪ ପଞ୍ଚାୟତର ୨୪ ଗାଁରେ ବିଦ୍ୟୁତ୍ ବିଚ୍ଛିନ୍ନ**

# ୮ ତାରିଖ ଯାଏଁ ଜାରି ରହିବ କାଳବୈଶାଖୀ

## ଆଜି ୧୮ ଜିଲ୍ଲାରେ ପବନ, ବର୍ଷା ସହ ବିଜୁଳି ଆଶଙ୍କା

ଭୁବନେଶ୍ୱର,୪।୪(ସମିସ): ରାଜ୍ୟରେ କାଳବୈଶାଖୀ ପ୍ରଭାବରେ ଶନିବାର ବିଭିନ୍ନ ସ୍ଥାନରେ ପବନ ସହ ବର୍ଷା ହୋଇଥିବା ବେଳେ ଏହା ଗରମରୁ ରାଜ୍ୟବାସୀଙ୍କୁ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିଛି। ଆସନ୍ତା ୮ ତାରିଖ ଯାଏଁ କାଳବୈଶାଖୀ ଲାଗି ରହିବାକୁ ଥିବାବେଳେ ଏହାଦ୍ୱାରା ବିଭିନ୍ନ ସ୍ଥାନରେ ୪୦ରୁ ୫୦ କିମି ବେଗରେ ପବନ ସହ ବର୍ଷା ହେବ ବୋଲି ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ଏନେଇ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

କେନ୍ଦ୍ରର ସୂଚନା ଅନୁଯାୟୀ ରବିବାର ଗଞ୍ଜାମ, ଗଜପତି ଓ ରାୟଗଡା ଜିଲ୍ଲାରେ ୪୦ରୁ ୫୦ କିମି ବେଗରେ ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ ସ୍ଥାନେ ସ୍ଥାନେ ବିଜୁଳି ଓ ଘଡଘଡି ମଧ୍ୟ ଦେଖାଯାଇପାରେ। ସେଥିପାଇଁ ଉପରୋକ୍ତ ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ସୁନ୍ଦରଗଡ, ମୟୂରଭଞ୍ଜ, କେନ୍ଦୁଝର, ପୁରୀ, ଖୋର୍ଦ୍ଧା, ନୟାଗଡ, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରିରେ ୩୦ରୁ ୪୦ କିମି ବେଗରେ ପବନ ସହ ବର୍ଷା ଓ ବିଜୁଳି ସମ୍ଭାବନା ରହିଛି। ସୋମବାର କାଳବୈଶାଖୀର ପ୍ରଭାବ ବୃଦ୍ଧି ପାଇବା ସହ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ୪୦ରୁ ୫୦ କିମି ବେଗରେ ପବନ ବହିପାରେ। ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ବହିବାର ଆଶଙ୍କା ରହିଥିବା ନେଇ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯଇଛି।

# କରଞ୍ଜିଆ ଘୂର୍ଣ୍ଣିଝଡ଼ ମୃତ୍ୟୁସଂଖ୍ୟା ୪ରେ ପହଞ୍ଚିଲା



ବାରିପଦା/କରଞ୍ଜିଆ,୪।୪(ସମିସ): କରଞ୍ଜିଆ ଉପଖଣ୍ଡରେ ଘଟିଥିବା ଘୂର୍ଣ୍ଣିଝଡ଼ରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ଏଥିରେ ଗୁରୁତର ଆହତ ହୋଇ ଭୁବନେଶ୍ୱରସ୍ଥିତ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ସାଲରପଡ଼ା ଗ୍ରାମର ରାମ ମାଝୀ (୩୧)ଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ମୋଟ ମୃତ୍ୟୁ ସଂଖ୍ୟା ୪ରେ ପହଞ୍ଚିଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ସୂଚନା ମୁତାବକ, ଗତ ମାର୍ଚ୍ଚ ୧୫ ତାରିଖ ଅପରାହ୍ଣରେ କରଞ୍ଜିଆ ବ୍ଲକ୍ ବଳା ଓ ତାଟୋ ଦୁଇଟି ପଞ୍ଚାୟତର କିଆ, ପାନପୋଷି, ଡୁଭୁରିଆ, ବନ୍ଧସାହି, ତେନ୍ତୁଳିପୋଷି, ପୁରୁଣାପାଣି, ରଥିଆସାହି ଓ କଙ୍କଡାକୁ ମିଶାଇ ୮ଟି ଗ୍ରାମରେ ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଥିଲା। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩୮ଜଣ ଗୁରୁତର ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ଜଣଙ୍କର ମୃତ୍ୟୁ ହୋଇଥିଲା। ଏବେ ରାମ ମାଝୀ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାରେ ୨ ହଜାର ପାଖାପାଖି ଲୋକ ପ୍ରଭାବିତ ହୋଇଥିବା ବେଳେ ୨୯୮ଟି ଘର ଭାଙ୍ଗିଥିଲା।

# ଟ୍ରାକ୍ଟର୍-ବାଇକ୍ ମୁହାଁମୁହିଁ ଧକ୍କା; ୨ ମୃତ

ଧାମନଗର, ୪।୪ (ସମିସ): ଶନିବାର ସକାଳ ପ୍ରାୟ ସାଢ଼େ ୮ଟାରେ ଭଣ୍ଡାରିପଦୀ ଛକ ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଦୁଇଜଣ ନାବାଳକଙ୍କ ପ୍ରାଣହାନି ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛି। ମୃତାହତମାନେ ସ୍ଥାନୀୟ ହବିବ ନଗର ଅଞ୍ଚଳର। ମୃତକଦ୍ୱୟ ହେଲେ, ସେକ୍ କଲିମୁଦ୍ଦିନଙ୍କ ପୁଅ ସେକ୍ ଆରମାନ (୧୭) ଓ ସେକ୍ ତାଲୋଙ୍କ ପୁଅ ସେକ୍ ଆଜମେର (୧୭)। ସେହିପରି ଆହତ ନାବାଳକଜଣଙ୍କ ହେଲେ, ସେକ୍ ଅଏନୁଲଙ୍କ ପୁଅ ସେକ୍ ସାବିର (୧୭)। ଅବସ୍ଥା ସଂକଟାପନ୍ନ ହେବାରୁ ତାକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ସୂଚନାନୁଯାୟୀ, ୩ଜଣ ଯାକ ଏକ ବାଇକ୍‌ରେ ଯାଉଥିବା ବେଳେ ୧୬ ନମ୍ବର ଜାତୀୟ ରାଜପଥର ଧାମନଗର ଛକ-ଧାମନଗର ପୂର୍ତ୍ତ ରାସ୍ତାର ଭଣ୍ଡାରିପଦୀ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଲି ବୋଝେଇ ଟ୍ରାକ୍ଟର୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ସେକ୍ ଆରମାନ ଓ ସେକ୍ ଆଜମେର(୧୭)କୁ ମୃତ ଘୋଷଣା କରିଥିଲେ। ସେକ୍ ସାବିରର ଅବସ୍ଥା ସଂକଟାପନ୍ନ ହେବାରୁ ତାକୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ମୃତ୍ୟୁ ସହ ସଂଘର୍ଷ କରୁଛି। ଟ୍ରାକ୍ଟର୍ ଚାଳକ ସେକ୍ ଆସପାକ୍ ଫେରାର୍ ଥିବା ବେଳେ ଟ୍ରାକ୍ଟରକୁ ପୁଲିସ ହେପାଜତକୁ ନେଇଥିବା ଜଣାଯାଇଛି।

ଅନ୍ୟପକ୍ଷରେ, ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ରାସ୍ତା କାମ କରୁଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ମୃତ ପରିବାରଙ୍କୁ କ୍ଷତିପୂରଣ ଦାବିରେ ଧାମନଗର-ଭଦ୍ରକ ମୁଖ୍ୟ ରାସ୍ତାର ଟୋପିବାଲା ଛକଠାରେ ଶବକୁ ରାସ୍ତା ଉପରେ ରଖି ଅବରୋଧ କରିଥିଲେ। ଖବର ପାଇ ଧାମନଗର ଅତିରିକ୍ତ ତହସିଲଦାର ପଲ୍ଲୀଭାରତ ମହାଲିକ ଏବଂ ଥାନା ଅଧିକାରୀ ଶୁଭ୍ରଜିତ ଦାଶ ଓ ଅନ୍ୟ ଅଧିକାରୀ ସହ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧକାରୀ ଓ ମୃତକଙ୍କ ପରିବାରଙ୍କୁ ବୁଝାସୁଝା କରିଥିଲେ। ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।



**ଟ୍ରାକ୍ଟର ଚାଳକ ଫେରାର୍; କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ**

ସୂଚନାଯୋଗ୍ୟ, ଜାତୀୟ ରାଜପଥର ଧାମନଗର ଛକଠାରୁ ଧାମନଗର ଦୀର୍ଘ ୯କି.ମି ରାସ୍ତା ଏବେ ନିର୍ମାଣ ଚାଲିଛି। ଏହି ରାସ୍ତା କାର୍ଯ୍ୟକୁ ଟେଣ୍ଡର୍ ନେଇଥିବା ଠିକାଦାର ଅତି ବେପରୁଆ ଭାବେ ଧିମା ଗତିରେ ରାସ୍ତା ନିର୍ମାଣ କରୁଛନ୍ତି। ପ୍ରାୟ ୨୦ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟବରାଦରେ ନିର୍ମାଣାଧୀନ ଏହି ରାସ୍ତାରେ ନାନା ଅନିୟମିତତା ପରିଲକ୍ଷିତ ହେଉଥିବା ଅଭିଯୋଗ ହେଉଛି। ଦୁଇପଟକୁ ପ୍ରଶସ୍ତୀକରଣ ହେଉଥିବା ଏହି ରାସ୍ତା ଗୋଟିଏ ପଟ ଖୋଳାଯାଇ ବାଲି ଫିଲିଂ ହୋଇନଥିବା ବେଳେ ଅନ୍ୟପଟେ ଖୋଳାଯାଇ ବିପଦ ସୃଷ୍ଟି କରାଯାଇଛି। ଏଥିପାଇଁ ଏହି ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି।

# ଗଛ କାଟୁଥିବା ବେଳେ ଚାପିଦେଲା ଡାଳ; ଯୁବକ ମୃତ



କପ୍ତିପଦା, ୪।୪ (ସମିସ): ଶରତ ଥାନା ଅନ୍ତର୍ଗତ କଟୁରିଆ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗଛ କାଟୁଥିବା ବେଳେ ଚାପି ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଶାଣଦେଇ ଗ୍ରାମର କୁଅଁର ହାଁସଦା (୩୨)। ସେ ଗଛରେ ଚଢ଼ି ଡାଳ କାଟୁଥିବା ବେଳେ ଉପରେ ଆଉ ଏକ ଡାଳ ପଡ଼ିଯାଇଥିଲା। ଫଳରେ ସେ ଗଛ ସନ୍ଧିରେ ଚାପି ହୋଇ ୨୦ଫୁଟ୍ ଉପରେ ଏକ ଘଣ୍ଟା ଝୁଲି ରହିଥିଲେ। ଏଥିରେ କୁଅଁରଙ୍କ ମୃତ୍ୟୁ ହୋଇଯାଇଥିଲା। ସୂଚନା ମୁତାବକ, ଶାଣଦେଇ ଗ୍ରାମର କୁଅଁର କଟୁରିଆ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଗଛ କାଟିବା ପାଇଁ ଚଢ଼ିଥିଲେ। ଗଛର ଡାଳ କାଟିବା ପରେ ହଠାତ୍ ଉକ୍ତ ଗଛ ଉପରେ ପଡ଼ି ରହିଥିବା ଅନ୍ୟ ଏକ ଡାଳ କୁଅଁରଙ୍କ ଉପରେ ଚାପି ହୋଇରହିଥିଲା। ପ୍ରାୟ ୨୦ ଫୁଟ୍ ଉପରେ ସେ ଝୁଲନ୍ତା ଅବସ୍ଥାରେ ରହିଥିବା ଦେଖି ଦମକଳ ବିଭାଗକୁ ଖବର ଦିଆଯାଇଥିଲା। କପ୍ତିପଦା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି କୁଅଁରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରାଜ୍ୟସ୍ତରୀୟ ଶିଶୁ ବାଟିକା ପ୍ରବେଶ ଉତ୍ସବ

# ପିଲାଙ୍କୁ ଖଡ଼ି ଛୁଆଁ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୪।୪ (ସମିସ): ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଖଡ଼ି ଛୁଆଁଇ ବିଦ୍ୟାରମ୍ଭ କରିଛନ୍ତି। ରାଜ୍ୟର ପ୍ରତି ଗାଁ ଓ ଗଳିକନ୍ଦିରେ ବିଦ୍ୟାରମ୍ଭ ପର୍ବକୁ ଉତ୍ସବ ଭାବେ ପାଳନ କରାଯାଉଛି ଏବଂ ଏହାଦ୍ୱାରା ପିଲାଙ୍କ ସମେତ ଅଭିଭାବକଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି ହେଉଥିବା ସେ କହିଛନ୍ତି। ପିଲାମାନଙ୍କୁ ଖଡ଼ି ଓ ସିଲଟରେ ମା' ଓ ବାପା ଶବ୍ଦ ଲେଖାଇବା ସହ ପିଲାଙ୍କ ମନ କଥା ପଚାରି ବୁଝିଛନ୍ତି। ପିଲାମାନଙ୍କୁ ଶିକ୍ଷା ସହାୟତା ସାମଗ୍ରୀ କିଟ୍ ପ୍ରଦାନ କରିଛନ୍ତି। ଖଡ଼ିଛୁଆଁ ଆମ ଓଡ଼ିଆ ସଂସ୍କୃତିରେ ଏକ ପବିତ୍ର ପରମ୍ପରା। ପିଲାଙ୍କ ନାମଲେଖା ହାରକୁ ବ୍ୟାପକ କରିବା ଲକ୍ଷ୍ୟରେ ଗତବର୍ଷଠାରୁ ସରକାରୀସ୍ତରରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। କୌଣସି ବି ଶିଶୁ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତୁ, ତାହା ସୁନିଶ୍ଚିତ କରିବା ପାଇଁ ଏହି ଉତ୍ସବ ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ବିଧାୟକ ବାବୁ ସିଂ, ପ୍ରଶାନ୍ତ କୁମାର ଜଗଦେବ ଓ ଅନନ୍ତ ନାରାୟଣ ଜେନା, ମେୟର୍ ସୁଲୋଚନା ଦାସ, ସମାଜସେବୀ ଜଗନ୍ନାଥ ପ୍ରଧାନ, ବିଭାଗୀୟ ସଚିବ ଏନ୍. ଥିରୁମାଲା ନାୟକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

### ଖରାରେ ସିଝିଲେ ଛାତ୍ରଛାତ୍ରୀ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ବଢୁଥିବାରୁ ସମସ୍ତ ବିଦ୍ୟାଳୟରେ ସକାଳୁଆ ପାଠପଢ଼ା କରାଯାଇଛି। ସକାଳ ସାଢ଼େ ୧୦ଟାରେ ବିଦ୍ୟାଳୟ ଛୁଟି କରିବା ସହିତ ଖରା ସଂସ୍ପର୍ଶରେ ଛାତ୍ରଛାତ୍ରୀମାନେ ଯେପରି ନ ଆସିବେ, ସେଥିପାଇଁ ପଦକ୍ଷେପ ନେବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଖଡ଼ିଛୁଆଁ ଉତ୍ସବରେ ଏହାର ଧଜିଆ ଉଡ଼ିଛି। ବିଦ୍ୟାଳୟ ଛୁଟି ହେବା ସମୟ ଅର୍ଥାତ୍ ପାଖାପାଖି ସାଢ଼େ ୧୦ଟାରେ କାର୍ଯ୍ୟକ୍ରମ ଆରମ୍ଭ ହୋଇ ସାଢ଼େ ୧୧ଟାରେ ଶେଷ ହୋଇଥିଲା। କୋମଳମତି ଶିଶୁଙ୍କ ସମେତ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଖରାରେ ଦହଗଞ୍ଜ ହୋଇଥିଲେ। ଏପରିକି, ମୁଖ୍ୟମନ୍ତ୍ରୀ ମଞ୍ଚରେ ଭାଷଣ ଦେଉଥିବା ବେଳେ ଛାତ୍ରଛାତ୍ରୀମାନେ ଖରାରେ ଖେଳୁଥିଲେ ମଧ୍ୟ ଶିକ୍ଷକ ବା ଅଧିକାରୀଙ୍କ ନଜର ପଡ଼ିନଥିଲା। ଏହାକୁ ନେଇ ବିରୋଧୀ ଦଳ କଟାକ୍ଷ କରିଛନ୍ତି। କଂଗ୍ରେସ ମୁଖପାତ୍ର ବିଭୂତି ଭୂଷଣ ମହାପାତ୍ର ଏକ୍ସରେ ପୋଷ୍ଟ କରି କୋମଳମତି ଶିଶୁଙ୍କ ଜୀବନ ସହ ଏହା ଖେଳ ବୋଲି ଅଭିଯୋଗ କରିଛନ୍ତି। ଖରାଦିନେ ଶିଶୁଙ୍କ ସୁରକ୍ଷା ନେଇ ସମସ୍ତେ କିପରି ବେଫିକର୍ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଶିଶୁବାଟିକାରେ ମିଶିବ ଅଙ୍ଗନୱାଡ଼ି

ଭୁବନେଶ୍ୱର, ୪।୪ (ସମିସ): ଶିଶୁବାଟିକାରେ ମିଶିବ ଅଙ୍ଗନବାଡ଼ି କେନ୍ଦ୍ର। ପର୍ଯ୍ୟାୟକ୍ରମେ ଶିଶୁବାଟିକାରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ମିଶ୍ରଣ କରାଯିବ ବୋଲି ରାଜ୍ୟସ୍ତରୀୟ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ପ୍ରତି ଗାଁରେ ମଡେଲ ସ୍କୁଲ ଖୋଲାଯିବ। ୫ ଏକର ଜାଗାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ସ୍କୁଲ ନିର୍ମାଣ ହେବ। ୬ କୋଟି ଟଙ୍କା ବ୍ୟୟଅଟକଳରେ ଏହି ବିଦ୍ୟାଳୟଗୁଡ଼ିକ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି।

# ମହିଳାଙ୍କୁ ହତ୍ୟା କରି ଜଙ୍ଗଲରେ ଫୋପାଡ଼ିଦେଲେ

ତୁରୁମୁଙ୍ଗା, ୪।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ବ୍ଲକ୍ ଦାମାହୁଦା ପଞ୍ଚାୟତ ସୁନାପଶି ଗାଁ ନିକଟ ଜଙ୍ଗଲରୁ ଶନିବାର ଗୋଟିଏ ମଣିଷ ଖପୁରି ସହ କିଛି ହାଡ଼ ଜବତ ହୋଇଛି। ଜଙ୍ଗଲରେ ହାଡ଼ ଓ ଖପୁରି ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ପୁଲିସକୁ ସୂଚନା ଦେଇଥିଲେ। ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଖପୁରି ନିକଟରୁ ଗୋଟିଏ ଶାଢ଼ି ଓ ଏକ ବ୍ୟାଗ୍ ମଧ୍ୟ ଜବତ ହୋଇଛି। ଏହା ଜଣେ ମହିଳାଙ୍କ ଖପୁରି ଓ ହାଡ଼ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଛି। କେହି ଦୁର୍ବୃତ୍ତ ମହିଳାଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବା ପାଇଁ ଶବକୁ ଜଙ୍ଗଲରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।

ଅନ୍ୟପକ୍ଷରେ, ବନବୀର ଗ୍ରାମର ସାଲଗେମ ମାଝୀ ୨୨ଦିନ ହେବ ନିଖୋଜ ଥିବା ନେଇ ଝିଅ ଘୁମି ମାଝୀ ଅଭିଯୋଗ କରିଥିଲେ। ଏହି ଖପୁରି ଓ ହାଡ଼ ତାଙ୍କ ମା' ସାଲଗେମ ମାଝିଙ୍କ ବୋଲି ଘୁମି ପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଜବତ ଖପୁରି ଓ ହାଡ଼କୁ ଡିଏନ୍ଏ ଟେଷ୍ଟ ପାଇଁ ପୁଲିସ ପଠାଇଛି। ମାଜିଷ୍ଟ୍ରେଟ୍ ଭାବେ ସାହାରପଡ଼ା ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଡାକ୍ତର ଶୁଭେନ୍ଦୁ ସାଗର ନାଏକ, ପାଟଣା ଥାନାଧିକାରୀ କିରଣ ପ୍ରସାଦ ସାହୁ, ଏସ୍ଆଇ ଲକ୍ଷ୍ମଣ ମାଝୀ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୁଣ୍ଡ ଖପୁରି ଗୋଡ଼ ହାଡ଼କୁ ଜବତ କରିଛନ୍ତି। ମୃତକଙ୍କ ପରିଚୟ ଓ ଘଟଣାର ସତ୍ୟତା ଜାଣିବାକୁ ପୁଲିସ ତଦନ୍ତକୁ ଜୋରଦାର୍ କରିଛି।

- ଖପୁରି, ହାଡ଼ ଜବତ ପରେ ତନାଘନା ଆରମ୍ଭ
- ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ କରୁଛି ପୁଲିସ
- ନିଖୋଜ ମହିଳାଙ୍କ ଝିଅ ଦେଲେ ଏତଲା



# ପର୍ଯ୍ୟଟକଙ୍କ ପସନ୍ଦ ଡେବ୍ରିଗଡ଼

## ୨୦୨୫-୨୬ରେ ଦେଢ଼ ଲକ୍ଷ ପର୍ଯ୍ୟଟକ , ୬ କୋଟି ରାଜସ୍ୱ

ସମ୍ବଲପୁର, ୪।୪ (ସମିସ): ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ। ଡେବ୍ରିଗଡ଼ ଇକୋ-ଟୁରିଜିମ୍ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ୬.୦୨ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛି। ଏହାସହ ୧.୪ଲକ୍ଷ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି। ଗତ ଆର୍ଥିକ ବର୍ଷ ୨୦୨୪-୨୫ରେ ୮୫ ହଜାର ପର୍ଯ୍ୟଟକ ଆସିଥିବା ବେଳେ ୫.୦୧ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହୋଇଥିଲା। ଚଳିତ ଆର୍ଥିକ ବର୍ଷରେ ୫୦ ପ୍ରତିଶତ ପର୍ଯ୍ୟଟକ ଓଡ଼ିଶାର ହୋଇଥିବା ବେଳେ ବାକି ୫୦ ପ୍ରତିଶତ ଭାରତର ବିଭିନ୍ନ ପ୍ରାନ୍ତ ଏବଂ ଆମେରିକା, ବ୍ରିଟେନ୍, ଫ୍ରାନ୍ସ, ଇଟାଲୀ, କାନାଡା, ଜର୍ମାନୀ, ସ୍ପେନ୍, ବ୍ରାଜିଲ୍ ଆଦି ଦେଶରୁ ଆସିଥିବା ହୀରାକୁଦ ବନ୍ୟପ୍ରାଣୀ ବିଭାଗର ଡିଏଫଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

୨୫-୨୬ର ନୂତନ ଆକର୍ଷଣ ଦୁଇଟି ସ୍ୱତନ୍ତ୍ର ସୁବିଧା ଆରମ୍ଭ ହୋଇଛି। ଜଙ୍ଗଲ ଭିତରେ ହୋମ-ଷ୍ଟେ' ଓ ପକ୍ଷୀ ନିରୀକ୍ଷଣ ପାଇଁ ଏକ ସ୍ୱତନ୍ତ୍ର ୨ କିଲୋମିଟର ଲମ୍ବା ରାସ୍ତା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଛି। ଏଠାରେ ପର୍ଯ୍ୟଟକମାନେ ସହଜରେ ଭାରତୀୟ ବାଇସନ୍ (ଗୟଳ), କଳରାପତରିଆ ବାଘ, ବଲୁଆ କୁକୁର, ସମ୍ବର, ଚିତ୍ରା ମୃଗ, ଭାଲୁ, ବରାହ ଏବଂ ମୟୂର ସହ ଅନେକ ବିରଳ ପକ୍ଷୀ ଦେଖିବାର ସୁଯୋଗ ପାଉଛନ୍ତି। ରହିବା ପାଇଁ ୨୫ଟି ରୁମ୍, ହୀରାକୁଦ କ୍ରୁଜ୍, ବ୍ୟାଟ୍ ଆଇଲ୍ୟାଣ୍ଡ, କ୍ୟାଟଲ୍ ଆଇଲ୍ୟାଣ୍ଡ ଓ ସନସେଟ୍ ଆଇଲ୍ୟାଣ୍ଡ, ଆଇଲ୍ୟାଣ୍ଡ କାଫେ, ଜଙ୍ଗଲ ସଫାରୀ, ହାଇକିଂ (୨ ରୁ ୨୦ କିମି), ଟ୍ରେକିଂ ଓ କ୍ୟାମ୍ପିଂ, କାୟାକିଂ, ସାଇକେଲିଂ, ବନ୍ୟପ୍ରାଣୀ ଲାଇବ୍ରେରୀ ଏବଂ ଫଟୋଗ୍ରାଫି ଟୁର୍‌ର ମଜା ଉଠାଇ ପାରୁଛନ୍ତି।

ଡେବ୍ରିଗଡ଼ ଇକୋଟୁରିଜିମ୍, ଇକୋ-ଟୁରିଜିମ୍ ସଂରକ୍ଷଣ ଏବଂ ସମ୍ପ୍ରଦାୟ କଲ୍ୟାଣ ମଧ୍ୟରେ ଏକ ଶକ୍ତିଶାଳୀ ସେତୁ ଭାବରେ ଉଭା ହୋଇଛି। ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟ ପାଇଁ ଏହା ପ୍ରାକୃତିକ ସମ୍ପଦ ଉପରେ ଚାପ ହ୍ରାସ କରିବା ସହ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିଛି। ବିଭିନ୍ନ ଗ୍ରାମର ପ୍ରାୟ ୧୨୦ ପରିବାର ବର୍ତ୍ତମାନ ଗାଇଡ୍, ସଫାରି ଡ୍ରାଇଭର, ଡଙ୍ଗା ପରିଚାଳକ, ହୋମ-ଷ୍ଟେ' ହୋଷ୍ଟ ଏବଂ ପରିବେଶ ଅନୁକୂଳ ସୁବିଧାରେ କର୍ମଚାରୀ ଭାବରେ ସକ୍ରିୟ ଭାବରେ ନିୟୋଜିତ ଅଛନ୍ତି। ବିଶେଷକରି, ମହିଳା ଏବଂ ଯୁବପିଢ଼ି ଘର ପାଖରେ ଅର୍ଥପୂର୍ଣ୍ଣ ନିଯୁକ୍ତି ପାଉଛନ୍ତି, ଯାହା ଆର୍ଥିକ ସ୍ଥିରତା ଏବଂ ସାମାଜିକ ସଶକ୍ତୀକରଣକୁ ସୁଦୃଢ଼ କରୁଛି। ସମ୍ପ୍ରଦାୟର ୪୦ ପ୍ରତିଶତ ସଦସ୍ୟ ମହିଳା ସଫାରି ଡ୍ରାଇଭର୍, ଇକୋ-ଗାଇଡ୍ ଭାବେ ନିୟୋଜିତ ଅଛନ୍ତି। ଆସନ୍ତା ଗ୍ରୀଷ୍ମଋତୁ ଶେଷ ସୁଦ୍ଧା ଡେବ୍ରିଗଡ଼ ଇକୋ-ଟୁରିଜମ୍‌ରେ ୩୨ଟି ନୂଆ କଟେଜ୍, କାନୋପି-ୱାକ୍ ସଫାରି ଓ କ୍ରୁଜ୍ ପାଇଁ ନୂତନ ଗାଡ଼ି ଓ ନୌକାର ବ୍ୟବସ୍ଥା କରାଯିବ ବୋଲି ଡିଏଫଓ କହିଛନ୍ତି।




- ବନ୍ୟପ୍ରାଣୀ ସହ ଜଙ୍ଗଲ ହୋମ ଷ୍ଟେ ଆକର୍ଷଣ ବିନ୍ଦୁ
- ଏ ବର୍ଷ ହେବ କେନୋପି ୱାକ୍ ସହ ୩୨ ନୂଆ କଟେଜ୍

# ପରିବର୍ତ୍ତିତ ସମୟ ସହ ନିଜକୁ ନିରନ୍ତର ରୂପାନ୍ତରିତ କର: ରାଜ୍ୟପାଳ

**ସମ୍ବଲପୁର, ୪।୪ (ସମିସ)**

ଶିକ୍ଷା କେବଳ ଡିଗ୍ରୀ ହାସଲ କରିବା ନୁହେଁ, ବରଂ ଏହା ସମାଜ ଓ ଦେଶ ଗଠନରେ ନିଜର ଦାୟିତ୍ୱକୁ ବୁଝିବା ପାଇଁ ଏକ ମାଧ୍ୟମ। ଆଗାମୀ ଦିନରେ କେବଳ ଚାକିରି ପଛରେ ନ ଗୋଡ଼ାଇ ଉଦ୍ୟୋଗୀ ହୋଇ ନିଯୁକ୍ତିଦାତା ହେବାକୁ ଛାତ୍ରଛାତ୍ରୀ ଉଦ୍ୟମ କରିବା ଉଚିତ। କୋଭିଡ ସମୟର ଆହ୍ୱାନ ଏବଂ ସେଥିରୁ ଟେକ୍ନୋଲୋଜିର କିପରି ସଠିକ୍ ବ୍ୟବହାର କରି ସମସ୍ୟାର ସମାଧାନ କରାଯାଇପାରିବ ତାହା ଶିକ୍ଷା ମିଳିଥିଲା ବୋଲି ସ୍ନାତକ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଆଇଆଇଏମ୍ ସମ୍ବଲପୁରର ଦଶମ ବାର୍ଷିକ ସମାବର୍ତ୍ତନ ଉତ୍ସବର ମୁଖ୍ୟଅତିଥି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ମତବ୍ୟକ୍ତ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଆଇଆଇଏମ ସମ୍ବଲପୁର ହେଉଛି ସାଂସ୍କୃତିକ ଐତିହ୍ୟ ଓ ଶିକ୍ଷାରେ ଆଧୁନିକ ପ୍ରଯୁକ୍ତିବିଦ୍ୟାର ଏକ ଅନନ୍ୟ ସମ୍ମିଶ୍ରଣ, ଯାହା ନବସୃଜନ, ଅନ୍ତର୍ଭୁକ୍ତୀକରଣ ଓ ଶିକ୍ଷାଗତ ଉତ୍କର୍ଷକୁ ପ୍ରତିଫଳିତ କରୁଛି। ପରାଗ ଅଗ୍ରୱାଲ ଓ 'ନୋକିଆ' ଭଳି ଉଦାହରଣ ଦେଇ ସେ ସଫଳତା ଓ ବିଫଳତା ମଧ୍ୟରେ ଥିବା ସୂକ୍ଷ୍ମ ପାର୍ଥକ୍ୟକୁ ବୁଝାଇଥିଲେ ଏବଂ ପରିବର୍ତ୍ତିତ ପରିସ୍ଥିତି ସହ ନିଜକୁ ଖାପଖୁଆଇ ଚଳିବାକୁ କହିଥିଲେ। ଛାତ୍ରଛାତ୍ରୀ ମାନଙ୍କୁ ପରିବର୍ତ୍ତିତ ସମୟ ସହିତ ନିଜକୁ ନିରନ୍ତର ରୂପାନ୍ତରିତ ଓ ଅପଡେଟ୍ କରିବାକୁ ଅନୁରୋଧ କରିଥିଲେ। କାରଣ ଯଦି ଆମେ ସମୟ ସହିତ ପରିବର୍ତ୍ତନ ହେବାକୁ ମନା କରିବା ତେବେ ସଫଳତା କେବେବି ସ୍ଥାୟୀ ବୋଲି କହି ହେବନାହିଁ ବୋଲି ରାଜ୍ୟପାଳ ଡକ୍ଟର କମ୍ଭମପାଟି ମତ ପ୍ରକାଶ କରିବାସହ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅବଦାନ ଓ ନୂତନ ଶିକ୍ଷା ନୀତିର ସଫଳ ରୂପାୟନ ବିଷୟରେ ମଧ୍ୟ ସୂଚନା ଦେଇଥିଲେ। ସମାବର୍ତ୍ତନ ଉତ୍ସବରେ ଆଡୋବ ଇଣ୍ଡିଆର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରତିଭା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ଆଇଆଇଏମ ସମ୍ବଲପୁରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଚନ୍ଦନ ଚୌଧୁରୀ ଓ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ପ୍ରସାଦ ଜୟସ୍ୱାଲ ଉପସ୍ଥିତ ଥିଲେ।

ସମ୍ମାନିତ ଅତିଥି ଆଡୋବ ଇଣ୍ଡିଆର ଉପାଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପ୍ରତିଭା ମହାପାତ୍ର କହିଛନ୍ତି ଯେ, ଗତ ତିନି ବର୍ଷ ମଧ୍ୟରେ ବିଶ୍ୱ ପରିବର୍ତ୍ତିତ ହୋଇଛି। ଅସ୍ଥିରତା, ଅନିଶ୍ଚିତତା, ଜଟିଳତା ଓ ଅସ୍ପଷ୍ଟତା (ଭିୟୁସିଏ) ପରିବେଶରୁ ବିଏଏନଆଇ, ଯାହା ହେଉଛି ଭଙ୍ଗୁର, ଉଦ୍‌ବିଗ୍ନ, ଅଣ-ରୈଖିକ ଓ ପ୍ରାୟତଃ ଦୁର୍ବୋଧ ହୋଇଛି। ସେ ଆଇଆଇଏମ ସମ୍ବଲପୁରର ସୁନ୍ଦର କ୍ୟାମ୍ପସ ଏବଂ ଏହାର ଶିକ୍ଷାଗତ ନବସୃଜନକୁ ସ୍ୱୀକାର କରିବା ସହ ପ୍ରଶଂସା କରିଥିଲେ।




**ଆଇଆଇଏମ୍ ସମ୍ବଲପୁରର ବାର୍ଷିକ ସମାବର୍ତ୍ତନ ଉତ୍ସବ**

ଆଇଆଇଏମ୍ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ କହିଛନ୍ତି ଯେ, ୨୦୨୫-୨୬ ବର୍ଷ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି, ଅନ୍ତର୍ଭୁକ୍ତିକରଣ ଓ ଶିକ୍ଷାଗତ ସ୍ୱତନ୍ତ୍ରତାର ଏକ ସମୟ ଥିଲା, ଯେଉଁଥିରେ ଅନୁଷ୍ଠାନ ଏନ୍‌ଆଇଆରଏଫ୍ ୨୦୨୫ ମାନ୍ୟତାରେ ୧୬ଟି ସ୍ଥାନ ଉପରକୁ ଉଠି ଭାରତର ଅଗ୍ରଣୀ ବି-ସ୍କୁଲଗୁଡ଼ିକ ମଧ୍ୟରେ ନିଜର ସ୍ଥାନକୁ ଉନ୍ନୀତ କରିଛି। ଆଇଆଇଏମ ସମ୍ବଲପୁର ଏହାର 'ଏଆଇ' ସକ୍ଷମ ଶ୍ରେଣୀ ଶିକ୍ଷା ଯୋଗୁଁ ଶିକ୍ଷାଗତ ନବସୃଜନ କ୍ଷେତ୍ରରେ ହାର୍ଭାର୍ଡ ବିଜନେସ ସ୍କୁଲ ସହିତ ବିଶ୍ୱସ୍ତରରେ ସ୍ଥାନ ପାଇପାରିଛି। ଆଇଆଇଏମ ସମ୍ବଲପୁରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଚନ୍ଦନ ଚୌଧୁରୀ କହିଛନ୍ତି ଯେ, ବାଲିଠାରେ ଏକ ବିଶ୍ୱସ୍ତରୀୟ ମଞ୍ଚରେ ହାର୍ଭାର୍ଡ ବିଜନେସ ସ୍କୁଲ ସହିତ ଆଇଆଇଏମ ସମ୍ବଲପୁରର ସ୍ୱୀକୃତି, ଆନ୍ତର୍ଜାତୀୟ ମାନ୍ୟତା ସିଇଓ, ଏଏମବିଏ ଦ୍ୱାରା ପ୍ରତିଫଳିତ ହୋଇଛି। ଏହା ଅନୁଷ୍ଠାନର ଉଲ୍ଲେଖନୀୟ ରୂପାନ୍ତରଣ ଓ ପ୍ରଫେସର ମହାଦେଓ ଜୟସ୍ୱାଲଙ୍କ ନେତୃତ୍ୱରେ ପରିଚାଳନା ଶିକ୍ଷାରେ 'ଏଆଇ'କୁ ଏକୀକୃତ କରିବାର ଅଗ୍ରଣୀ ପ୍ରୟାସକୁ ଦର୍ଶାଉଛି।

ସମାବର୍ତ୍ତନ ଉତ୍ସବ କାର୍ଯ୍ୟକ୍ରମରେ ସର୍ବାଙ୍ଗୀନ ସର୍ବୋତ୍କୃଷ୍ଟ ପ୍ରଦର୍ଶନ ପାଇଁ ଅଧ୍ୟକ୍ଷ ଓ ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣପଦକ ରାଜ୍ୟପାଳ ଓ ଅତିଥିମାନେ ପ୍ରଦାନ କରିଥିଲେ। ଉତ୍ସବରେ ୫ଟି ପାଠ୍ୟକ୍ରମର ୪୧୬ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଏହି ବ୍ୟାଚ୍‌ରେ ୭୬% ମହିଳା ସ୍ନାତକ ଥିବା ଏମବିଏ ବ୍ୟାଚ୍ (୨୦୨୪-୨୬)ରୁ ୩୧୪ ଜଣ, ଏକଜିକ୍ୟୁଟିଭ ଏମବିଏ ବ୍ୟାଚ (୨୦୨୩-୨୫)ରୁ ୩୯ ଜଣ, ଏକଜିକ୍ୟୁଟିଭ ଏମବିଏ ବ୍ୟାଚ (୨୦୨୪-୨୬)ରୁ ୩୬ ଜଣ, କାର୍ଯ୍ୟରତ ପେସାଦାରଙ୍କ ପାଇଁ ଏକଜିକ୍ୟୁଟିଭ୍ ଏମବିଏ (୨୦୨୪-୨୬) ବ୍ୟାଚରୁ ୧୭ ଜଣ, କାର୍ଯ୍ୟରତ ପେସାଦାରଙ୍କ ପାଇଁ ୫ ଜଣ ପିଏଚଡି ଓ ୫ ଜଣ ପିଏଚଡି ସ୍କଲାର ଅନ୍ତର୍ଭୁକ୍ତ ଥିଲେ।

## ୯ ଜଣଙ୍କୁ ସ୍ୱର୍ଣ୍ଣ

**ସମ୍ବଲପୁର, ୪।୪ (ସମିସ) :** ଆଇଆଇଏମ୍ ସମ୍ବଲପୁରର ଦଶମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ରାଜ୍ୟପାଳ ଡ. ହରିବାବୁ କୁମ୍ଭମପଟି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ୯ ଜଣ ଛାତ୍ରଛାତ୍ରୀଙ୍କୁ ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ସ୍ୱର୍ଣ୍ଣପଦକ ପ୍ରଦାନ କରିଛନ୍ତି। ସେମାନେ ହେଲେ - ଅଧ୍ୟକ୍ଷଙ୍କ ସ୍ୱର୍ଣ୍ଣ ପଦକ ଶ୍ରୀଜନ ଚକ୍ରବର୍ତ୍ତୀ (ଏମବିଏ ବ୍ୟାଚ ୨୦୨୪-୨୬), ବର୍ଷା ସମୀର ମେହେର (ପୂର୍ବ ଏମବିଏ ବ୍ୟାଚ୍ ୨୦୨୩-୨୫), ପ୍ରିୟଙ୍କା ରଥ (ପୂର୍ବ ଏମବିଏ ବ୍ୟାଚ୍ ୨୦୨୪-୨୬) ଏବଂ ଅଲୱିନ ଫ୍ରାନ୍ସିସ୍ (ଏମବିଏ ଡବ୍ଲ୍ୟୁପି ବ୍ୟାଚ୍ ୨୦୨୪-୨୬)ଙ୍କୁ ପ୍ରଦାନ କରାଯାଇଛି। ନିର୍ଦ୍ଦେଶକଙ୍କ ସ୍ୱର୍ଣ୍ଣ ପଦକ ଚିରାଗ କୁନ୍ଦ୍ରା (ଏମବିଏ ବ୍ୟାଚ୍ ୨୦୨୪-୨୬), ଏସକେ ଆଫତାବୁଦ୍ଦିନ ମହମ୍ମଦ (ପୂର୍ବ ଏମବିଏ ବ୍ୟାଚ୍ ୨୦୨୩-୨୫), ରାଜକିଶୋର କର (ପୂର୍ବ ଏମବିଏ ବ୍ୟାଚ୍ ୨୦୨୪-୨୬) ଏବଂ ଆଲୋକ ଶୁକ୍ଳା (ଏମବିଏ ଡବ୍ଲ୍ୟୁପି ବ୍ୟାଚ୍ ୨୦୨୪-୨୬)ଙ୍କୁ ପ୍ରଦାନ କରାଯାଇଛି। ସର୍ବୋତ୍ତମ ସର୍ବାଙ୍ଗୀନ ପ୍ରଦର୍ଶନ ପାଇଁ ଆଇଆଇଏମ ସମ୍ବଲପୁର ସ୍ୱର୍ଣ୍ଣ ପଦକ ମାନ୍ୟା ସିଂ (ଏମବିଏ ବ୍ୟାଚ୍ ୨୦୨୪-୨୬)ଙ୍କୁ ପ୍ରଦାନ କରାଯାଇଛି।

## 'ଏଆଇ'କୁ ନେଇ ମାନସିକତା ବଦଳାଇବାକୁ ପଡ଼ିବ: ଶ୍ରୀଜନ

ଏମ୍‌ବିଏ ବ୍ୟାଚ୍ ୨୦୨୪-୨୬ର ଟପ୍ପର ଶ୍ରୀଜନ ଚକ୍ରବର୍ତ୍ତୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, କିଛିବର୍ଷ ପାଇଁ ଚାକିରୀ କରିବାପରେ ସେ ତାଙ୍କ ନିଜ ଷ୍ଟାର୍ଟଅପ୍ ଆରମ୍ଭ କରିବେ। ଜବ୍ ସିକର୍ ନହୋଇ ଜବ୍ ଗିଭର୍ ହେବାପାଇଁ ଚେଷ୍ଟା କରିବି। ଆମେ ଭାବୁଛୁ ଯେ 'ଏଆଇ' ଆମର ଚାକିରୀ ନେଇ ଯାଉଛି, କିନ୍ତୁ ଆମକୁ ଆମ ମାନସିକତା ବଦଳେଇବାକୁ ପଡ଼ିବ। ଆମେ 'ଏଆଇ' ସହିତ / 'ଏଆଇ'କୁ ବ୍ୟବହାର କରି ଆମ କାମକୁ ଆହୁରି ସହଜ କରିପାରିବୁ ସେଭଳି ମାନସିକତା ରହିବା କଥା। ଶ୍ରୀଜନ କଲିକତାର ହୋଇଥିବାବେଳେ ପୂର୍ବରୁ ସେ ସମ୍ବଲପୁର ଆସିନଥିଲେ ଏବଂ ସମ୍ବଲପୁର ସହର ସାମଗ୍ରିକ ଭାବେ ତାଙ୍କୁ ବହୁତ ଭଲ ଲାଗିଲା ବୋଲି କହିଥିଲେ।

## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ରେଢ଼ାଖୋଲ, ୪।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଲୁହାପଙ୍କ ପଞ୍ଚାୟତ ବେତଗଡ଼ ଗ୍ରାମରେ ଶନିବାର ଦିନ ଅପରାହ୍ନରେ ଗାଧୋଇବାକୁ ଯାଇ ପାଣିରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ବେତଗଡ଼ଗ୍ରାମର ପୁରୁଷୋତ୍ତମ ପାତ୍ର(୨୧)। ସୂଚନା ଯୋଗ୍ୟ ଯେ ବେତଗଡ଼ଗ୍ରାମର ବସନ୍ତ ପାତ୍ରଙ୍କ ପୁତ୍ର ପୁରୁଷୋତ୍ତମ ଅପରାହ୍ନରେ ଗ୍ରାମର ଏକ ନାଳକୁ ସାଙ୍ଗମାନଙ୍କ ସହିତ ଗାଧୋଇବା ପାଇଁ ଯାଇଥିଲେ ହେଲେ ଅସାବଧାନତା ଯୋଗୁଁ ପାଣିରେ ବୁଡି ଯାଇଥିଲେ। ଖବର ପାଇ ପରିବାର ଲୋକେ ନାଳରୁ ପୁରୁଷୋତ୍ତମକୁ ଉଦ୍ଧାର କରି ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ପୋଲିସ ପହଞ୍ଚି ଶବଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ହୀରାକୁଦ ସମସ୍ୟା ନେଇ ଆୟୁକ୍ତଙ୍କୁ ଅଭିଯୋଗ

**ସମ୍ବଲପୁର, ୪।୪ (ସମିସ):** ହୀରାକୁଦର ଏକ ପ୍ରତିନିଧି ଦଳ ସମାଜସେବୀ କାର୍ତ୍ତିକ କଲେତଙ୍କ ନେତୃତ୍ୱରେ ହୀରାକୁଦ ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ସମ୍ବନ୍ଧରେ ସମ୍ବଲପୁର ମହାନଗର ନିଗମ କମିଶନରଙ୍କୁ ଭେଟି ଆଲୋଚନା କରିଥିଲେ। କମିଶନର ମଧ୍ୟ ଏହି ସମସ୍ୟାଗୁଡିକୁ ଗୁରୁତ୍ୱର ସହିତ ନେଇ ପ୍ରତ୍ୟେକ ୱାର୍ଡର ସମସ୍ୟାଗୁଡିକୁ ଲିଖିତ ଭାବରେ ଦେବାକୁ ଅନୁରୋଧ କରିଥିଲେ। ତାହା ସହିତ ସେ ଖୁବ ଶୀଘ୍ର ପ୍ରତ୍ୟେକ ୱାର୍ଡକୁ ପରିଦର୍ଶନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ସମୟରେ ସୁନିତା ନାଗ, ଦିପା ସୁନା, କୁନ୍ତୀ ଯାଳ, ହେମନ୍ତ ହିଆଲ, ସବିତା ଦୀପ, ସମେନ୍ଦ୍ର ସିଂହ, ବିମଳା ବିଭାର, ସୁବର୍ଣ୍ଣ ନାଗ, କଳ୍ପନା ମହନନ୍ଦ, ସର୍ଜିତ କର, ଉରକିଲି ସିଂ, ତାରା ସୁନା ପ୍ରମୁଖ ଉପସ୍ଥିତ ଥିଲେ।



## ହତ୍ୟା ଅଭିଯୋଗରେ ଜଣେ ଗିରଫ

**ସମ୍ବଲପୁର, ୪।୪(ସମିସ):** ଧନୁପାଲି ପୁଲିସ ହତ୍ୟା ଅଭିଯୋଗରେ ଜଣକୁ ଗିରଫ କରିଛି। ଅଭିଯୁକ୍ତ ଧନୁପାଲି ଥାନା ସର୍ଲାକାନି ଓରାମପଡ଼ାର ଚାନ୍ଦ ଓରାମ(୩୦)। ସୂଚନା ଅନୁସାରେ ଶୁକ୍ରବାର ଓରମାପଡ଼ାର ମାଲିଆ ମୁଣ୍ଡା ଘର ବାହାରେ ଶୋଇଥିଲେ। ଏହି ସମୟରେ ଚାନ୍ଦ ତାଙ୍କ ସହ ଝଗଡ଼ା ଲାଗି ମାଡ ମାରିଥିଲେ। ପରେ ମାଲିଆଙ୍କୁ ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଅଙ୍କ ଅଭିଯୋଗପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୫ ବ୍ରାଉନ ସୁଗର ବେପାରୀ ଗିରଫ

**ସମ୍ବଲପୁର, ୪।୪(ସମିସ):** ଧଳାଜହର ବେପାର କରୁଥିବା ଅଭିଯୋଗରେ ଧନୁପାଲି ଥାନା ପୁଲିସ ୪ଜଣକୁ ଗିରଫ କରିଛି। ସେମାନେ ହେଲେ ଧନୁପାଲି ଥାନା ଭତ୍ରାର ସୁଦୀପ ମହାନନ୍ଦ(୨୭), ଧମା ଥାନା ଗୁଣ୍ଡେରପୁରର ପ୍ରେମାନନ୍ଦ ନାଗ(୨୩), ଧନୁପାଲି ଥାନା ଚାରଭାଟିର ଯୋଗେଶ ଓରାମ(୩୨), ସଦର ଥାନା ମାନେଶ୍ୱରର ସୋମନାଥ ପ୍ରଧାନ(୩୩) ଓ ଚାରଭାଟିର ରାମପାଲ ଓରାମ(୩୪)। ସେମାନଙ୍କ ନିକଟରୁ ୫୦ ଗ୍ରାମ ୪୦ ମିଲିଗ୍ରାମ ବ୍ରାଉନସୁଗର ପୁଲିସ ଜବତ କରିଛି। ସୂଚନା ଅନୁସାରେ ଶନିବାର ସକାଳୁ ଡିଅର ପାର୍କ ପାଖରେ ଏହି କାରବାର ହେଉଥିବା ନେଇ ଥାନା ଅଧିକାରୀ ଖବର ପାଇଥିଲେ। ପରେ ଚଢାଉ ବେଳେ ଉପରୋକ୍ତ ସାମଗ୍ରୀ ବାହାରିଥିଲା। ପୁଲିସ ସମସ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଏପ୍ରିଲ ମାସରେ ଜିଲ୍ଲାପାଳଙ୍କ ଜନଶୁଣାଣି

**ସମ୍ବଲପୁର, ୪।୪(ସମିସ):** ସମ୍ବଲପୁର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଲାଗି ଏପ୍ରିଲ ମାସ ପାଇଁ କାର୍ଯ୍ୟସୂଚୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜାରି କରାଯାଇଛି। ଏପ୍ରିଲ ୬ ତାରିଖରେ କୁଚିଣ୍ଡା, ଏପ୍ରିଲ ୧୩ ତାରିଖରେ ମାନେଶ୍ୱର, ଏପ୍ରିଲ ୨୦ ତାରିଖରେ ନାକଟିଦେଉଳ ଏବଂ ଏପ୍ରିଲ ୨୭ ତାରିଖରେ ରେଙ୍ଗାଲି ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଜନଶୁଣାଣି ଅନୁଷ୍ଠିତ ହେବ। ଅଭିଯୋଗ ଦାଖଲ କରିବାକୁ ଥିବା ଜନସାଧାରଣ ଉପରୋକ୍ତ ତିଥି ଅନୁଯାୟୀ ବ୍ଲକ ମାନଙ୍କରେ ପୂର୍ବରୁ ଅଭିଯୋଗ ପଞ୍ଜିକରଣ ସହ ଉକ୍ତଦିନ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି।

## ଡିଏଭି ବୁର୍ଲାରେ ସିବିଏସ୍‌ଇ ପ୍ରଶିକ୍ଷଣ ଶିବିର




**ସମ୍ବଲପୁର, ୪।୪ (ସମିସ) :** ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଏଭି ବୁର୍ଲା ବିଦ୍ୟାଳୟରେ ସିବିଏସ୍‌ଇ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅୟୋଜିତ ହୋଇଯାଇଛି। ଏହି ଶିବିରକୁ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ବେଦବାକ ଦୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ। ଏହି ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷକ ଭାବେ ଭୀମସେନ ପଣ୍ଡା, ଅଧ୍ୟକ୍ଷ, କେନ୍ଦ୍ରୀୟ ବିଦ୍ୟାଳୟ, ଭବାନୀପାଟଣା ଏବଂ ଆଶିଷ କୁମାର ସାହୁ, ସ୍ନାତକୋତ୍ତର ଶିକ୍ଷକ, ବାଣିଜ୍ୟ, ଏସଡିଏମଟି, ପ୍ରଭାବତୀ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ, ଟିଟିଲାଗଡ଼ ଯୋଗଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ 'ବିଦ୍ୟାର୍ଥୀଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥତାର ବିକାଶ' ଉପରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଚାରିଗୋଟି ସୋପାନ ରହିଥିଲା। ପ୍ରଶିକ୍ଷକ ଦ୍ୱୟ ବିଭିନ୍ନ କ୍ରିୟାକଳାପ ମାଧ୍ୟମରେ ଏହାକୁ ସୁନ୍ଦର ଭାବରେ ଉପସ୍ଥାପନା କରି ପ୍ରଶିକ୍ଷଣ କାର୍ଯ୍ୟକୁ ଆଗେଇ ନେଇଥିଲେ।

## ଠେମରା ଡାକ୍ତରଖାନା ବିଦ୍ୟୁତ୍ ବିଚ୍ଛିନ୍ନ ପ୍ରତିବାଦରେ ଭୀମ ଆର୍ମିର ରାସ୍ତାରୋକ

**ସମ୍ବଲପୁର, ୪।୪ (ସମିସ):** ସମ୍ବଲପୁର ଜିଲ୍ଲା ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଦ୍ୟୁତ୍ ସଂଯୋଗ ବିଦ୍ୟୁତ୍ ବିଲ୍ ବକେୟା ଥିବାରୁ ଦିନ ୧୧ଟାବେଳେ ବିଚ୍ଛିନ୍ନ କରି ଦିଆଯାଇଥିଲା। ଏହାଦ୍ୱାରା ରୋଗୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ହନ୍ତସନ୍ତ ହେବାସହ ଫ୍ରିଜର୍‌ରେ ଥିବା ବହୁମୂଲ୍ୟ ଔଷଧ ଓ ଭ୍ୟାକ୍‌ସିନ୍ ନଷ୍ଟ ହେବା ଆଶଙ୍କା ଦେଖାଦେଇଥିଲା। ଏହାକୁ ନେଇ ଭୀମ୍ ଆର୍ମି ପକ୍ଷରୁ ଠେମରା ଡାକ୍ତରଖାନା ସମ୍ମୁଖରେ ରାସ୍ତାରୋକ କରାଯାଇଥିଲା।



ପ୍ରାୟ ୩ ଘଣ୍ଟା ଧରି ରାସ୍ତା ଜାମ୍ ରହିଥିଲା। ପୁଣି ସନ୍ଧ୍ୟାରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା ସୂଚନା ମିଳିଛି। ଭୀମ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ ରାବଣଙ୍କ ନେତୃତ୍ୱରେ ରୋଶନ ଆଜାଦ, ଭବନ ବୌଦ୍ଧ, ରାମ ସାହୁ, ଟିଙ୍କୁ କରାଳି, ସୁଶୀଲ ମିର୍ଦ୍ଧା, ପ୍ରମୋଦ ନାଏକ, ରାଜୁ ଧର, ରାଜେଶ ପ୍ରଧାନ, ସନ୍ତୋଷ ଚାନ୍ଦ, କୃଷ୍ଣ ସାହୁ, କୁମୁଦ ସାହୁ, ଭବାନୀ ସୋହେଲା ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ବିଦ୍ୟୁତ୍ ବିଲ ବକେୟାକୁ ନେଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନକୁ ସାଧାରଣରେ ନାପସନ୍ଦ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଠେମରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ର ବିଦ୍ୟୁତ୍ ଦେୟ ୧୫୬୦୦୦ ଟଙ୍କା ଏବଂ ମାନେଶ୍ୱର ପିଏଚ୍‌ସି (ନୂତନ)ର ୬୬୯୧୪ ଟଙ୍କା ବକେୟା ରହିଛି। ପାଣ୍ଠି ଅଭାବରୁ ଏହି ବିଲ୍ ପଇଠ କରାଯାଇ ପାରିନାହିଁ। ଠେମରା ସିଏଚ୍‌ସିର ଅଧୀକ୍ଷକ ଟିପିଡବ୍ଲ୍ୟୁଡିଏଲ୍ ଧନୁପାଲି ଏସ୍‌ଡିଓଙ୍କୁ ପତ୍ର ଜରିଆରେ ଏହା ପଇଠ କରିବାପାଇଁ ସରକାରଙ୍କଠାରୁ ପାଣ୍ଠି ଆସିବା ପର୍ଯ୍ୟନ୍ତ ସମୟ ମାଗିଥିଲେ। ଅନ୍ୟପକ୍ଷରେ ମାନେଶ୍ୱର ଦାୟିତ୍ୱରେ ଥିବା ଟାଟା ପାୱାର ଜୁନିଅର ଇଞ୍ଜିନିୟର ବକେୟା ଦେୟ ନଦେଲେ ୬ ତାରିଖ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବାକୁ ଚେତାବନୀ ଦେଇଥିବା ସେ ଉଲ୍ଲେଖ କରିଥିଲେ। ତେବେ, ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଗଲେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଦେବାରେ ବ୍ୟାଘାତ ହେବାସହ ଫ୍ରିଜ୍‌ରେ ରଖାଯାଇଥିବା ଭ୍ୟାକ୍‌ସିନ୍ ଆଦି ନଷ୍ଟ ହେବା ଆଶଙ୍କା ରହିଛି ବୋଲି ସୂଚନା ଦେଇଥିଲେ।

## ଅଲସୁଆ ବାବା ମିନେରାଲ ୱାଟର ପ୍ଲାଣ୍ଟ ଉଦ୍‌ଘାଟିତ

**ରେଢ଼ାଖୋଲ, ୪।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଂଶାଜାଳ ପଞ୍ଚାୟତ ହେଲେଇ ଗ୍ରାମରେ ଅଲସୁଆ ବାବା ଏନ୍‌ଟରପ୍ରାଇସେସ୍ ପକ୍ଷରୁ ଅଲସୁଆ ବାବା ମିନେରାଲ ୱାଟର ପ୍ଲାଣ୍ଟର ଉଦ୍‌ଘାଟିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ସରପଞ୍ଚ ଲୋକନାଥ ସାହୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଭାରତ ସରକାରଙ୍କ କ୍ଷୁଦ୍ର ଶିଳ୍ପ ଯୋଜନାରେ ମିନେରାଲ ୱାଟର ପ୍ଲାଣ୍ଟ ନିର୍ମିତ ହୋଇଛି। ସୁଲଭ ମୂଲ୍ୟରେ ଅଞ୍ଚଳବାସୀ ବିଶୁଦ୍ଧ ପାନୀୟ ଜଳ ପାଇ ପାରିବେ। ନିଜେ ସ୍ୱାବଲମ୍ବୀ ହେବା ସହ ୧୦ଜଣଙ୍କୁ ରୋଜଗାର ଦେଇପାରିଥିବା ପ୍ଲାଣ୍ଟର ମାଲିକ ପ୍ରଭାସିନୀ ପ୍ରଧାନ କହିହିଛନ୍ତି।



## ଏମ୍‌ସିଏଲ୍‌ରେ ପ୍ରତିଷ୍ଠା ଦିବସ




**ସମ୍ବଲପୁର, ୪।୪ (ସମିସ):** ଚଳିତ ଆର୍ଥିକ ବର୍ଷରେ କମ୍ପାନୀର ଚମତ୍କାର ପ୍ରଦର୍ଶନକୁ ପାଳନ କରି ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଶୁକ୍ରବାର ପ୍ରତିଷ୍ଠା ଦିବସ ପାଳନ କରିଛି। କମ୍ପାନୀ ମୁଖ୍ୟାଳୟରେ 'ରନ୍ ଫର୍ ଏକ୍ସେଲେନ୍ସ' ରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମସ୍ତ ନିର୍ଦ୍ଦେଶକ, ପୂର୍ବତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ସିଏମଡି), କର୍ମଚାରୀ ଏବଂ ସେମାନଙ୍କ ପରିବାର ଉତ୍ସାହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଏମ୍‌ସିଏଲ ସିଏମଡି ଉଦୟ ଅନନ୍ତ କାଓଲେ କମ୍ପାନୀର ପ୍ରତିଷ୍ଠା ଦିବସ ଅବସରରେ ଏମ୍‌ସିଏଲ୍ ପରିବାରକୁ ଶୁଭେଚ୍ଛା ଜଣାଇବା ସହିତ ୨୦୨୫-୨୬ ଆର୍ଥିକ ବର୍ଷରେ କ୍ରମାଗତ ଭାବେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କମ୍ପାନୀର ପୂର୍ବତନ ନେତୃତ୍ୱଙ୍କ ଅବଦାନ ପାଇଁ କୃତଜ୍ଞତା ବ୍ୟକ୍ତକରି ଶ୍ରୀ କାଓଲେ ଦେଶର ଶକ୍ତି ଆବଶ୍ୟକତା ପୂରଣରେ ଏମ୍‌ସିଏଲକୁ ନିରନ୍ତର ସମର୍ଥନ ପାଇଁ କୋଇଲା ମନ୍ତ୍ରଣାଳୟ, କୋଲ ଇଣ୍ଡିଆ, ଓଡ଼ିଶା ରାଜ୍ୟ ପ୍ରଶାସନ, ଜନ ପ୍ରତିନିଧି ଏବଂ ଟ୍ରେଡ ୟୁନିଅନକୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଅଧିବେଶନରେ ପୂର୍ବତନ ସିଏମ୍‌ଡିମାନେ କୋଇଲା କ୍ଷେତ୍ର ସହ ଜଡ଼ିତ ସମସାମୟିକ ପ୍ରସଙ୍ଗ-କୋଇଲା ଚାହିଦା, ସମ୍ବଳର ସର୍ବୋତ୍ତମ ଉପଯୋଗ ପାଇଁ ରଣନୀତି ଇତ୍ୟାଦି ଉପରେ ନିଜର ମତ ରଖିଥିଲେ। ଏହି ଅଧିବେଶନରେ ମୁଖ୍ୟାଳୟ ସହିତ ବିଭିନ୍ନ ପରିଚାଳନା କ୍ଷେତ୍ରର ଅଧିକାରୀ, କର୍ମଚାରୀ ଏବଂ ଟ୍ରେଡ ୟୁନିଅନର ପ୍ରତିନିଧିଗଣ ସାମିଲ ହୋଇଥିଲେ। ପୂର୍ବତନ ସିଏମଡି ଏ.ଆର୍ ଶର୍ମା, ଏସ୍.ଏନ୍ ଶର୍ମା, ଏସ୍‌ଆର୍ ଉପାଧ୍ୟାୟ, ଏଏନ୍ ସହାୟ, ଏ.କେ ଝା, ଆର୍‌ଆର୍ ମିଶ୍ର, ବିଏନ୍ ଶୁକ୍ଳା, ପିକେ ସିହ୍ନା ଏବଂ ଓପି. ସିଂହଙ୍କ ସହିତ ନିର୍ଦ୍ଦେଶକ (ମାନବ ସମ୍ବଳ) କେଶବ ରାଓ, ମୁଖ୍ୟ ସତର୍କତା ଅଧିକାରୀ ପିକେ ପଟେଲ, ନିର୍ଦ୍ଦେଶକ (ଅର୍ଥ) ଅଜିତ କୁମାର ବେହୁରା ଏବଂ ନିର୍ଦ୍ଦେଶକ (ବୈଷୟିକ) ଏସ୍‌କେ ଝା ଏହି ଅବସରରେ ଉପସ୍ଥିତ ଥିଲେ। 'ଷ୍ଟାର୍ ନାଇଟ୍' କାର୍ଯ୍ୟକ୍ରମରେ ପ୍ରସିଦ୍ଧ ବଲିଉଡ ଗାୟକ ପଦ୍ମଶ୍ରୀ ସୋନୁ ନିଗମ ଏକ ଲାଇଭ୍ କନ୍‌ସର୍ଟରେ ଚମତ୍କାର ପ୍ରଦର୍ଶନ ସହିତ ଉପସ୍ଥିତ ସମାବେଶକୁ ମନ୍ତ୍ରମୁଗ୍ଧ କରିଥିଲେ।

## ପ୍ରବେଶ ଉତ୍ସବରେ ଖଡ଼ି ଛୁଇଁଲେ ନବାଗତ କୁନି ଛାତ୍ରଛାତ୍ରୀ

**ସମ୍ବଲପୁର, ୪।୪(ସମିସ)**

ବ୍ରଜମୋହନ ପଟ୍ଟନାୟକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ମୁଖ୍ୟଅତିଥି ଓ ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଧାୟକ ଜୟନାରାୟଣ ମିଶ୍ର ଶିଶୁବାଟିକାରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ଖଡ଼ିଛୁଆଁ କରାଇବା ସହ ଶିକ୍ଷଣ କିଟ୍ ପ୍ରଦାନ କରିଥିଲେ। ନୂଆ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ ଓ ଧନକଉଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କରଣ ଶର୍ମା ମଞ୍ଚାସୀନ ଥିଲେ। ବିଧାୟକ ଶ୍ରୀ ମିଶ୍ର ଶିକ୍ଷା ସଚେତନତା ରଥକୁ ପତାକା ଦେଖାଇ ସଚେତନ ଅଭିଯାନକୁ ଶୁଭାରମ୍ଭ କରିଥିଲେ। ବୁଢ଼ାରଜା ହାଇସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଏବଂ ଲେଡିଲୁଇସ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ଅସୀମ ପ୍ରଧାନ ମଞ୍ଚ ସଂଯୋଜନା କରିଥିଲେ। ସମଗ୍ର ଶିକ୍ଷାର ସଂଯୋଜକ ଅରୁଣ କୁମାର ଦାସ ଉତ୍ସବକୁ ପରିଚାଳନା କରିଥିଲେ। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଧନକଉଡ଼ା ବ୍ଲକର ସାଧନ କେନ୍ଦ୍ରର ସଂଯୋଜକମାନେ ସହଯୋଗ କରିଥିଲେ।



**ରେଙ୍ଗାଲି:** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ବୋମାଲୋଇ କ୍ଲଷ୍ଟର ବିଞ୍ଝିପାଲି-କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଆଦିତ୍ୟ ଆଲୁମିନା ଲପଙ୍ଗାର ଜଗନ୍ନାଥ ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବରେ ବୋମାଲୋଇ ପୂର୍ବତନ ସରପଞ୍ଚ ଶେଷଦେବ ପଧାନ, ସିଏସଆର୍ ମୁଖ୍ୟ ରବି ନିବାସ ପ୍ରଶାନ୍ତ କୁମାର ମିର୍ଦ୍ଧା, ଗଙ୍ଗାଧର ମିର୍ଦ୍ଧା, ଗୁନମନି ସାହୁ, ହରିବନସ ବାଙ୍କା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ସଭାକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୀବ କୁମାର ନାୟକ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଦମୟନ୍ତୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଅଦିତ୍ୟ ଆଲୁମିନିୟମ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ଜଳ ବିଶୋଧନ ଯନ୍ତ୍ର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ନାକଟିଦେଉଳ:** ସରାପାଲି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ମୁଖ୍ୟବକ୍ତା ପୁରାତନ ଛାତ୍ର ସଂସଦ ସଭାପତି ନାରାୟଣ ସାହୁ, ସରାପାଲି ସରପଞ୍ଚ ଶିବାନୀ ବାରିକ, ସମିତି ସଭ୍ୟା ନିରୁପମା ନାଏକ, ସ୍କୁଲ ଉନ୍ନୟନ କମିଟି ସଭାପତି ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ସସ୍ମିତା ମାଝୀ ସଭାପତି ଦାୟିତ୍ୱ ତୁଲାଇ ଥିବା ବେଳେ ସହକାରୀ ଶିକ୍ଷକ ତପନ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ଦିବସରେ ଷଷ୍ଠ ଶ୍ରେଣୀରେ ୧୭ ଜଣ ଏବଂ ନବମ ଶ୍ରେଣୀରେ ୧୩ ଜଣ ଛାତ୍ରଛାତ୍ରୀ ନାମ ଲେଖାଇ ଥିଲେ। ଶେଷରେ କାର୍ଯ୍ୟାଳୟ ସହାୟକ ଦିବ୍ୟକାନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଜମନକିରା:** କଦଳୀମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ସିଂ ଙ୍କ ତତ୍ୱାବଧାନରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇ ଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଅଧିକାରୀ ଦେବକୀ ନାୟକ, ସମ୍ମାନିତ ଅତିଥି ଗ୍ରାମ୍ୟ ଶିକ୍ଷା କମିଟି ସଭାପତି ଝରଣା ସା, ୱାର୍ଡ ମେମ୍ବର ଶ୍ରୀପତି ଦେହୁରୀ, ଗ୍ରାମ୍ୟ ଶିକ୍ଷା କମିଟି ସଭ୍ୟା ପ୍ରମିଳା ଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ।ଶିଶୁ ବଟିକା ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସୁବୋଧ କୁମାର ଶବର, ସୁନିତା ପ୍ରଧାନ, ସିଆରସି ସନ୍ତୋଷ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଚକୁଳିଆବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ଓ ଚକଲେଟ ପ୍ରଦାନ କରିଥିଲେ। ସିଆରସିସି ରାମନାରାୟଣ ବରିହାଙ୍କ ଉପସ୍ଥିତିରେ ସହକାରୀ ଶିକ୍ଷକ ହରେ କୃଷ୍ଣ ବନଛୋର ନାମ ଲେଖାଇ ରେଜିଷ୍ଟରରେ ସମସ୍ତ ତଥ୍ୟ ପୂରଣ କରିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କୁ ଦ୍ୱାରା ଅଭିନୟ ବାଘ ଓ ସିଂହ ପ୍ରର୍ଦଶନ କରିଥିଲେ।

**ରେଢ଼ାଖୋଲ:** ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ କୁକୁଡାବାହାଲି ପଞ୍ଚାୟତ ଶିଶୁପର୍ଣ୍ଣ ସରକାରୀ ଉ.ପ୍ରା ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଅନୁଷ୍ଠିତ ହୋଇଅଛି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିଶୁବାଟିକା ଶ୍ରେଣୀରେ ନାମ ଲେଖାଇଥିବା ଶିଶୁଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୁଧିଷ୍ଠିର ବେହେରା ସମସ୍ତଙ୍କୁ ଖଡିଛୁଆଁ କାର୍ଯ୍ୟ କରାଇଥିଲେ।ଶିକ୍ଷୟିତ୍ରୀ ଲିଳିବତୀ ପ୍ରଧାନ ବିଭିନ୍ନ ଉପକରଣ ବ୍ୟବହାର କରି କିଛି ଖେଳ ପିଲାଙ୍କ ମାଧ୍ୟମରେ କରାଇଥିଲେ। ଶିକ୍ଷୟିତ୍ରୀ ମମତା ପ୍ରଧାନ ଗପ ଶୁଣାଇ ଥିଲେ ଓ ଅନ୍ୟ ଦୁଇ ଶିକ୍ଷୟିତ୍ରୀ ପଙ୍କଜିନୀ ଲୁହୁରା ଓ ଇତିଶ୍ରୀ ନାଗ ପିଲାଙ୍କୁ ଗୀତ ଓ ନୃତ୍ୟ କରାଇଥିଲେ। ଶେଷରେ ପ୍ରଧାନ ଶିକ୍ଷକ ସମସ୍ତଙ୍କୁ ଚକୋଲେଟ ଓ ବିସ୍କୁଟ ବଣ୍ଟନ କରିବା ସହିତ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସଂକଟରେ ବାଉଁଶ ଓ ମାଦଳ କାରିଗର ସରକାରୀ ପ୍ରୋତ୍ସାହନ ଅଭାବ





**ବଣାଇଁ, ୪।୪(ସମିସ)**

କିଛି ବର୍ଷହେଲା ଜଙ୍ଗଲ ଓ ଗ୍ରାମାଞ୍ଚଳରେ ବାଉଁଶ ହ୍ରାସ ପାଇବାରେ ଲାଗିଛି। ବାଉଁଶ ଖଣ୍ଡକୁ ଏବେ ୨୦୦ ଟଙ୍କାରୁ ଅଧିକରେ ବିକ୍ରି କରାଯାଉଛି। ବାଉଁଶକୁ ବ୍ୟବହାର କରି ଜୀବିକା ନିର୍ବାହ କରୁଥିବା ବାଉଁଶ କାରିଗର ପରିବାର ଏବେ ଚିନ୍ତାରେ ପଡ଼ିଯାଇଛନ୍ତି। ସେହିପରି ପଶୁ ଚମଡ଼ା ବ୍ୟବହାର କରିବା ସରକାର ବନ୍ଦ୍ କରିବା ପରେ ଢୋଲ, ମାଦଳ, ମୃଦଙ୍ଗ ତିଆରି କରୁଥିବା କାରିଗର ପରିବାରର ମଧ୍ୟ ବେଉସା ବୁଡ଼ି ଯିବାରୁ ଦୁର୍ବିସହ ଭାବେ ଜୀବନଯାପନ କରୁଛନ୍ତି। ସେମାନଙ୍କ ହାତରେ 'ସୁନା ପାତ ହେଲେ ପେଟକୁ ନାହିଁ ଭାତ'। ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ବ୍ଲକ ନରେନ୍ଦ୍ର ପଞ୍ଚାୟତ ଅଧୀନ ବିଶିପାଲି, ଜିବିକା ଇତ୍ୟାଦି ଗ୍ରାମରେ ବସବାସ କରୁଥିବା ୧୦ ରୁ ଉର୍ଦ୍ଧ୍ୱ ପରିବାର ଏବେ ସଂକଟରେ। ସରକାରୀ ପ୍ରୋତ୍ସାହନ ଅଭାବରୁ ନିଜ ପେଟପାଟଣାକୁ ନେଇ ଏବେ ଚିନ୍ତାରେ। ବାଉଁଶରେ ବିଭିନ୍ନ ପ୍ରକାର ଘରକରଣା ଜିନିଷ ଟୋକେଇ, କୁଲା, ଝୁଡି ଭଳି ବିଭିନ୍ନ ପ୍ରକାରର ଜିନିଷ ତିଆରି କରି ବାଉଁଶ କାରିଗରମାନେ ପରିବାର ପ୍ରତିପୋଷଣ କରୁଥିଲେ। କୁଲା ବାଉଁଶିଆରେ ବାହାଘରର ପ୍ରଥମ ଅନୁକୂଳ କରାଯାଇଥାଏ। ବାଉଁଶ ପାତରୁ ବିଭିନ୍ନ ପ୍ରକାର ଘରକରଣା ଜିନିଷ ତିଆରି କରି ବାଉଁଶ କାରିଗର ପରିବାରମାନେ ସୁଖରେ ଚଳୁଥିଲେ। ହେଲେ ବାଉଁଶ ଚାଷ କରିବା ପାଇଁ ସରକାରୀ ପ୍ରୋତ୍ସାହନର ଅଭାବ ସାଙ୍ଗକୁ ପ୍ରତିକୂଳ ଜଳବାୟୁ ଓ ବିଷାକ୍ତ ଧୂଆଁ ଯୋଗୁଁ ବାଉଁଶ କ୍ରମଶଃ ଲୋପ ପାଇବାରେ ଲାଗୁଛି। ଅନ୍ୟପଟରେ ପ୍ଲାଷ୍ଟିକ ଜିନିଷର ବହୁଳ ବ୍ୟବହାର ପରେ ଲୋକଙ୍କର ବାଉଁଶ ତିଆରି ଘର କରଣା ଜିନିଷ ପ୍ରତି ଆଉ ଆଗ୍ରହ ନାହିଁ। କୁଲା ବାଉଁଶିଆ ବୁଣି ଏ ହାଟରୁ ସେ ହାଟ ବିକ୍ରି କରିବା ପାଇଁ ବୁଲୁଥିଲାବେଳେ ସେଥିରୁ ଯତ୍ କିଞ୍ଚିତ ଅର୍ଥ ମିଳୁଛି ତାହା ପରିବାର ପ୍ରତିପୋଷଣ କରିବା ପାଇଁ କଷ୍ଟକର ହୋଇପଡୁଛି। ପୂର୍ବରୁ ଜଙ୍ଗଲରେ ରହିଥିବା ବାଉଁଶ ବଣ ଏବେ ଶ୍ରୀହୀନ ହେବାକୁ ବସିଲାଣି। ବାଉଁଶର ଅଭିବୃଦ୍ଧି ପାଇଁ ଏବେ ଜଙ୍ଗଲ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଥିବା କହିଛନ୍ତି ଏସବୁ କାରିଗର ପରିବାର। ବାଉଁଶ କାରିଗରଙ୍କ ପ୍ରତି ସରକାର ଦୃଷ୍ଟିଦେବାକୁ ନିବେଦନ କରାଯାଇଛି।

# ଗରିମା ପରିବାର ପକ୍ଷରୁ ଉତ୍କଳ ଦିବସ



**ରାଉରକେଲା, ୪।୪(ସମିସ):** ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଗରିମା ପରିବାର ପକ୍ଷରୁ ଅଷ୍ଟମ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଗରିମାର ଅଧ୍ୟକ୍ଷା ନିହାରିକା ବସ୍ତିଆଙ୍କ ଅଧ୍ୟକ୍ଷତାରେ ସଭାପତି ମମତା ନାୟକ, ମୋନାଲିସା ସାହୁ ଓ ମୋନାଲିସା ଗୌଡ଼ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଦୀପିକା ମହିଳା ସଂହତିର ଉପସଭାପତି ପ୍ରତିଜ୍ଞା ପଲେଇ, ସୁନ୍ଦରଗଡ଼ ସ୍ୱତନ୍ତ୍ର କାରାଗାରର ସୁପରିଟେଣ୍ଡେଣ୍ଟ ଜୀବନ ସିଂ ମୁଣ୍ଡା, ସେକ୍ଟର - ୧୯ ଥାନା ପ୍ରଭାରୀ ବୈଦ୍ୟନାଥ ସାହୁ, ଅର୍ବାନ ବ୍ୟାଙ୍କ ସଭାପତି ଦିଲୀପ ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱରର ସମାଜସେବୀ ଅନୁଶ୍ରୀ ଦାଶ ଓ ସୁନ୍ଦରଗଡ଼ର ଗୀତାଞ୍ଜଳି ଗୁରୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଓଡ଼ିଶୀ ନୃତ୍ୟ, ଦି.ନେକ୍ସଟଜେନର ଗୁରୁ ଆନନ୍ଦ ସୁନାଙ୍କ ଗ୍ରୁପ ଦ୍ୱାରା ନୃତ୍ୟ ପରିବେଷଣ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀଙ୍କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଶ୍ୱରଞ୍ଜନ ବେହୁରା, ସଞ୍ଜୀବ ମହାନ୍ତି, ପ୍ରଦୀପ କୁମାର ଦାସ, ଗୋପାଳ ବାଗାଡିଆ, ସୁନିଲ କାୟଲ, ସନ୍ତୋଷ ଅଗ୍ରୱାଲ, ଭାରତ ଚନ୍ଦ୍ରବାଇ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଶଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ନିହାରିକା ବସ୍ତିଆ, ସଭାପତି ମମତା ନାୟକ, ସମ୍ପାଦିକା ଡ. ସରିତା ମଲ୍ଲ, ସଂଯୋଜିକା ସୁମିତା ପଟ୍ଟନାୟକଙ୍କ ସହ ପ୍ରଣତୀ ପଟ୍ଟନାୟକ, ଶଙ୍ଖରିନା ପ୍ରଧାନ, ଶାନ୍ତିଲତା ବାରିକ, ରେବତୀ ବାରିକ, ମୀନାକ୍ଷୀ ପାଢ଼ୀ, ରିମି ଚକ୍ରବର୍ତ୍ତୀ, ଶର୍ମିଳା ତ୍ରିପାଠୀ, ସନ୍ତୋଷୀ ମଲ୍ଲିକ, ଲୀନା ତ୍ରିପାଠୀ, ରଶ୍ମୀତା ଚୌଧୁରୀ, ମମତା ଦାସ, ସୁନିତା ଶ୍ରିନିବାସନ, ଦେବସ୍ମିତା ଶତପଥୀ, ମୀନତି ମୋଦୀ, ଲୁସି ଦାଶ, ସସ୍ମିତା ମିଶ୍ର, ତପସ୍ୱନୀ ପାତ୍ର, ମଞ୍ଜୁ ରାଣୀ ମେହେର, ସବିତା ମହାପାତ୍ର, ରଶ୍ମୀ ନାୟକ, ଭାଗ୍ୟଶ୍ରୀ ଦାସ, ବ୍ରତତୀ ପ୍ରଧାନ, ଗାୟତ୍ରୀ ମହାନ୍ତି, ଶୁଭଲକ୍ଷ୍ମୀ ପାତ୍ର, ପ୍ରତିଷ୍ଠାତା ଶଙ୍କର ଜେନା ଓ ମୁଖ୍ୟ ଉପଦେଷ୍ଟା ରଶ୍ମୀତ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ୟାସ୍ କଳାବଜାରୀ ଉପରେ ଚଢ଼ଉ: ୬ ସିଲିଣ୍ଡର ଜବତ



**ରାଉରକେଲା, ୪।୪(ସମିସ):** ରାଉରକେଲା ସହରରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡର କଳାବଜାରୀ ହେଉଥିବା ଅଭିଯୋଗ ପାଇ ଖାଦ୍ୟ ଓ ଯୋଗାଣ ବିଭାଗ ପକ୍ଷରୁ ସହରର ବିଭିନ୍ନ ହୋଟେଲରେ ଚଢ଼ଉ କରାଯାଇଥିଲା। ରାଉରକେଲା ଅତିରିକ୍ତ ଯୋଗାଣ ଅଧିକାରୀଙ୍କ ନେତୃତ୍ୱରେ ଯୋଗାଣ ବିଭାଗ ପକ୍ଷରୁ ତିନୋଟି ହୋଟେଲରେ ଚଢ଼ଉ କରାଯାଇ ୬ ଟି ଘରୋଇ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ହୋଟେଲରେ ରନ୍ଧନ ଗ୍ୟାସ ସିଲିଣ୍ଡର ବ୍ୟବହାର କରାଯାଉଥିବାରୁ ରାଉରକେଲା ସହରରେ ଘରୋଇ ରନ୍ଧନ ଗ୍ୟାସ ସିଲିଣ୍ଡରର କଳାବଜାରୀ ଆରମ୍ଭ ହୋଇଥିବା ଅଭିଯୋଗ ପରେ ଯୋଗାଣ ବିଭାଗ ପକ୍ଷରୁ ସହରର ବିଭିନ୍ନ ହୋଟେଲରେ ଚଢ଼ଉ ଆରମ୍ଭ ହୋଇଛି।

# ରେଳବାଇ ମହାପ୍ରବନ୍ଧକଙ୍କୁ ଭେଟିଲେ ବିଧାୟକ



**ରାଉରକେଲା, ୪।୪(ସମିସ):** ଦକ୍ଷିଣ-ପୂର୍ବ ରେଳବାଇର ମହାପ୍ରବନ୍ଧକ ସୌମିତ୍ର ମଜୁମଦାର ଆଜି ରାଉରକେଲା ଗସ୍ତରେ ଆସିଥିବାବେଳେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ତାଙ୍କୁ ଭେଟି ରାଉରକେଲା ରେଳଷ୍ଟେସନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ରାଉରକେଲା ଷ୍ଟେସନ ପରିସରରେ ଥିବା ସଭାଗୃହରେ ଶ୍ରୀ ନାୟକ ରେଳବାଇ ଜିଏମଙ୍କୁ ଦାବି କରିଥିଲେ ଯେ, ପୂର୍ବରୁ ରାଉରକେଲା ଏବଂ ରାଉରକେଲା ରେଳଷ୍ଟେସନ୍ ଦେଇ ଚଳାଚଳ କରୁଥିବା ପାସେଞ୍ଜର ଟ୍ରେନ୍ ପାଇଁ ମାଲଗାଡି ଅଟକି ଯାଉଥିଲା। କିନ୍ତୁ ବର୍ତ୍ତମାନ ମାଲଗାଡି ବା ମାଲବାହୀ ଟ୍ରେନ ପାଇଁ ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନ୍ ଅଟକି ଯାଉଛି। ଏହାଦ୍ୱାରା ପାସେଞ୍ଜର ଆସୁଥିବା ଟୁରିଷ୍ଟ ଓ ରେଳଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ବର୍ତ୍ତମାନ ପାସେଞ୍ଜର ଟ୍ରେନକୁ ପ୍ରାଧାନ୍ୟ ଦେଇ ପୁନଃ ଚଳାଇବା ପାଇଁ ଦାବି କରିଥିଲେ। ଏହାସହ ରାଉରକେଲା ରେଳଷ୍ଟେସନରେ ଗାଡି ମୋଟର ପାର୍କିଂ ସ୍ଥାନରେ ମିନିଟ ହିସାବରେ ଅର୍ଥ ଆଦାୟ କରାଯାଉଛି। ବସଷ୍ଟାଣ୍ଡ, ମଲ୍ ଭଳି ସ୍ଥାନରେ ଗାଡି, ମୋଟର ପାଇଁ ନିଃଶୁଳ୍କ ପାର୍କିଂ (ଫ୍ରି ପାର୍କିଂ) ବ୍ୟବସ୍ଥା ଥିବାବେଳେ ରାଉରକେଲା ରେଳଷ୍ଟେସନ୍ ପାର୍କିଂରେ ଟଙ୍କା ଆଦାୟ ଦ୍ୱାରା ଜୁଲୁମ କରାଯାଉଛି ବୋଲି ଅଭିଯୋଗ କରିଥିଲେ। ରାଉରକେଲା ରେଳଷ୍ଟେସନର ପ୍ଲାଟ୍‌ଫର୍ମକୁ ପ୍ରବେଶ ଓ ପ୍ରସ୍ଥାନ ସମୟରେ ସମ୍ମୁଖରେ ୪୦୦ରୁ ୫୦୦ ଲୋକ ଶୋଇ ରହୁଥିବାରୁ ରେଳଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସେହି ରେଳଯାତ୍ରୀମାନଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରି ରାଉରକେଲା ରେଳଷ୍ଟେସନର ଏକ ସୁସ୍ଥ ବାତାବରଣରେ ଫେରାଇ ଆଣିବା ନିମନ୍ତେ ଦାବି କରିଥିଲେ। ସେହିପରି ରାଉରକେଲା ରେଳଷ୍ଟେସନ୍ ପ୍ରବେଶ ଓ ପ୍ରସ୍ଥାନ ପଥ ସମେତ ପାଚେରି ସମ୍ମୁଖରେ ଥିବା ଦୋକାନୀଙ୍କ ଥଇଥାନ ବ୍ୟବସ୍ଥା କରିବା ପାଇଁ ଦାବି କରିଥିଲେ। ବନ୍ଧମୁଣ୍ଡା ରେଲୱେ ଅଞ୍ଚଳରେ ପରିଷ୍କାର, ପରିଚ୍ଛନ୍ନତା ପ୍ରତି ଦୃଷ୍ଟିଦେବାକୁ ମଧ୍ୟ ଦାବି କରିଥିଲେ। ଏହି ଆଲୋଚନା ବେଳେ ଚକ୍ରଧରପୁର ରେଳବାଇ ଡିଆରଏମ୍ ତରୁଣ ହୁରିଆଙ୍କ ସହ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଜୁ ଜନତା ଦଳର ବରିଷ୍ଠ ନେତା ଗଗନ ପଣ୍ଡା, ମୁଖପାତ୍ର ଜୟନ୍ତ କୁମାର ମିଶ୍ର, ବରିଷ୍ଠ ନେତା ବୀରେନ୍ ସେନାପତି, ପ୍ରଶାନ୍ତ ସେଠୀ, ପିଙ୍କୁ ଜୟସ୍ୱାଲ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତା ଏବଂ କର୍ମୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ

**ବଣାଇଁ, ୪।୪(ସମିସ):** ବଣାଇଁ ସହର ସ୍ଥିତ ରାଜା ଧରଣୀଧର ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ପାଳିତ ହୋଇଯାଇଛି। ବଣାଇଁ ଗୋଷ୍ଠୀ ଶିକ୍ଷାଧିକାରୀ ସୁନୀଲ ମୁଣ୍ଡୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଣାଇଁ ଉପଖଣ୍ଡର ସହକାରୀ ଜିଲ୍ଲାପାଳ ବିକ୍ରାନ୍ତ ପାତ୍ର, ବଣାଇଗଡ଼ (ଖ) ଜିଲ୍ଲାପରିଷଦ ସଭ୍ୟ ରାମଚନ୍ଦ୍ର ସାହୁ, ବଣାଇଁଗଡ଼ ସରପଞ୍ଚ ନମିତା ନାଗ, କୋଇଡା ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ବେହେରା, ସମିତି ସଭ୍ୟ ରୁଦ୍ରଚରଣ ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଆହ୍ଲାଦ ବଢ଼େଇ, ବଣାଇଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାବୁରାମ ମହାନ୍ତ ଓ ଲହୁଣୀପଡ଼ା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନରହରି କିଷାନ୍ ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ରିକଲା ସିଆରସିସି ଚତୁର୍ଭୁଜ ପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସହ ସମସ୍ତ ଅତିଥି ଶିକ୍ଷା ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ।



# କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ



**ବଣାଇଁ, ୪।୪(ସମିସ):** ବଣାଇଁଗଡ଼ ବ୍ଲକ ଅଧୀନ ଜାଙ୍ଗଲା ଗ୍ରାମରେ ଜାଙ୍ଗଲା କ୍ରିକେଟ କ୍ଲବ୍ ତରଫରୁ ଆୟୋଜିତ ୪୯ତମ ନକଆଉଟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜଗନ୍ନାଥ କ୍ରିକେଟ କ୍ଲବ୍ ବିଭୁ ଆରିୟର ଦଳକୁ ୪୮ ରନରେ ପରାସ୍ତ କରିଥିଲା। ଉଦ୍‌ଘାଟନୀ ଉତ୍ସବରେ ଶାନ୍ତନୁ ଦାଶ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରାଶର ବିଶ୍ୱାଳ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୁଗୁଡା ସମିତି ସଭ୍ୟା ସେବତୀ ବିଶ୍ୱାଳ ଉପସ୍ଥିତ ଥିଲେ। କ୍ଲବ୍‌ର ସଭାପତି ପ୍ରଶାନ୍ତ ସାହୁ ଓ ସମ୍ପାଦକ ରାଜା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମ୍ୟାଚ୍‌ଟି ସୁଚାରୁ ଭାବେ ପରିଚାଳିତ ହୋଇଥିଲା। ଖେଳକୁ ଆଭାସ ବିଶ୍ୱାଳ ଓ ରୋହିତ କୁଅଁର ପରିଚାଳନା କରିଥିବାବେଳେ ଉଦ୍‌ଘୋଷକ ଭାବେ ଅଶୋକ ସେଠ ଓ ରଞ୍ଜିତ ମୁଣ୍ଡା କାର୍ଯ୍ୟ ତୁଲାଇଥିଲେ।

## ଦୁର୍ଘଟଣାରେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

**ଲହୁଣୀପଡ଼ା, ୪।୪(ସମିସ):** ଚାନ୍ଦିପୋଷ ଥାନା ଅଧୀନ ରେଳ ଓଭରବ୍ରିଜ୍ ଠାରେ ଶୁକ୍ରବାର ରାତିରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିଲେ। ଶନିବାର ତାଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। ସୂଚନା ଅନୁସାରେ ଶୁକ୍ରବାର ରାତିରେ ୧୪୩ ନମ୍ବର ଜାତୀୟ ରାଜପଥ ଚାନ୍ଦିପୋଷ ରେଳ ଓଭରବ୍ରିଜଠାରେ ଜଣେ ବ୍ୟକ୍ତିଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ଚାନ୍ଦିପୋଷ ପୁଲିସ ସହାୟତାରେ ଗୁରୁତର ଆହତଙ୍କୁ ରାଉରକେଲାସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଶବକୁ ମର୍ଗ ହାଉସରେ ରଖି ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

# ରେଳବାଇ ମହାପ୍ରବନ୍ଧକଙ୍କ ଷ୍ଟେସନ ଯାଞ୍ଚ

**ରାଉରକେଲା, ୪।୪(ସମିସ):** ଦକ୍ଷିଣ-ପୂର୍ବ ରେଳବାଇର ମହାପ୍ରବନ୍ଧକ ସୌମିତ୍ର ମଜୁମଦାର ରାଉରକେଲା ଗସ୍ତରେ ଆସି ରାଉରକେଲା ଷ୍ଟେସନ ପରିଦର୍ଶନ କରିଥିଲେ। ଏହି ଗସ୍ତବେଳେ ରାଉରକେଲା ଷ୍ଟେସନ ବାହାରେ ଥିବା ସେଡ୍, ନୂତନ ପାର୍କିଂ ଷ୍ଟାଣ୍ଡ, ଅଟୋ ଷ୍ଟାଣ୍ଡ ସହ ନବନିର୍ମିତ କୋଠା, ପାର୍ସଲ ୟାର୍ଡ ଏବଂ ପ୍ଲାଟଫର୍ମ ନମ୍ବର ୫ରେ ଚାଲିଥିବା ବିକାଶ କାର୍ଯ୍ୟ ସମେତ ରେଳବାଇ ଷ୍ଟେସନ ପରିସରର ବିକାଶ କାର୍ଯ୍ୟ ଯାଞ୍ଚ କରିଥିଲେ। ରେଳ ଯାତ୍ରୀମାନଙ୍କୁ ସର୍ବାଧିକ ସୁବିଧା କିପରି ଯୋଗାଇ ଦିଆଯାଇ ପାରିବ ସେ ବିଷୟରେ ମଧ୍ୟ ବରିଷ୍ଠ ରେଳଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ରେଳବାଇ ମହାପ୍ରବନ୍ଧକ ଗ୍ରୀଷ୍ମଋତୁ ପାଇଁ ରାଉରକେଲା ଷ୍ଟେସନରେ ପାନୀୟଜଳ ବ୍ୟବସ୍ଥା ସମେତ ତୃତୀୟ ଲାଇନ ନିର୍ମାଣ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ, ଚକ୍ରଧରପୁର ଡିଆରଏମ ତରୁଣ ହୁରିଆ, ସିଏଓସିଆରଏସପି ଅନୀଲ କୁମାର, ମୁଖ୍ୟପ୍ରକଳ୍ପ ପରିଚାଳକ କେ.ସି. ସାହୁ, ସିନିୟର ଡିସିଏମ ଆଦିତ୍ୟ ଚୌଧୁରୀ, ସିନିୟର ଡିଏନ୍‌ଏ କୋଅର୍ଡିନେଟର ଆର.କେ. ମୀନା, ସିନିୟର ଡିସିଏମ କୋଚିଂ ଦୀପକ କୁମାର ମୁର୍ମୁ, ରେଳବାଇ ଜିଏମଙ୍କ ସଚିବ ମନୀଷ ପାଠକ, ରାଉରକେଲା ରେଳବାଇ ଷ୍ଟେସନ ପରିଚାଳକ ଲକ୍ଷ୍ମୀଧର ତ୍ରିପାଠୀଙ୍କ ସମେତ ଅନ୍ୟାନ୍ୟ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଶ୍ରମବିଭାଗ ପକ୍ଷରୁ ଓଡ଼ିଆରେ ନାମଫଳକ ଅଭିଯାନ



**ରାଉରକେଲା, ୪।୪(ସମିସ):** ଉତ୍କଳ ଦିବସଠାରୁ 'ଓଡ଼ିଆ ପକ୍ଷ୨୦୨୬' ଆରମ୍ଭ ହୋଇଥିଲାବେଳେ ଆଜିଠାରୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ଦ୍ୱାରା ରାଉରକେଲାରେ ଓଡ଼ିଆ ନାମ ଫଳକ ସଚେତେନତା ପଦଯାତ୍ରା ଅଭିଯାନ ଆୟୋଜିତ ହୋଇଥିଲା। ଏହି ଅଭିଯାନରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଅତିରିକ୍ତ ଶ୍ରମ ଆୟୁକ୍ତ ଘାସିରାମ ଟୁଡୁ, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ରଞ୍ଜନ ଜେନା, ଜିଲ୍ଲା ଶ୍ରମ ଅଧିକାରୀ ଗୋପାଳ କୃଷ୍ଣ ମଙ୍ଗରାଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏତ୍‌ଦବ୍ୟତୀତ ଜିଲ୍ଲାର ସମସ୍ତ ଓଡ଼ିଆ ଭାଷା ଆନ୍ଦୋଳନର ଅଗ୍ରଣୀ ଅନୁଷ୍ଠାନ ଉତ୍କଳ ସମ୍ମିଳନୀ, ପ୍ରଗତି ଉତ୍କଳ ସଂଘ, ସାଂସ୍କୃତିକ ପରିଷଦ ରାଉରକେଲା, ଇସ୍ପାତ ସାହିତ୍ୟ ସଂସଦ, ଆଦର୍ଶ ପାଠାଗାର, ଭଞ୍ଜ କଳାକେନ୍ଦ୍ର, ପଶ୍ଚିମ ଓଡ଼ିଶା ସାଂସ୍କୃତିକ ପରିଷଦ, ଏକତ୍ର ରାଉରକେଲା, ଓଡ଼ିଆ ଭାଷା ବିକାଶ ମଞ୍ଚ, ଗାରିମା, ଶାସ୍ତ୍ରୀ ସାହିତ୍ୟ ସଂସଦ, ଜଗଦା ସାଂସ୍କୃତିକ ପରିଷଦ, ବାସନ୍ତୀ ପାଠାଗାର, ବାସନ୍ତୀ ସାଂସ୍କୃତିକ ପରିଷଦ, ଧାମରା ସଂଘ, ସୁବର୍ଣ୍ଣରେଖା, ଗୋପବନ୍ଧୁ ପାଠାଗାର, ମଧୁସୂଦନ ପାଠାଗାର, ସ୍ୱାଭିମାନୀ ଓଡ଼ିଆ, ନୀଳଚକ୍ର, ନୀଳଶୈଳ, ମୁଁ ଓଡ଼ିଆ ମୁଁ ଗର୍ବିତ, ରାଉରକେଲା ହୋଟେଲ ଆସୋସିଏସନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଂଘଠନର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଏହି ପାଦଯାତ୍ରା ମଧୁସୂଦନ ମାର୍ଗରୁ ବାହାରି ମେନରୋଡ, ଡେଲି ମାର୍କେଟ, ମଙ୍ଗଳ ଭବନ, କଚେରୀ ରୋଡ ହୋଇ ଆମ୍ବେଦକର ଛକରେ ଶେଷ ହୋଇଥିଲା। ଓଡ଼ିଶା ସରକାରଙ୍କ ନିୟମ ଅନୁଯାୟୀ, ଓଡ଼ିଆରେ ନାମ ଲେଖିବା ବାଧ୍ୟତାମୂଳକ। ଏହାର ଉଲ୍ଲଂଘନ କଲେ ଜରିମାନାର ପ୍ରାବଧାନ ରହିଛି। ସ୍ଥାନୀୟ ଭାଷାରେ ନାମ ରହିଲେ ସାଧାରଣ ଲୋକ ଓ ଗ୍ରାହକମାନେ ଅନୁଷ୍ଠାନ ସହ ଅଧିକ ନିବିଡ଼ ଭାବେ ଯୋଡ଼ି ହୋଇପାରନ୍ତି। ଶ୍ରମ ଆୟୁକ୍ତ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣିଯାନରେ ଏଲ୍‌ଏନ୍‌ଜି ବ୍ୟବହାର ପାଇଁ ଗେଲ୍ ଓ ସେଲ୍ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର

**ରାଉରକେଲା, ୪।୪(ସମିସ)**



ସ୍ଥାୟୀ ଖଣିଜ ଉତ୍ତୋଳନ ସହ କାର୍ବନ ପାଦଚିହ୍ନ ହ୍ରାସ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ସେଲ୍, ଓଡ଼ିଶା ଖଣି ସମୂହ (ଓଜିଓଏମ) ଏହାର ଭାରି ଖଣି ଯାନ (ଏଚଇଏମ୍‌ଏମ୍)ରେ ଏକ ବିକଳ୍ପ ଇନ୍ଧନ ଭାବେ ତରଳ ପ୍ରାକୃତିକ ଗ୍ୟାସ (ଏଲଏନଜି) ବ୍ୟବହାରକୁ ଉପଯୋଗ କରିବା ପାଇଁ ଭାରତୀୟ ଗ୍ୟାସ ପ୍ରାଧିକରଣ ଲିମିଟେଡ୍(ଗେଲ) ସହିତ ଏକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରିଛି। ଏହି ଅବସରରେ ରାଉରକେଲା ସ୍ଥିତ ଖଣି ବିଭାଗରେ ସେଲ୍‌ର ଓଜିଓଏମ, ସିଏମଏଲଓ ଏବଂ ଗେଲ୍ ଗ୍ୟାସ ଲିମିଟେଡ୍ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମାଟି ଆରଏସପିର ଖଣି (ଓଜିଓଏମ) ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ.ପି. ସିଂହ ଏବଂ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାରଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ବଲାଣୀ ଓର୍ ମାଇନ୍ସର ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଏବଂ ଓଜିଓଏମର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଗେଲ୍ ଗ୍ୟାସ୍ ଲିମିଟେଡ୍ ପକ୍ଷରୁ ଗେଲ୍ ମାର୍କେଟିଂ ବିଭାଗର ସିଜିଏମ ଏମ୍ ଜାଫର୍ ଖାନ, ଆଶିଷ ମିତ୍ତଲ, ଜି. ଆଙ୍ଗୈୟା ଏବଂ ବରିଷ୍ଠ ମାର୍କେଟିଂ ଅଧିକାରୀ କାନି ବାଲାନ୍ ପ୍ରତିନିଧିତ୍ୱ କରିଥିଲେ। ଡିଜେଲ ବ୍ୟବହାରକୁ କମ୍ କରିବା ସହ ଇନ୍ଧନ ଦକ୍ଷତାରେ ଉନ୍ନତି ଆଣିବା ଏବଂ ସେଲ୍‌ର ସବୁଜ ଖଣି ଉତ୍ତୋଳନ କାର୍ଯ୍ୟକାରିତା ସହିତ ପରିବେଶ ଅନୁକୂଳ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ଏହି ପ୍ରୟାସର ମୁଖ୍ୟ ଲକ୍ଷ୍ୟ। ଏହି ବୁଝାମଣାପତ୍ର ଓଜିଓଏମ ଏବଂ ଗେଲ୍ ଗ୍ୟାସ୍ ଲିମିଟେଡ୍ ମଧ୍ୟରେ ସହଯୋଗ ପାଇଁ ଏକ ଢାଞ୍ଚା ପ୍ରତିଷ୍ଠା କରୁଛି ଯାହା ଓଜିଓଏମ ର ଲଜିଷ୍ଟିକ୍ସ ଏବଂ ଖଣି ଫ୍ଲିଟ୍ ପାଇଁ ଏକ ସ୍ୱଚ୍ଛ ଏବଂ ଅଧିକ ଦକ୍ଷ ଇନ୍ଧନ ଭାବରେ ଏଲଏନଜିର ଉପଯୋଗ ଏବଂ ସମନ୍ୱୟ ଅନୁସନ୍ଧାନ କରିବ।

ସୃଜନିକା

ସକାଳ
THE SAKALA
www.sakalaepaper.com

# ଦାରିଦ୍ର୍ୟ



ପୀତାମ୍ବର ତରାଇ



ସରକାରୀ କର୍ମଚାରୀ ଭାବରେ ନିଶିକାନ୍ତ ନିଜର ମାସିକ ଦରମା ଗଣ୍ଡାକ ଉପରେ ନିର୍ଭରଶୀଳ। ସେଥିରୁ ବଡ଼ ଖର୍ଚ୍ଚ ହେଉଛି ତେଜରାତି ଦୋକାନରୁ ଏକକାଳୀନ ଗୋଟେ ମାସର ସଉଦାପତ୍ର ସାରିଦେଲେ ଝିନ୍‌ଝଟ ଯାଏ। ମାସ ଦୁଇ ତାରିଖରେ ଦରମା ଗଣ୍ଡାକ ମିଳିଥିବାରୁ ନିଶିକାନ୍ତ ବ୍ୟାଗ୍ ଧରି ଚାଲିଲେ କୁଜଙ୍ଗ ବଜାର। ସଦା ଭାଇନା ତେଜରାତି ଦୋକାନରେ ପହଞ୍ଚି ମାସିକିଆ ସଉଦା ବରାଦ ଦେଲେ। ସଦା ମଉସା ତାଲିକାନୁଯାୟୀ ଜିରା, ଲଙ୍କା, ପିଆଜ, ଅଦା ଦେବା ପରେ ଡାଲି କେଜିଏ ଓଜନ କରିବାକୁ ବରାଦ ଦେଲେ ମାଧକୁ। ମାଲିକ ଆଦେଶ ଅନୁଯାୟୀ ଚାକର ମାଧ ଡାଲି ଓଜନ କରି ନିଶିକାନ୍ତ ବାବୁଙ୍କ ହାତକୁ ଦେବା ପାଇଁ ଯାଉଛି ତ, ନିଶିକାନ୍ତ ବାବୁଙ୍କର ଡାଲି ଓଜନରେ ସନ୍ଦେହ ହେଲା, ସେ ଆଉଥରେ ଓଜନ କରିବାକୁ କହିବାରୁ ଦୋକାନ ମାଲିକ ନିଜେ ଓଜନ କରି ଦେଖିଲେ ଏକ କେଜି ଡାଲି ବଦଳରେ ନଶହ ଗ୍ରାମ, ଶହେ ଗ୍ରାମ କମ୍ ଅଛି।

ନିଶିକାନ୍ତ ବାବୁ ବିରକ୍ତ ହୋଇ କହିଲେ,"ସଦା ଭାଇନା! ମୁଁ ତମର ନାଗୁଆ ଗରାଖ। ସାରା ବର୍ଷ ତମ ପାଖରୁ ଘରର ସମସ୍ତ ସଉଦାପତ୍ର ନେଉଛି। ଯଦି ଆଜି କିଲେ ଡାଲିରେ ଶହେ ଗ୍ରାମ ଠକିଲ, ତାହେଲେ ସାରା ବର୍ଷ କେତେ ଠକିଛ !"

ନିଶିକାନ୍ତଙ୍କ କଥା ସରି ନାହିଁ, ଦୋକାନୀ ସଦାନନ୍ଦ ଚାକର ପିଲାର ଗାଲରେ ବ୍ରହ୍ମ ଚାପଡ଼ାଟାଏ ଲଗାଇ କହିଲା, "ହାରାମଜାଦା ! ଗରାଖ ଈଶ୍ୱର, ତୁ ମୋ ଈଶ୍ୱରଙ୍କୁ ଠକୁଛୁ।" ଆଉ ଚାପଡ଼ାଏ ମାରିବାକୁ ଯାଉଛି ତ ନିଶିକାନ୍ତ ଅଟକାଇ କହିଲେ, "ଥାଉ ଥାଉ। ପିଲାଲୋକ। ନିକିତି କଥା, କ'ଣ କେମିତି ଚହଲି ଯାଇଥିବ। ଏଇଥର କ୍ଷମା କରିଦିଅ।"

ଦୋକାନୀ ପିଲା ଗାଲରେ ମାଲିକର ବ୍ରହ୍ମ ଚାପୁଡ଼ା ନିଶିକାନ୍ତଙ୍କୁ ସହ୍ୟ ହେଲା ନାହିଁ। ସାଇକେଲରେ ଘରକୁ ଫେରିଲା ବେଳେ ଭାବୁଥିଲେ, ଶହେଗ୍ରାମ ଡାଲି ଠକାମିରେ ଯାଇଥିଲେ ଯାଇଥାନ୍ତା ପଛେ, ଅଭିଯୋଗ କରି ସେ ଭୁଲ୍ କଲେ। ବିଚରା ପିଲାଟି ମାଡ଼ଖାଇ କାନ୍ଦି ପକାଇଲା, ସେହି ଲୁହ ଜଡ଼ସଡ଼ ଉଦାସ ମୁହଁଟି ନିଶିକାନ୍ତଙ୍କୁ ଦୋଷୀ କଲାଭଳି ଲାଗୁଥାଏ। ଘର ଧରିବା ଯାଏ ତାଙ୍କ ମନରୁ ପିଲାଟିର ବିକଳ ମୁହଁର ଚିତ୍ର ଯାଉ ନଥାଏ। ଆହାଃ, ବିଚରା ନିରୀହ ପିଲାଟି ! କାହାକୁ କିଛି ନକହି ଖବରକାଗଜ ପଢ଼ି ଭୁଲି ଯିବାକୁ ଚେଷ୍ଟା କରିବାକୁ ଲାଗିଲେ ସେ।

ଦୁଇମାସ ପରେ ନିଶିକାନ୍ତ ବାବୁ କୁଜଙ୍ଗ ବଜାରରେ ହଠାତ୍ ଦେଖିଲେ ସେଦିନ ଦୋକାନୀ ସଦାନନ୍ଦ ପାଖରୁ ମାଡ଼ ଖାଇଥିବା ମାଧ ଗୋଟେ ହୋଟେଲ୍ ପାଖରେ ଛିଡ଼ା ହୋଇଛି। ବହୁତ ଶୁଖି ଯାଇଛି। ତା' ପାଖକୁ ଯାଇ ପଚାରିଲେ, "ମାଧ କିରେ ! ତୁ କ'ଣ ସେ ଦୋକାନରେ ନାହୁଁ କି ? ଭଲ କଲୁ ସେଠାରେ ନରହି। ଏମିତି କ'ଣ ମାଡ଼ ମାରନ୍ତି। ମୁଁ ସେଦିନ ଭଲରେ ଶୋଇ ପାରି ନାହିଁ। କିଲେ ଡାଲିର ଓଜନ ଧରିଲି ବୋଲି, ମାଡ଼ ଖାଇଲୁ। ତୋ ମାଡ଼ ଖାଇବା ମୋତେ ବି କଷ୍ଟ ଦେଇଛି।"

ମାଧ କହିଲା, "ନାଇଁ ଆଜ୍ଞା। କିଲେକୁ ନଶହ କରିବାକୁ ମାଲିକର ନିର୍ଦ୍ଦେଶ ଥାଏ। ଯୋଉଦିନ ଗ୍ରାହକ ଆଖିରେ ଠକାମି ଧରା ପଡ଼ିଯାଏ, ସେଦିନ ମୁଁ ଗୋଟାଏ ବ୍ରହ୍ମ ଚାପୁଡ଼ା ଖାଇଥାଏ। ଏଇ ମାଡ଼ ପାଇଁ ମୁଁ ଅଧିକ ଦଶ ଟଙ୍କା ବକ୍‌ସିସ୍ ପାଇଥାଏ।"

ମାଧର କଥା ଶୁଣି ନିଶିକାନ୍ତ ବାବୁଙ୍କ ମୁଣ୍ଡ ଭିତରଟା ଯେମିତି ନିସ୍ପନ୍ଦ ହୋଇ ଆସୁଥିଲା। ସେ ଆଉ କିଛି ଭାବି ପାରୁ ନଥିଲେ। ଦାରିଦ୍ର୍ୟ ପାଇଁ ଏମିତି କିଛି ପୀଡ଼ା ଭୋଗିବାକୁ ପଡ଼େ, ଏ ଭାଗ୍ୟର ବିଡ଼ମ୍ବନା ନୁହେଁ ତ ଆଉ କ'ଣ କୁହାଯିବ? ■

ଅଶ୍ରୁନୀଡ଼, ମଙ୍ଗରାଜପୁର
କୁଜଙ୍ଗ, ଜଗତସିଂହପୁର
ମୋ: ୯୪୩୭୧୬୩୪୨୧

## ଗୋଟେ ଗୀତର ଶେଷଧାଡ଼ି

ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ



ଏମିତି ଏମିତି ଶେଷ ହୋଇଯିବ
ବସନ୍ତ ଓ ଖରାବେଳଠୁ
ଧାର ଆଣିଥିବା
କିଛି ଗୀତର ଧାଡ଼ି,
ଶ୍ରୋତା ନାହାଁନ୍ତି କେହି,
ଏମିତି କି ପବନ
ସ୍ଥିର ଅବିଚଳ ନଈଘାଟ
ଅନ୍ୟମନସ୍କ ଘରଚଟିଆ।
ନାହିଁ
କେହି ବି କେହି।
ଶୁଣିବାକୁ ଋତୁର ଗୀତ ଧାଡ଼ି।
ଆହା!
ସେଇମାନଙ୍କ ପାଇଁ ସାଇତିଲି
ଭଙ୍ଗ କଣ୍ଠରେ ସୁର
ସାଇତିଥିଲି ଦିଗ୍‌ବଳୟରେ
ଆଲୋକର ଅବିର।
ହାର୍ମୋନିୟମରେ
ବାନ୍ଧିଥିଲି
ଅଳନ୍ଧୁର ସ୍ୱର।
କାହାକୁ ମନେ ପକେଇକି ଆଉ
ବେଳକୁ ବେଳ
ଭୁଲିଯାଉଛ।
ପୁରୁଣା ଦରଜ ଓ ବିମ୍ବ।
ବେଳକୁ ବେଳ
ଖଣ୍ଡିଉଡ଼ା ଦେଇଥିବା ପକ୍ଷୀର
କୂଜନ ହଜିଯାଉଛି
ବର୍ଷାର ଛମ୍ ଛମ୍‌ରେ
ଯାଃ
ଆଉ ଗୀତ ପିତ ନାହିଁ
ଏତେକାଳ ଆଉ
ସ୍ୱର ଓ ବୟସକୁ
ବାନ୍ଧି ରଖିବାର ମାନେ କିଛି ନାହିଁ। ■

ପୂର୍ବତନ ବିଧାୟକ, ଖୋର୍ଦ୍ଧା
ସେନାଧ୍ୟକ୍ଷ, ପ୍ରେରଣା ଗ୍ରୀନ୍ ଆର୍ମି
ମୋ: ୯୪୩୭୨୮୭୮୦୬



## ଗୀତ

ରବି ଶତପଥୀ



ମୋର ସବୁ
ନୀରବତାକୁ ଭାଙ୍ଗିଦେଇ
କେହି ଜଣେ ଗୀତଟିଏ
ଗାଇଦେଇ ଯାଏ,
କୁଆଡ଼େ ସେ ଯାଏ ?
ଗୋଟେ ପ୍ରଶ୍ନଚିହ୍ନ ମୋ ମନରେ
ବାଡ଼ ହୋଇ ଠିଆହୁଏ।
ମୁଁ ବ୍ୟସ୍ତ ହୋଇ ସେ ବାଉଳା
ପବନକୁ ଡାକି ପଚାରେ,
ଯିଏ ଟିକେ ହସିଦେଇ ଚାହୁଁ ଚାହୁଁ
ଚୋରେଇ ନିଏ ସେ ଗୀତ।

କେହି ନଥିଲା ବେଳେ ବି
ମୁଁ ସେଇ ମନଛୁଆଁ ଗୀତ ଶୁଣିପାରେ
କିଏ ଶୁଣାଏ, ମୁଁ ତାକୁ ଖୋଜେ
ପାଏ ପୁଣି ପାଏନାହିଁ।
ଦଲକାଏ ପବନ ମୋତେ ଛୁଇଁଦେଇ
ଲୁଚିଯାଏ ଅନ୍ଧାରରେ
ମୁଁ କାନ୍ଦ କାନ୍ଦ ହୋଇ
ଅବୁଝା ମନକୁ ବୁଝାଏ।

ସ୍ୱର, ଲୟ କି ତାଳ ସଂପର୍କରେ
ସାମାନ୍ୟ ଧାରଣା ନଥିବା
ବେରସିକ ମଣିଷଟେ ମୁଁ
ସେଇ ଗୀତ ପଛରେ ହିଁ ପଡ଼ିଥାଏ,
ଯେଉଁ ଗୀତ କିଏ କେଉଁଠି
ନଗାଇଲେ ବି
କେବେ ପାଖରୁ ତ,
କେବେ ଦୂରରୁ ମୋତେ ଶୁଭେ।
ଶେଷରେ ମୁଁ ଫୁ କରି
ଦଗାଦିଆ ପବନ ସାଥିରେ
ଉଡ଼େଇ ଦିଏ ସେ ଗୀତକୁ,
ଯେତେବେଳେ ମୁଁ ଜାଣିପାରେ
ଗୀତ ଗାଉଥିବା ସେ ପକ୍ଷୀ
କେଉଁକାଳରୁ ନୀରବରେ ବସିଛି
ମୋ ମନର ଅଦୃଶ୍ୟ ଡାଳରେ। ■

ଅଧ୍ୟାପକ ଓଡ଼ିଆ ବିଭାଗ
ନନ୍ଦପୁର କଲେଜ, କୋରାପୁଟ
ମୋ: ୯୪୩୭୭୮୪୮୫୯

# "ସୃଜନୀ ପ୍ରକ୍ରିୟା ଅନ୍ତଃପ୍ରେରଣାଗତ ଏକ ପ୍ରଗାଢ଼ ପରିପ୍ରକାଶ"



ମୁଁ କାହିଁକି ଲେଖେ



ଗିରିଜାକୁମାର ବଳୀୟାରସିଂହ

'ମୁଁ କାହିଁକି ଲେଖେ' - ଏହା ଯଦି 'ମୁଁ କାହିଁକି ଭାବେ' ଭଳି ଜରୁରୀସ୍ତରୀୟ କୌଣସି ପ୍ରଶ୍ନ ପ୍ରକୃତରେ, ତା'ହେଲେ ତାହାର ଉଚିତ ଉତ୍ତର ହୁଏତ ହୋଇପାରେ: 'ମୁଁ କାହିଁକି ନିଃଶ୍ୱାସପ୍ରଶ୍ୱାସ ନିଏ' ଭଳି ପ୍ରଶ୍ନଟିର ଯାହା ସ୍ୱାଭାବିକ ସଦୁତ୍ତର ହେବା କଥା, ତାହା ହିଁ।

ଅପରପକ୍ଷରେ, ଆତ୍ମଜାଗରିତ ଏକ ଏକ ଅତଳ ଆହ୍ୱାନର ପ୍ରତ୍ୟୁତ୍ତର ପରି ପ୍ରତେ ହୋଇଥାଏ, ଏ ମୁଁ କାହିଁକି ଲେଖେ ସୂଚକୀୟ ସୃଜନୀ ପ୍ରକ୍ରିୟାଟିର ଅନ୍ତଃପ୍ରେରଣାଗତ ଏକ ପ୍ରଗାଢ଼ ପରିପ୍ରକାଶ। ଅତଏବ ଏହା ହେଉଛି ସେହି ଅବଧାରିତ ଅଭିବ୍ୟକ୍ତି, ଯାହା ଅନନ୍ୟୋଽପାୟ ହିଁ ଏକ ଏକ ଅନୁସ୍ୱନ୍ଦନାତ୍ମକ ଅନାମୟ ଆପାତୋକ୍ତି। ଅର୍ଥାତ୍ ଯେତେବେଳେ ଲେଖିବାକୁ ବାଦ୍ ଦେଇ, ଏ ଆପାତଲେଖକ ପକ୍ଷେ, ଅବିକଳ୍ପ ଅନ୍ୟୋପାୟ ନାସ୍ତି - ସେତେବେଳେ ଏହି ଅନ୍ତର୍ଭୂତ ଉପାୟହୀନତାର ହାର୍ଦ୍ଦିକ ହୁକୁମ୍‌ନାମାକୁ ମୁଣ୍ଡ ନୋଇଁ ମାନି ନେଉନେଉ ଲେଖେ ଅଲବତ୍, ଲେଖୁଥାଏ ଛାଏଁ, ଲେଖୁଥିବି ଅତଏବ। ହଜାରେ-ଏକ୍ ହରଫର୍ ହର୍‌ବାର ଏଇ ଏକ୍ ହେତୁ : ରହିହୁଏ ନାହିଁ ବୋଲି କହିବାକୁ ହୁଏ ହିଁ ଯେହେତୁ। କହିବାକୁ ଗଲେ ଗୋଟାଏ କେମିତି ଗୁଞ୍ଜନଶୀଳିତ ସୃଜନକ୍ରିୟାର ଗତ୍ୟନ୍ତରହୀନତା ଏ- ଆତ୍ମୋଦ୍ଭୂତ ସ୍ପନ୍ଦନ ସବୁକୁ ଅବତାରୀ ଶବ୍ଦ କରିବାରେ ଆଉ ଅମାୟିକ ଇଚ୍ଛାକୁ ଅମୋଘ ଅକ୍ଷର।

କେଉଁଠୁ କେଜାଣି, ଅନେକ ଅନେକ ଥର, ଆପଣାର ଏକାନ୍ତ ନିଭୃତ ଅନ୍ତର୍ଲୋକକୁ ଅଚିରାତ୍ ଆସି ଆଲୋଡ଼ାଇ ଦେଇଯାଏ ସେଇ ତୁମୂଳ ତାଡ଼ନା : ଦେଖ୍ ଆଖି ମୁଦି ସେଇସବୁ ଅନନୁଭୂତ ଅଦୃଶ୍ୟର ଅପୂର୍ବ ଅପରପାର୍ଶ୍ୱ ବି ... ଲେଖ୍, ଲେଖ୍, ଲେଖ୍ - ଅଲକ୍ଷିତ, ଅଲିଖିତ ଅବଧୂତୋବାଚୀ ଅବତରଣିକା ଯେତେ ଯାହା !

କିଏ ଏଇ 'ମୁଁ'ଟିକୁ ଆସି ତାଡୁଥାଏ ତନାଘନା : ଆରେ, ଲେଖ୍ - ଲେଖ୍ - ଲେଖ୍ ?

ଉପରକୁ ଅନାଏ ତ ତରା। ମନେହୁଏ, ତରା ଠାରୁଥାଏ : ଲେଖ୍ ! ତଳକୁ ତଳାସେ ତ ତୃଣ। ବୋଧହୁଏ, ତୃଣ ବି ତିଆରୁ ଥାଏ : ଲେଖ୍! ଏକଡ଼ ସେକଡ଼ ଘୂରି ଫେରି ଚାହୁଁଥାଏ ତ ଛାଡ଼ିଛାଡ଼ିକା ଛାଇଛିଟା ଫେର୍ ଧାଡ଼ିଧାଡ଼ିକା। ଲାଗୁଥାଏ, କାହୁଁ କୁଆଡୁ କା' ଛଟପଟ ଛାଇର ଛାର୍‌ଖାର୍ ନିଃଶ୍ୱାସ ମଧ୍ୟ କାହିଁକି କେଜାଣି ନିହାତି କତିକୁ ଚାଲିଆସି ଚୁପ୍‌ଚାପ୍ ଚିଆଁଇ ଦେଉଥାଏ : ଲେଖ୍ !

ରାତ୍ରିଚର ରୋଦନାର୍ତ୍ତ ପକ୍ଷୀଟି ସୁଦ୍ଧା ନିଜ ଶେଷ ପଇଁତରା ସାରୁ ନସାରୁଣୁ ଭୋରଭଙ୍ଗା ଭାବାଂଶକୁ ବି ତା' ରାବରେ ରଟିଯାଉଥାଏ : ଲେଖ୍ !

ଏମିତି ଅନେକାନେକ ଅଦୂରଦୂର ଆଜ୍ଞା, ଅନୁଜ୍ଞା, ଆଦେଶ, ଅଧ୍ୟାଦେଶ, ଆହ୍ୱାନ, ଅନୁଶାସନ, ଅନୁକଂପନ, ଅନୁରୋଧ, ଅନୁନୟାଦିର ଅନ୍ତର୍ଧ୍ୱନି : ଲେଖ୍, ଲେଖ୍, ଲେଖ୍ !

କାହିଁକି ସତରେ ଲେଖେ ବୋଲି କେବେହେଲେ ନିଜକୁ ଥରେ ସୁଦ୍ଧା ପଚାରିନଥିବା ଏଇ 'ମୁଁ' କିନ୍ତୁ ବିଲ୍‌କୁଲ୍ ଭିନେ 'ମୁଁ' - ଅନ୍ତର୍ବ୍ୟକ୍ତିତ୍ୱକୁ ଯିଏ ବିବର୍ତ୍ତିତ କରାଇଦେଇପାରେ ଅଭିବ୍ୟକ୍ତିତ୍ୱରେ।

ଲେଖେ କାହିଁକି ମୁଁ?

ମନେହୁଏ, ନିଜସ୍ୱ ଅଖଣ୍ଡ ଏକକତାକୁ ଖଣ୍ଡ ଖଣ୍ଡ କେତେ ବିସ୍ମିତ ବିହ୍ୱଳ ବହୁକତା ରୂପେ ବର୍ଣ୍ଣୀଭୂତ କରିରଖିବାର ଏକ ଅନବଦମିତ ଅନୁମିତି ହିଁ ଲେଖାଇ ଆସିଛି ମୋତେ, କାହିଁ କେଉଁ କାଳୁ ଏଯାବତ୍। ଅଭିବ୍ୟକ୍ତି ମଧ୍ୟରେ ବ୍ୟକ୍ତିର ବିମୋକ୍ଷସାଧନ ପାଇଁ ଏ ଅନୁମିତି ମଧ୍ୟ ଜାଗରୁକ କରାଇପାରେ ଏକପ୍ରକାର ଅନୁପ୍ରାଣନାପ୍ରାପ୍ତ ଆତ୍ମପ୍ରବୃତ୍ତି - ଯାହା ଯେକୌଣସି ସୃଜନଭୋଳ ସତ୍ତାର ଅନ୍ତର୍ନିହିତ ଏକ ଆକାଂକ୍ଷାକୁ ଏକାଧିକ ବହିଃପ୍ରକାଶିତ ଆକୃତିରେ ପରିଣତ କରିଥାଏ ବୋଲି ମୋର ବିଶ୍ୱାସ। ପ୍ରକାରାନ୍ତରେ କହିବାକୁ ଗଲେ, ଏପରି ଆକାଂକ୍ଷା ପୁଣି ସେଇ ଅପରିହାର୍ଯ୍ୟ ଅଙ୍ଗୀକାର, ଯାହା ସଂସ୍କୃତି ସହିତ ସ୍ତରେସ୍ତରେ ଯେପରି ରକ୍ତସଂପର୍କିତ କରିରଖିବାକୁ ଚାହେ ଅକ୍ଷରନିବଦ୍ଧ କୃତିପୁଂଜକୁ ବି !

ଆମର ଐତିହ୍ୟ, ପରଂପରା, ପର୍ଯ୍ୟାୟକ୍ରମିକ ମୂଲ୍ୟବୋଧ ଓ ବିବର୍ତ୍ତାୟମାନ ଭାଷିକ-ବ୍ୟକ୍ତିତ୍ୱ ଆମ ଏଇ ଅସମୟ-ଦୁଃସମୟମୟ ସମୟଖଣ୍ଡକୁ ଦମ୍ଭ ଦେଇଛି, ଦୃପ୍ତି ଦେଇଛି, ଦିଶା ଦେଇଛି, ଦୃକ୍ ଦେଇଛି ଆଉ ଦେଇଛି ବି ପୁଣି ଅବଧାରିତ ଅର୍ଥାନ୍ତରର ଅଭିମନ୍ତ୍ରସିଦ୍ଧ ରକ୍, ଯାହା ଯୁଗପତ୍ ଅନୁପେକ୍ଷଣୀୟ ଓ ଅଙ୍ଗୀକରଣୀୟ।

ପ୍ରକୃତ ପକ୍ଷରେ କହିବାକୁ ଗଲେ ଶିଳ୍ପକଳାଠାରୁ ଆରମ୍ଭ କରି ସାରସ୍ୱତ ସର୍ଜନାଂଶ ପର୍ଯ୍ୟନ୍ତ ଅନେକାନେକ ଅଭିବ୍ୟକ୍ତିର ଅସଲ ଉତ୍ସ ତ ଏକପ୍ରକାର ଅନ୍ତହୀନ ଅତୃପ୍ତିର ଆବେଦକ ଅବଦାନ।

କାବ୍ୟକାରିତାର କ୍ରମ ଓ କୃତିର କ୍ରାନ୍ତିକଳନା କ୍ଷେତ୍ରରେ ସାଢ଼େ ପାଞ୍ଚଟି ଦଶକର ଅତିକ୍ରାନ୍ତି ମୋର। ଏହା ସତ୍ତ୍ୱେ ସମସ୍ତ ସର୍ଜନା, ଏହି ବିଚାରଧାରାରେ, ମୋ ନିଜ ପାଇଁ ମଧ୍ୟ ଅଶେଷାଶେଷ ଅତୃପ୍ତିର ଏକ ଏକ ଅପରିପୂର୍ଣ୍ଣ ଅବଶିଷ୍ଟାଂଶ ହିଁ ଯେପରି! ଏ କ୍ଷେତ୍ରରେ କାହାରିକୁ କେବେ ମିଳିପାରେ, - ନା ପରିତୃପ୍ତି ନା ପରିପୂର୍ତ୍ତି : ଏହି ପରୀପ୍ରେକ୍ଷିତରେ, ମୁଁ କାହିଁକି ଲେଖେ, ମୋ ପକ୍ଷରେ ଏକ ପ୍ରଶ୍ନ ଅପେକ୍ଷା ବରଂ ଅଧିକ ଭାବରେ ଏକ ପ୍ରତିଭାଷ - ନିଜ ସୃଷ୍ଟିଶୀଳତାର ସନ୍ଦିଗ୍ଧ ସ୍ୱଗତ ପ୍ରତି।

ଆପାତତଃ, ଏଇ ପଣପୂରଣର ପଡିଆରୀ ପରିଣାମ ହେଉଛି କବିତାରୁ ମହାକବିତାମୁଖୀ ଏକ ଅଭିନିବେଶିତ ଅଭିଯାତ୍ରା।

ଯେଉଁ ହଜାରେ ବର୍ଷର ଅଭ୍ୟସ୍ତତା ଆମକୁ ଆମର ଗତବିଗତକାଳୀନ କାବ୍ୟଧାରାକୁ ଅଧୀତ କରାଇବାରେ ସହାୟତା ପ୍ରଦାନ କରିଆସିଛି, ଆଗକୁ ଆଉ ଶହେବର୍ଷର କବି-କବିତାର୍ଥୀକୁଳର ସୃଜନୀଧାରାକୁ ଅନୁଧ୍ୟାନ କଲାବେଳେ, ଏକ ଅବଶ୍ୟମ୍ଭାବୀ ସହାୟକ-ସୂତ୍ର ହିସାବରେ, ସେଇ ପୂର୍ବାନୁବୃତ୍ତ ଅଭ୍ୟସ୍ତତାଟି ମଧ୍ୟ କ'ଣ ବଜାୟ ରହିବା ବିଧେୟ ଏକ ବାଧ୍ୟତାମୂଳକ ବିଧିରକ୍ଷା ଭଳି? ଏହି ପ୍ରସଙ୍ଗରେ ଅତଏବ ଆପାତମୌନ ବା ଅର୍ଦ୍ଧନୀରବ ରହିବାକୁ ଚାହୁଛି ମୁଁ। ତଥାପି ଯଦି ପଚରାଯାଏ ଯେ, ମୁଁ କାହିଁକି ଲେଖେ, ତହୁଁ ସନ୍ଦିଗ୍ଧଭାବରେ କହିପାରେ : ଲେଖେ ଭବିଷ୍ୟତର ପ୍ରିୟପାଠକପାଠିକାଙ୍କ ପାଇଁ ସଂଭବତଃ !

ସମୁତ୍ତୀର୍ଣ୍ଣ ସମକାଳକୁ ବିଚାରି ନେଇଥାଏ, ମୋ ପକ୍ଷରେ ଯେପରି ଗୋଟିଏ ବିଦୀର୍ଣ୍ଣ ବିଷମକାଳ- ଯେହେତୁ ଏ ଅମଳର ପ୍ରଚଳମାନ କାବ୍ୟପଠନକୁ କେବଳ ଏକପ୍ରକାର ବହିଃରୂପାତ୍ମକ ବାକ୍ୟଗଠନର ବିକଳ୍ପ ଭାବରେ ଘେନା କରିବା ଦିଗରେ କାହିଁକି କେଜାଣି ଘୋର କୁଣ୍ଠା ମୋ ଭିତରେ ଏଯାବତ୍। ପ୍ରକାର ପ୍ରକାର ପଦଚର୍ଯ୍ୟାର ପ୍ରକାଣ୍ଡ ଦୁନିଆଦିରୁ ଆରମ୍ଭ କରି କ୍ରମେ ଲୋକଛନ୍ଦ, ଦାଣ୍ଡୀ, ନବାକ୍ଷରୀ, ରାଗ, ବୃତ୍ତାଦିରୁ ଛନ୍ଦଛଳଛଳ ଛତ୍ରପୁଞ୍ଜର ପାହାଡ଼ୀ ଝରଣା ଯାଏଁ ପ୍ରସାରିତ ଏକ ମହାନ୍ ଐତିହାସିକ କାବ୍ୟସଂସ୍କୃତିର ପାଦପୂରଣ ଯେ ପରିଶେଷରେ ଅପ୍ରାକୃତିକ ତଥା କୃତ୍ରିମ ଗଦ୍ୟର କାନ୍ତାରରେ, ଏଭଳି ଆସି ନେଇଯାଇପାରେ ନିଜସ୍ୱ ଗତିର ନିର୍ଘାତ୍ ମୋଡ଼ବୁଲାଣି - ଏ ବାବଦରେ ଏବ ସୁଦ୍ଧା ପୂର୍ଣ୍ଣସଂଶୟମୁକ୍ତ ନୁହେଁ ମୁଁ।

ସାରାଜୀବନର ସାରାଂଶକୁ ଭାବ-ସ୍ୱଭାବସିଦ୍ଧ ସ୍ୱଗତଭାଷୀ ସ୍ୱରଶବ୍ଦମୟ କରୁକରୁ କେବେ କେବେ ଅନୁଭବିଛି ଯେ ବଡ଼ ଉଭଟ ଭାବରେ ଉଚ୍ଛଳ ମୁଁ, ଉଷ୍ଣମ୍ ଉପକବିତା ସବୁରେ ମୋର। ମୁଁ କାହିଁକି ଲେଖେ ପ୍ରଶ୍ନଟିର ଉତ୍ତର ତା'ହେଲେ କଅଣ ଏଇ ଉତ୍ସରିତ ଉଚ୍ଛଳତା ?

କେବେ ଏମିତି ଉତ୍ତର ଖୋଜିବାର ଅବକାଶଟିଏ ମୋତେ ଦେଇପାରିନି ମୋ ସୃଜନୀକ୍ରିୟାର ନାନା ମଧ୍ୟାନ୍ତର ସୁଦ୍ଧା। କିଛି କିଛି ଉଦାସ ବର୍ଷ ତ ମୋ ସକାଶେ ପାଲଟିଯାଇଛି ନିରଳଂକୃତ ନୀରବତାର ନାମାନ୍ତରମାତ୍ର ! ଏହାପରେ ୨୦୦୩ରୁ ୨୦୨୦ - ଏଇ ୧୮ ବର୍ଷର ଅବଶିଷ୍ଟ କୃତି-ପ୍ରକାଶନର କାଳଖଣ୍ଡଟି ହେଉଛି : ସ୍ୱରଚିତ ସର୍ଜନାତ୍ମକ ପୁନରଭ୍ୟୁଦୟର ଏକ ବିଲମ୍ବିତ ବିଶେଷକ୍ରମ ମୋ ପକ୍ଷରେ। ଇତିମଧ୍ୟରେ ପ୍ରକାଶ ପାଇଛି 'ନୀଳନିର୍ବାଣ' ଓ 'ଭାରତବର୍ଷ'ଠାରୁ 'ପାଦପୂରଣ' ପର୍ଯ୍ୟନ୍ତ ନାନା କୃତି, କିନ୍ତୁ ନମୁନା-ପରଖ ବିଚାରରୁ ନିଜନିଜଠୁ ନିଆରା ବେଶ୍ ସେସବୁ - ଅର୍ଥାତ୍ ପରସ୍ପରଠାରୁ ପୃଥକ୍ ପୃଷ୍ଠାର ପୃଥିବୀ ପ୍ରାୟେକ ପ୍ରତୀତ ପ୍ରତ୍ୟେକେ ! ନିଜସ୍ୱ ଅବିଚ୍ଛିନ୍ନ ଏକକତାକୁ ଏଇଭଳି ଭିନ୍ନ ଭିନ୍ନ ବହୁକତା ରୂପେ ଭୋଗିବାକୁ ମୁଁ କଅଣ ତା'ହେଲେ ଭେଦି ଆସିଛି ଶବ୍ଦ ସଂସ୍କୃତିର ସେଇସବୁ ଶ୍ରମଣୀୟ ବର୍ଷାବାସ ନା ସାଧିଆସିଛି ସତରେ କ୍ରମକ୍ରମାନ୍ତରୀ କାବ୍ୟକାରିତାର କୃଚ୍ଛ୍ରକାୟାକଳ୍ପ ?

ନା, ନଜାଣେ କାହିଁକି ଲେଖେ ମୁଁ, ଏତେସବୁ ସତ୍ତ୍ୱେ। ■

କଟକ

## ପୁସ୍ତକ ପରିଚୟ

### ମୁହୂର୍ତ୍ତ

ସୁଚରିତା ବେହେରା



ବ୍ଲାକ୍ ଇଗଲ୍ ବୁକ୍ସ
ଭୁବନେଶ୍ୱର
ପ୍ରଥମ ସଂସ୍କରଣ : ୨୦୨୫
ମୂଲ୍ୟ: ୨୦୦ ଟଙ୍କା

ଘଟଣା ବହୁଳ ଜୀବନର ବାସ୍ତବ ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି ଗାଳ୍ପିକା ସୁଚରିତା ବେହେରାଙ୍କ 'ମୁହୂର୍ତ୍ତ' ପୁସ୍ତକର ଗପଗୁଡ଼ିକରେ। ଏହି ପୁସ୍ତକରେ ସଂକଳିତ 'ଗ୍ଲାନି', 'ସଂପର୍କ', 'ଆଲୋକର ରଙ୍ଗ', 'ଲୋଭ', 'ମୁକ୍ତି', 'ମୁଖା', 'ବିଦଗ୍ଧ ଯନ୍ତ୍ରଣା', 'କୋହ', 'ଅପ୍ରତ୍ୟାଶିତ', 'ବିଶ୍ୱାସଘାତକତା', 'ଅବ୍ୟକ୍ତ ବେଦନା', 'ବେଲୁନବାଲା', 'କାଳୀ ଝିଅ', 'ଭୋକ', 'ଅଭିଶପ୍ତ', 'ନିରବ ପ୍ରେମ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। 'ମୁକ୍ତି' ଗପରେ ଜଣେ ନାରୀର ସଂଘର୍ଷମୟ ଜୀବନ ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି। ଯିଏ ସ୍ୱାମୀର ନିର୍ଯାତନା ଅପେକ୍ଷା ସ୍ୱାବଲମ୍ବୀଭାବେ ଆନନ୍ଦମୟ ଜୀବନ ବଞ୍ଚିବାକୁ ଶ୍ରେୟସ୍କର ମଣିଛି। ସେହିପରି 'ମୁଖା' ଏକ ସାମାଜିକ ବାସ୍ତବଧର୍ମୀ ଗପ। ଅନେକ ମଣିଷଙ୍କ ବାହାରେ ଗୋଟିଏ ରୂପ ଓ ଭିତରେ ଅନ୍ୟ ଏକ ରୂପ ଥାଏ। ଏଭଳି ଚରିତ୍ରକୁ ଗାଳ୍ପିକା ନିଜ ଗଳ୍ପରେ ଚିତ୍ରିତ କରି ଏକ ସାମାଜିକ ବାର୍ତ୍ତା ପ୍ରଦାନ କରିଛନ୍ତି। ସୁଚରିତାଙ୍କ ଗଳ୍ପଗୁଡ଼ିକ ସଂକ୍ଷିପ୍ତ, ଅଥଚ ଗଭୀର ଆବେଦନଧର୍ମୀ। ଅନେକ ଗପରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷର ସୁଖ, ଦୁଃଖ, କୋହ, ଲୁହ ଓ ଯନ୍ତ୍ରଣାର ଚିତ୍ର ପ୍ରତିଫଳିତ ହୋଇଛି। 'ମୁହୂର୍ତ୍ତ'ର ଗଳ୍ପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ। ■

### ଜୀବନର ପରିଭାଷା

ଚନ୍ଦ୍ରଶେଖର ରାଉତ



ଏମ୍.ଆର୍. ଏଣ୍ଟରପ୍ରାଇଜେସ୍
ଏମ୍. ଆର୍. ପ୍ରେସ୍
ବରଗଡ଼
ପ୍ରଥମ ସଂସ୍କରଣ : ୨୦୨୬
ମୂଲ୍ୟ: ୧୪୦ ଟଙ୍କା

କବି କେବେ ସ୍ୱପ୍ନ ଦେଖନ୍ତି ଫୁଲଟିଏ ହୋଇ ଫୁଟିବା ପାଇଁ, ପୁଣି କେବେ ପକ୍ଷୀଟିଏ ହୋଇ ଖୋଲା ଆକାଶରେ ଉଡ଼ିବୁଲିବାକୁ। ଏଭଳି କିଛି ସ୍ୱପ୍ନ, ଅନୁଭବ ଓ ଅନୁଭୂତି ପ୍ରକାଶ ପାଇଛି କବି ଚନ୍ଦ୍ରଶେଖର ରାଉତଙ୍କ 'ଜୀବନର ପରିଭାଷା' ପୁସ୍ତକର କବିତାଗୁଡ଼ିକରେ। ଏହି ପୁସ୍ତକରେ ସଂକଳିତ 'ଠିକଣା ଖୋଜୁଛି ମଳୟ', 'ଅପେକ୍ଷା', 'ବର୍ଷା', 'ମୌସୁମୀର ଚିଠି', 'ମୋକ୍ଷ', 'ମାଟିର କବି', 'ପ୍ରେମ', 'ମୋ ବିନା ତମେ', 'ଜୀବନର ପରିଭାଷା', 'ଅନ୍ୟ ଏକ ପୃଥିବୀ', 'ଆକାଶ', 'ଅବ୍ୟକ୍ତ' ଆଦି କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି। ଏହି ପୁସ୍ତକର କବିତାଗୁଡ଼ିକରେ ପ୍ରକୃତି ପ୍ରୀତି, ମାନବୀୟ ପ୍ରେମ, ସାମାଜିକ ବାସ୍ତବତା, ଜୀବନର ଛଳ ଛଳ ଭାବ ଓ ଅନୁଭବ ଅତ୍ୟନ୍ତ ସରଳ ଓ ବୋଧଗମ୍ୟ ଭାଷାରେ ପ୍ରତିଫଳିତ ହୋଇଛି। କବି କେତେବେଳେ କଲମ ମୁନରେ ଜୀବନ ଓ ଜଗତର ବାସ୍ତବ ଚିତ୍ର ଅଙ୍କନ କରନ୍ତି କବିତା ମାଧ୍ୟମରେ, ପୁଣି କେତେବେଳେ ଚିତ୍ରଶିଳ୍ପୀଭାବେ ରଙ୍ଗ ଓ ତୂଳୀରେ ଅପରୂପ ପ୍ରକୃତିର ସୌନ୍ଦର୍ଯ୍ୟକୁ ପରିପ୍ରକାଶ କରନ୍ତି ଚିତ୍ର ମାଧ୍ୟମରେ। ଏହି କବିତା ପୁସ୍ତକର ଶେଷରେ କବି ତଥା ଚିତ୍ରଶିଳ୍ପୀ ଚନ୍ଦ୍ରଶେଖରଙ୍କ ଅନେକ ଆକର୍ଷଣୀୟ ଚିତ୍ର ସ୍ଥାନ ପାଇଛି। 'ଜୀବନର ପରିଭାଷା' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■

### ଶରତଚନ୍ଦ୍ରଙ୍କ ପରିଣୀତା

ଅନୁବାଦ: ବିପ୍ଳବ ଚୌଧୁରୀ



ସାଇ ଯମୁନା ପବ୍ଲିକେଶନ୍ସ
ଝାଞ୍ଜିରୀ ମଙ୍ଗଳା, କଟକ- ୯
ପ୍ରଥମ ସଂସ୍କରଣ : ୨୦୨୬
ମୂଲ୍ୟ: ୧୬୦ ଟଙ୍କା

ବିଶିଷ୍ଟ ଔପନ୍ୟାସିକ ଶରତଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ପରିଣୀତା' ଏକ ବହୁ ପାଠକାଦୃତ ଉପନ୍ୟାସ। ବଙ୍ଗଳା ଭାଷାର ଏହି କ୍ଲାସିକ୍ ଉପନ୍ୟାସକୁ ଓଡ଼ିଆରେ ବିପ୍ଳବ ଚୌଧୁରୀ ଅନୁବାଦ କରିଛନ୍ତି। ବିଂଶ ଶତାବ୍ଦୀ ପ୍ରାରମ୍ଭର କୋଲକାତାର ବାସ୍ତବ ଚିତ୍ର ଏହି ଉପନ୍ୟାସରେ ଚିତ୍ରିତ ହୋଇଛି। ଭାରତୀୟ ସମାଜର ପ୍ରେମ, ପ୍ରଣୟ ଓ ମାନବୀୟ ମଧୁର ସଂପର୍କ ବେଶ୍ ପ୍ରଭାବଶାଳୀ ଭାବେ ପ୍ରସ୍ଫୁଟିତ ହୋଇଛି ଏହି ଉପନ୍ୟାସରେ। କୋଲକାତାର ଜଣେ ଅନାଥ ଗରିବ ଝିଅ ଲଳିତା ଓ ଧନୀ ଶେଖରଙ୍କ ପ୍ରେମ ସଂପର୍କ ଉପରେ ଏହା ଆଧାରିତ। ପ୍ରେମ, ସାମାଜିକ ଶ୍ରେଣୀ ପାର୍ଥକ୍ୟ, ସାମାଜିକ ଦ୍ୱନ୍ଦ୍ୱ, ନାରୀର ଦୁର୍ଦ୍ଦଶା 'ପରିଣୀତା'ର କାହାଣୀକୁ ଅଧିକ ରୋମାଞ୍ଚକର କରିଛି। କେବଳ ପ୍ରେମ କାହାଣୀ ନୁହେଁ, ବଙ୍ଗୀୟ ସାମାଜିକ, ସାଂସ୍କୃତିକ ବୈଭବ ମଧ୍ୟ ଫୁଟି ଉଠିଛି ଏହି ଉପନ୍ୟାସରେ। ରୋମାଞ୍ଚକର କାହାଣୀ, ନିଆରା ରଚନା ଶୈଳୀ, ସରଳ ଭାଷା ପ୍ରୟୋଗ ଯୋଗୁଁ ଉପନ୍ୟାସଟି ମନଛୁଆଁ ହୋଇଛି। 'ପରିଣୀତା'ର କାହାଣୀ ନିଶ୍ଚୟ ପାଠକମାନଙ୍କୁ ଭଲ ଲାଗିବ। ■

# ଅଦାଲତରୁ ଦୋଷମୁକ୍ତ ପରେ ସମାନ ଅଭିଯୋଗରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ବେଆଇନ: ହାଇକୋର୍ଟ

**ବହିଷ୍କୃତ କନଷ୍ଟେବଲଙ୍କୁ ପୁନଃନିଯୁକ୍ତି ପାଇଁ ନିର୍ଦ୍ଦେଶ**

କଟକ, ୪।୪ (ସମିସ): ଯଦି ଜଣେ କର୍ମଚାରୀ ଫୌଜଦାରୀ ମାମଲାରେ ସମାନ ପ୍ରମାଣ ଆଧାରରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି, ତେବେ ସେହି ସମାନ ତଥ୍ୟକୁ ନେଇ ତାଙ୍କୁ ବିଭାଗୀୟ ସ୍ତରରେ ଦଣ୍ଡିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଜଣେ ପୁଲିସ୍ କନଷ୍ଟେବଲଙ୍କୁ ଚାକିରିରୁ ବହିଷ୍କାର କରାଯିବା ଆଦେଶକୁ ରଦ୍ଦ କରିବା ସହ ହାଇକୋର୍ଟ ଏପରି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଜଣିକିଆ ବିଚାରପତିଙ୍କ ଆଦେଶକୁ ଚାଲେଞ୍ଜ କରି ରାଜ୍ୟ ସରକାରଙ୍କ ତରଫରୁ ରୁଜୁ ଆବେଦନକୁ ଖାରଜ କରି ଜଷ୍ଟିସ୍ ମାନସ ରଂଜନ ପାଠକ ଓ ଜଷ୍ଟିସ୍ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଜଣିକିଆ ବିଚାରପତିଙ୍କ ଆଦେଶକୁ କାଏମ ରଖିବା ସହ ପ୍ରତିପକ୍ଷ କନଷ୍ଟେବଲ ବଂଶୀଧର ବାରିକଙ୍କୁ ତୁରନ୍ତ ଚାକିରିରେ ପୁନଃଅବସ୍ଥାପିତ କରିବା ସହ ତାଙ୍କର ସମସ୍ତ ବକେୟା ଏବଂ ଆନୁଷଙ୍ଗିକ ସେବା ସୁବିଧା ପ୍ରଦାନ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ, ପ୍ରତିପକ୍ଷ ତଥା ଓଡ଼ିଶା ପୁଲିସର ଜଣେ କନଷ୍ଟେବଲଙ୍କ ବିରୋଧରେ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣା ପାଇଁ ତାଙ୍କ ବିରୋଧରେ ଉଭୟ ଅଦାଲତୀ ମାମଲା ଏବଂ ବିଭାଗୀୟ ତଦନ୍ତ ଚାଲିଥିଲା। ତେବେ ଅଦାଲତରେ ବିଚାର ସମୟରେ ପ୍ରମାଣିତ ହୋଇଥିଲା ଯେ ଯେଉଁ ସମୟରେ ଏହି ଅପରାଧ ଘଟିଥିଲା, ସେତେବେଳେ ସମ୍ପୃକ୍ତ କନଷ୍ଟେବଲଜଣଙ୍କ ନିଜ କାର୍ଯ୍ୟସ୍ଥଳରେ ନଥିଲେ ବରଂ ଏକ ସରକାରୀ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଆଧାରରେ ଫୁଲବାଣୀ ଅତିରିକ୍ତ ଦୌରା ଅଦାଲତ ତାଙ୍କୁ ସମସ୍ତ ଅଭିଯୋଗରୁ ଦୋଷମୁକ୍ତ କରିଥିଲେ। କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହେବା ସତ୍ତ୍ୱେ ବିଭାଗୀୟ କର୍ତ୍ତୃପକ୍ଷ କନ୍ଧମାଳ ଏସ୍‌ପି ସେହି ସମାନ ସାକ୍ଷୀଙ୍କ ବୟାନକୁ ଆଧାର କରି ତାଙ୍କୁ ଗତ ୨୦୨୨ ଜୁଲାଇ ୫ରେ ଚାକିରିରୁ ବହିଷ୍କାର କରିଥିଲେ। ଏହାକୁ ପୁଲିସ ଆଇଜି କାଏମ ରଖିଥିଲେ। ଏହା ବିରୋଧରେ ସଂପୃକ୍ତ କର୍ମଚାରୀ ହାଇକୋର୍ଟରେ ଆବେଦନ କରିଥିଲେ। ଜଣିକିଆ ବିଚାରପତି ଏହି ବହିଷ୍କାର ଆଦେଶକୁ ରଦ୍ଦ କରି ବଂଶୀଧରଙ୍କୁ ଚାକିରିରେ ଅବସ୍ଥାପିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ଚାଲେଞ୍ଜ କରି ସରକାରଙ୍କ ତରଫରୁ ଦୁଇଜଣିଆ ଖଣ୍ଡପୀଠରେ ମାମଲା ରୁଜୁ ହୋଇଥିଲା।

# ନୂଆପଡ଼ା ଏବଂ ବଲାଙ୍ଗିର ଜିଲ୍ଲା ଜାତୀୟ ରାଜପଥର ସମ୍ପ୍ରସାରଣ କରାଯିବ

**୧୦୩.୫୨ କିମି. ରାସ୍ତା ପାଇଁ ୪୪୭.୧୧କୋଟି ଖର୍ଚ୍ଚ: ଗଡ଼କରୀ**

ଭୁବନେଶ୍ୱର, ୪।୪(ସମିସ): ନୂଆପଡ଼ା ଏବଂ ବଲାଙ୍ଗିର ଜିଲ୍ଲା ଜାତୀୟ ରାଜପଥର ସମ୍ପ୍ରସାରଣ କରାଯିବ। ଜାତୀୟ ରାଜପଥ-୩୫୩ ଏବଂ ଜାତୀୟ ରାଜପଥ-୫୯ ରେ ଅବସ୍ଥିତ କୁରୁମପୁରୀ-ରାଜଖରିଆର ସେକ୍ସନର ୧୦୩.୫୨ କିଲୋମିଟର ରାସ୍ତା ସମ୍ପ୍ରସାରଣରେ ମୋଟ୍ ୪୪୭.୧୧କୋଟି ଟଙ୍କା ଖର୍ଚ୍ଚର୍ କରାଯିବ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ୍ ଗଡ଼କରୀ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସରେ ସୂଚନା ଦେଇଛନ୍ତି।

ଏହା ଛତିଶଗଡ଼ର ରାୟପୁର-ମହାସମୁନ୍ଦ ଅଞ୍ଚଳକୁ ଓଡ଼ିଶା ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ଆନ୍ତଃରାଜ୍ୟ କରିଡର, ଯାହା ପରବର୍ତ୍ତୀ ସମୟରେ ବ୍ରହ୍ମପୁର ଏବଂ ଗୋପାଳପୁର ବନ୍ଦର ପର୍ଯ୍ୟନ୍ତ ବିସ୍ତାର କରିବ। ଏହି ପ୍ରକଳ୍ପ ଆଞ୍ଚଳିକ ଏବଂ ଆନ୍ତଃରାଜ୍ୟ ସଂଯୋଗୀକରଣକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ ହେବ, ଯାହା ନୂଆପଡା, ବଲାଙ୍ଗିର, କଳାହାଣ୍ଡି, କନ୍ଧମାଳ ଏବଂ ଗଞ୍ଜାମ ଜିଲ୍ଲା ମଧ୍ୟରେ ଯାତ୍ରୀ ଏବଂ ମାଲ୍ ପରିବହନକୁ ସୁଗମ ଏବଂ ଅଧିକ ଦକ୍ଷ କରିବ। ରାଜପଥରେ ବ୍ଲାକ୍ ସ୍ପଟ୍‌ଗୁଡ଼ିକୁ ସଂଶୋଧନ ଏବଂ ପାଚେରି ବନ୍ଧ ବ୍ୟବସ୍ଥା ମାଧ୍ୟମରେ କରିଡର ଉନ୍ନତିକରଣ କରାଯାଇ ରାସ୍ତା ସୁରକ୍ଷାକୁ ବୃଦ୍ଧି କରାଯିବ। ବିଶେଷକରି ଦୁଇଚକିଆ ଯାନଗୁଡ଼ିକର ସୁବିଧା ଯାତାୟତ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏହା ଦାରିଙ୍ଗବାଡ଼ି, ସୁନାବେଡ଼ା ବନ୍ୟପ୍ରାଣୀ ଅଭୟାରଣ୍ୟ ଏବଂ ନିକଟବର୍ତ୍ତୀ ପାହାଡ଼ି ଅଞ୍ଚଳ ଭଳି ପ୍ରମୁଖ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ମଧ୍ୟ ପ୍ରବେଶକୁ ଉନ୍ନତ କରିବ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପର୍ଯ୍ୟଟନ ଏବଂ ସ୍ଥାନୀୟ ଅଞ୍ଚଳର ଆର୍ଥିକ ବିକାଶକୁ ବୃଦ୍ଧି କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀ ଏକ୍ସରେ ଉଲ୍ଲେଖ କରିଛନ୍ତି।

# ନିଆଳିରେ ପାଗଳ ଷଣ୍ଢ ଆତଙ୍କ; ଜଣେ ମୃତ, ୮ ଆହତ

- ସିଠାଳ ଗ୍ରାମରେ କୋକୁଆ ଭୟ
- କାବୁ କଲେ ସ୍ଥାନୀୟ ବାସିନ୍ଦା

ନିଆଳି, ୪।୪(ସମିସ): କଟକ ଜିଲ୍ଲା ନିଆଳି ଥାନା ଅନ୍ତର୍ଗତ ସିଠାଳ ଗ୍ରାମରେ ପାଗଳ ଷଣ୍ଢର କ୍ରମାଗତ ଆକ୍ରମଣରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଷଣ୍ଢ ଆକ୍ରମଣରେ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ସମେତ ମୋଟ ୮ ଜଣ ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଗତକାଲି ସିଠାଳ ଅଞ୍ଚଳରେ ଏକ ପାଗଳ ଷଣ୍ଢ ହଠାତ୍ ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲା। ଏହି ହିଂସ୍ରକ ଆକ୍ରମଣରେ ୮୦ ବର୍ଷୀୟ ବୃଦ୍ଧ ଦ୍ୱିଜବର ସ୍ୱାଇଁ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଜଗତସିଂହପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସେହିପରି ୭୫ ବର୍ଷୀୟ ବୃଦ୍ଧ ହରେକୃଷ୍ଣ ସ୍ୱାଇଁ ମଧ୍ୟ ଗୁରୁତର ଆହତ ହୋଇଥିବା ବେଳେ ଅଧିକ ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଷଣ୍ଢ ଆକ୍ରମଣରେ ବିଶ୍ୱନାଥ ବଡୁ, ମଞ୍ଜୁଷା ମାଳିନୀ ବଡୁ, ଭୀମ ମାଲିକ, ସଂଯୁକ୍ତା ନାୟକ, ଜଗନ୍ନାଥ ନାୟକ ଏବଂ ରୂପାଲି ନାୟକ ମଧ୍ୟ ଆହତ ହୋଇଛନ୍ତି। ବର୍ତ୍ତମାନ ଏହି ୬ ଜଣଙ୍କ ଅବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

ଷଣ୍ଢଟି ପାଗଳ ହୋଇଯାଇଥିବାରୁ ଗ୍ରାମରେ ଭୟର ବାତାବରଣ ଖେଳିଯାଇଥିଲା। ପରିସ୍ଥିତିକୁ ନଜରରେ ରଖି ସନ୍ଧ୍ୟା ସମୟରେ ଏକ ସଂଗଠନ ଓ ସ୍ଥାନୀୟ ବାସିନ୍ଦାଙ୍କ ମିଳିତ ଉଦ୍ୟମରେ ଷଣ୍ଢଟିକୁ କାବୁ କରାଯାଇଛି। ବର୍ତ୍ତମାନ ଷଣ୍ଢଟିର ମଧ୍ୟ ଚିକିତ୍ସା କରାଯାଉଥିବା ସୂଚନା ମିଳିଛି। ତେବେ ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଗୃହପାଳିତ ପଶୁଙ୍କ ସୁରକ୍ଷା ଓ ବୁଲା ଷଣ୍ଢଙ୍କ ନିୟନ୍ତ୍ରଣକୁ ନେଇ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ଗ୍ରାମବାସୀ।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 656, dated 02.04.2026, I, GOPINATH PARAJA, S/o - Late. Bhagirathi Paraja, permanent resident of Village - Dumar Munda, PO - Basini, PS - Kodinga, Dist - Nabarangpur, Odisha, Pin - 754075, declare that I have changed the name of my Son from MANAJA to MANAJA PARAJA. Henceforth, he shall be known as **MANAJA PARAJA** for all purposes.

Sd/- Gopinath Paraja

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 662, dated 04.04.2026, I, HALADHAR MAJHI, S/o - Ratan Majhi, permanent resident of Village - Bhaluguda, PO - Kodinga, PS - Kodinga, Dist- Nabarangpur, Odisha, Pin - 754075, declare that I have changed the name of my Daughter from BOMOLA MAJHI to BIMALA MAJHI. Henceforth, she shall be known as **BIMALA MAJHI** for all purposes.

Sd/- Haladhar Majhi


# ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ

ଭୁବନେଶ୍ୱର, ୪।୪(ସମିସ): ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶକ୍ତିକାନ୍ତ ଦାସ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏଠାରେ ସେ ବିଭିନ୍ନ ଅତ୍ୟାଧୁନିକ ଲାବ୍ରୋଟୋରୀ ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ଦିଗରେ ଏହି କେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ବ୍ୟକ୍ତ କରିଛନ୍ତି। ଯୁବପିଢ଼ିଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ ଇଞ୍ଜିନିୟରିଂ' ଏବଂ 'ସ୍କୁଲ ଅଫ ସର୍ଭିସେସ୍' ବିଭାଗ ଅଧୀନରେ ବିଭିନ୍ନ ଅତ୍ୟାଧୁନିକ ଲାବ୍ରୋଟୋରୀ ରହିଥିବା ବେଳେ ଶ୍ରୀ ଦାସ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ବ୍ୟୁଟି ଆଣ୍ଡ ୱେଲନେସ୍ ଏବଂ ସ୍କୁଲ ଅଫ୍ ହସ୍ପିଟାଲିଟି ଆଦି ବିଭାଗ ବୁଲି ଦେଖିବା ସହ ଉନ୍ନତ ଭିତ୍ତିଭୂମି ଏବଂ ତାଲିମ ପାଠ୍ୟକ୍ରମକୁ ସେ ପ୍ରଶଂସା କରିଥିଲେ। ଏହି ପରିଦର୍ଶନ ବେଳେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଢ଼ିଲା ବିକିରଣ...

ଇକୋନୋମିକ ଜୋନ୍ ଉପରେ ମଧ୍ୟ ଶକ୍ତିଶାଳୀ ବୋମା ମାଡ଼ କରିଛି। ଏହି ଆକ୍ରମଣରେ ୩ଟି ବଡ଼ କମ୍ପାନୀକୁ ଟାର୍ଗେଟ କରାଯାଇଛି।

ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଅରାଗଚି କହିଛନ୍ତି ଯେ ବୁଶେହର ପରମାଣୁ ଶକ୍ତି କେନ୍ଦ୍ର ଉପରେ ଯଦି ଆଗକୁ ଆକ୍ରମଣ ଜାରି ରହେ, ତେବେ ଏହାର ପ୍ରଭାବ କେବଳ ଇରାନ ନୁହେଁ, ବରଂ ସମଗ୍ର ଉପସାଗରୀୟ ଆରବ ଦେଶଗୁଡ଼ିକ ଉପରେ ପଡ଼ିବ। ଆରାଗଚି ସାମାଜିକ ଗଣମାଧ୍ୟମରେ ଚେତାବନୀ ଦେଇ କହିଛନ୍ତି ଯେ ପରମାଣୁ କେନ୍ଦ୍ରରେ ବିସ୍ଫୋରଣ ଘଟିଲେ ସେଥିରୁ ନିର୍ଗତ ହେବାକୁ ଥିବା ଆଣବିକ ବିକିରଣ ତେହରାନ ଅପେକ୍ଷା ଉପସାଗରୀୟ ଦେଶଗୁଡ଼ିକର ରାଜଧାନୀରେ ଜୀବନ ଶେଷ କରିଦେବ। ତେବେ ଏହି ବିକିରଣ ପାଇଁ ତେହେରାନ ଦାୟୀ ରହିବାନାହିଁ ବୋଲି ଇରାନ ପକ୍ଷରୁ କୁହାଯାଇଛି।

ଅରାଗଚି କହିଛନ୍ତି ଯେ ୟୁକ୍ରେନର ଜାପୋରିଜିଆ ପରମାଣୁ କେନ୍ଦ୍ର ନିକଟରେ ଯୁଦ୍ଧ ଚାଲିଥିବା ବେଳେ ପାଶ୍ଚାତ୍ୟ ଦେଶଗୁଡ଼ିକ ଚିନ୍ତା ପ୍ରକଟ କରୁଥିଲେ, କିନ୍ତୁ ଇରାନର ପରମାଣୁ କେନ୍ଦ୍ର ଉପରେ ଆମେରିକା-ଇସ୍ରାଏଲ ୪ଥର ଆକ୍ରମଣ କରିବା ସତ୍ତ୍ୱେ ସେମାନେ କାହିଁକି ନିରବ ଅଛନ୍ତି? ବୁଶେହର ପରମାଣୁ କେନ୍ଦ୍ରଟି ଇରାନର ଦକ୍ଷିଣ ଉପସାଗରରେ ଅବସ୍ଥିତ। ଏହା ଇରାନ ରାଜଧାନୀ ତେହରାନଠାରୁ ପ୍ରାୟ ୭୫୦ କିମି ଦୂରରେ ଥିବା ବେଳେ ସମୁଦ୍ର ପାର୍ଶ୍ୱରେ ଥିବା ଆରବ ଦେଶଗୁଡ଼ିକର ଅତି ନିକଟତର। ଏହି ପରମାଣୁ କେନ୍ଦ୍ର ଉପରେ ଆମେରିକା ଓ ଇସ୍ରାଏଲ ଶନିବାରକୁ ମିଶାଇ ଚତୁର୍ଥଥର ପାଇଁ ଆକ୍ରମଣ କରିଛନ୍ତି।

### ଜଙ୍ଗଲ ଜମି ପାଇଁ...

ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ବିଭାଗର ଷ୍ଟେଜ-୧ ଅନୁମତି ମିଳିଛି। ଗତବର୍ଷ ଏପ୍ରିଲ ୫ ତାରିଖରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ୪ ଜଣିଆ ଟିମ୍ ପ୍ରସ୍ତାବିତ ପ୍ରଥମ ଗ୍ରୀନ୍ ଫିଲ୍ଡ ଏୟାରପୋର୍ଟ ପାଇଁ ଗ୍ରାଉଣ୍ଡ ଜିରୋ ସ୍ଥିତି ସମୀକ୍ଷା କରିଥିଲେ। ଏବେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ ପକ୍ଷରୁ ଷ୍ଟେଜ-୧ ଅନୁମତି ମିଳିଛି। ଏହି ଅନୁମତି ସହ କିଛି ସର୍ତ୍ତ ବି ରଖାଯାଇଛି। ଜଙ୍ଗଲ ଜମି ଡାଇଭର୍ସନ୍ ପରେ ସମାନ ପରିମାଣର ଜମିରେ କ୍ଷତିପୂରଣମୂଳକ ବନୀକରଣ କରିବାକୁ ପଡ଼ିବ। ବିଭିନ୍ନ ପରିବେଶଗତ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ସର୍ତ୍ତ ପାଳନ କରିବାକୁ ହେବ। ଏହି ବିମାନବନ୍ଦର ପାଇଁ ପୁରୀ ଜଙ୍ଗଲ ବିଭାଗର ୨୭.୮୮୭ ହେକ୍ଟର ଜଙ୍ଗଲ ଜମି ଯୋଗାଇ ଦିଆଯିବ। ମୋଟ ୧,୧୬୪ଏକର ଜମିରେ ନିର୍ମାଣ ହେବାକୁ ଥିବା ଏହି ଗ୍ରୀନଫିଲ୍ଡ ଏୟାରପୋର୍ଟ ପ୍ରଥମ ପର୍ଯ୍ୟାୟରେ ବାର୍ଷିକ ୪୬ଲକ୍ଷ ଯାତ୍ରୀ ଯାତାୟାତର କ୍ଷମତା ରଖିବ। ଏହା କାର୍ଯ୍ୟକ୍ଷମ ହେଲେ ଓଡ଼ିଶାର ପର୍ଯ୍ୟଟନ ଏବଂ ଅର୍ଥନୀତିକୁ ନୂଆ ଗତି ଦେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ, ମନ୍ତ୍ରାଳୟ ଯେଉଁ ସର୍ତ୍ତ ରଖି ଷ୍ଟେଜ୍-୧ ଅନୁମତି ଦେଇଛି, ତାହା ପୂରଣ କରିବା ପରେ ପରବର୍ତ୍ତୀ ଷ୍ଟେଜ୍-୨ ଅର୍ଥାତ୍ ଚୂଡ଼ାନ୍ତ ଅନୁମତି ମିଳିବ ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି।

ଶ୍ରୀଜଗନ୍ନାଥ ଗ୍ରୀନ୍‌ଫିଲ୍ଡ ଏୟାରପୋର୍ଟ ପାଇଁ ମୋଟ ୫୬୩୧ କୋଟି ଟଙ୍କା ଖର୍ଚ୍ଚ ବ୍ୟୟ ଅଟକଳ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୨,୨୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଇଡ୍‌କୋକୁ ନିର୍ମାଣ କାର୍ଯ୍ୟ ଦାୟିତ୍ୱ ଦିଆଯାଇଛି। ଏଣୁ, ବିସ୍ଥାପିତମାନଙ୍କୁ ଜମି ଅଧିଗ୍ରହଣ ଓ ପୁନର୍ବାସ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ। ମନ୍ତ୍ରଣାଳୟ ଯେଉଁ ସବୁ ସର୍ତ୍ତ ରଖିଛନ୍ତି, ତାହାକୁ ପୂରଣ କରାଯିବ। ଏହାପରେ ଚୂଡ଼ାନ୍ତ ଅନୁମତି ମିଳିବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି।

ସୂଚନାଥାଉ କି, ୨୦୨୧ ଜାନୁୟାରୀ ପହିଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ଏହାର ନାମ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ରଖିବାକୁ ଉଲ୍ଲେଖ କରିଥିଲେ। ପୁରୀରେ ବିମାନବନ୍ଦର ପ୍ରତିଷ୍ଠା କରାଯିବାର ଯଥାର୍ଥତା ରହିଛି ବୋଲି ସେ ଦର୍ଶାଇଥିଲେ। ଭାରତର ଚାରିଧାମ ମଧ୍ୟରୁ ଅନ୍ୟତମ ପୁରୀ। ଏଠାରେ ଶ୍ରୀମନ୍ଦିର ଏବଂ ମନୋରମ ବେଳାଭୂମି ରହିଛି। ପୁଣି ଅନ୍ତର୍ଜାତୀୟସ୍ତରର ସେବା ସୁବିଧା ଉପଲବ୍ଧ ହେଉଥିବା ବ୍ଲୁ-ଫ୍ଲାଗ ବିଚ୍ ସାଙ୍ଗକୁ ଆଖପାଖରେ ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର, ଚିଲିକା ସହିତ ଅନେକ ଦର୍ଶନୀୟସ୍ଥଳ ରହିଛି। ପ୍ରତ୍ୟହ ଏଠାକୁ ଦେଶବିଦେଶର ହଜାର ହଜାର ଯାତ୍ରୀ, ପର୍ଯ୍ୟଟକ ଆସିଥା'ନ୍ତି। ପ୍ରସ୍ତାବିତ କୋଷ୍ଟାଲ ହାଇୱେ ପୁରୀ, କୋଣାର୍କ, ପାରାଦୀପ ଦେଇ ଯିବ। ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟ ସହର ଭାବେ ଗଢ଼ିତୋଳିବା ଲାଗି ବିଭିନ୍ନ ପ୍ରକଳ୍ପ କରାଯାଉଛି। ଏହାଦ୍ୱାରା ଆଗାମୀ ଦିନରେ ଶ୍ରୀକ୍ଷେତ୍ରକୁ ପର୍ଯ୍ୟଟକଙ୍କ ସଂଖ୍ୟା ଆହୁରି ବଢ଼ିବ। ତେଣୁ, ପୁରୀରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଏକ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା କରିବା ଲାଗି ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ନବୀନ।

### ଓଡ଼ିଶାକୁ କେନ୍ଦ୍ରର...

କରିଥିଲେ। ପରେ ଏହି ପ୍ରକଳ୍ପକୁ ନେଇ ବିବାଦ ବୃଦ୍ଧି ପାଇଥିଲା ଏବଂ ଓଡ଼ିଶା ସରକାର ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟର ନିର୍ଦ୍ଦେଶକ୍ରମେ ୨୦୧୦ରେ ବଂଶଧାରା ଜଳ ଟ୍ରିବ୍ୟୁନାଲ୍ ଗଠନ ହୋଇଥିଲା। ଟ୍ରିବ୍ୟୁନାଲ୍ ପକ୍ଷରୁ ପ୍ରକଳ୍ପ ଅଞ୍ଚଳରେ ତଦନ୍ତ କରାଯାଇ ଉଭୟ ରାଜ୍ୟର ଟେକ୍ନିକାଲ ଦଳଙ୍କ ଯୁକ୍ତି ଶୁଣାଯାଇଥିଲା। ଟ୍ରିବ୍ୟୁନାଲଙ୍କ ରାୟ ଅନୁଯାୟୀ ଡାହାଣ ପାର୍ଶ୍ୱରେ ୮୦୦ କ୍ୟୁସେକ୍ କ୍ଷମତାର ସ୍ଲୁଇସ୍ ଗେଟ୍ ନିର୍ମାଣକୁ ଅନୁମତି ମିଳିଛି ଓ ଓଡ଼ିଶା ପାଇଁ ବାମ ପାର୍ଶ୍ୱରେ ଆଉ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ ହେବ। ଏହାସହ ଅବଶିଷ୍ଟ ଛଅ ମାସରେ ନଦୀର ଜଳପ୍ରବାହକୁ ଉଭୟ ରାଜ୍ୟ ୫୦:୫୦ ପ୍ରତିଶତ ଅନୁପାତରେ ବଣ୍ଟନ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରକଳ୍ପ ପାଇଁ ଆବଶ୍ୟକ ୧୦୬ ଏକର ଜମି ଓଡ଼ିଶାକୁ ଏକ ବର୍ଷ ମଧ୍ୟରେ ଆନ୍ଧ୍ର ପ୍ରଦେଶକୁ ହସ୍ତାନ୍ତର କରିବାକୁ ହେବ ଏବଂ ଏହାର କ୍ଷତିପୂରଣ ଆନ୍ଧ୍ର ପକ୍ଷରୁ ଦିଆଯିବ ବୋଲି ଗେଜେଟ୍‌ରେ ଉଲ୍ଲେଖ ରହିଛି। ଏହି ରାୟ ପ୍ରକାଶ ପାଇବା ପରେ ଗଜପତି ଓ ରାୟଗଡ଼ା ଜିଲ୍ଲାର ସିମାନ୍ତବର୍ତ୍ତୀ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ସୃଷ୍ଟି ହୋଇଛି। ଗଜପତି ଜିଲ୍ଲାର ସାହାରା, ବାଡିଗାଁ, ପାଲସିଂ, ଖାଣ୍ଡବା ଓ ରାୟଗଡ଼ା ଜିଲ୍ଲା ଗୁଣୁପୁର ଅଞ୍ଚଳର ଗାଦିଆଖଳା ପଞ୍ଚାୟତ ସହ ବିଭିନ୍ନ ସିମାନ୍ତବର୍ତ୍ତୀ ଗ୍ରାମରେ ଚାଷୀମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ନେରେଡି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଜମି ଓ ଭିଟାମାଟି କ୍ଷତି ହେବା ନେଇ ଲୋକମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ଏଭଳି ହେଲେ ସ୍ଥାନୀୟ ଅଞ୍ଚଳର ଚାଷ ଜମି ମରୁଭୂମି ପାଲଟିଯିବ ବୋଲି ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଇଲାଣି।

ଟ୍ରିବ୍ୟୁନାଲଙ୍କ ଉପରୋକ୍ତ ରାୟ ନେଇ ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି ଯେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁଙ୍କୁ ଖୁସି କରିବାକୁ ବଂଶଧାରା ଟ୍ରିବ୍ୟୁନାଲ୍ ରାୟ ଦିଆଯାଇଛି। ଓଡ଼ିଶାରେ ବଂଶଧାରାର ତିନି ଚତୁର୍ଥାଂଶ କ୍ୟାଚ୍‌ମେଣ୍ଟ ଏରିଆ ଥିବାବେଳେ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ଏହାର ଜଳକୁ ୫୦-୫୦ ଅନୁପାତରେ ବାଣ୍ଟିବା ଦ୍ୱାରା ଡବଲ ଇଂଜିନ ସରକାରର ଅସଲ ସ୍ୱରୂପ ପଦାରେ ପଡ଼ିଛି। ନିୟମଗିରିରୁ ବାହାରିଥିବା ବଂଶଧାରାର ଜଳ ଓଡ଼ିଶାର। ଏହାକୁ କଦାପି ଆନ୍ଧ୍ର ସହ ସମାନ ଅନୁପାତରେ ବଣ୍ଟାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି। କେନ୍ଦ୍ର ଜଳଶକ୍ତି ବିଭାଗ ତୁରନ୍ତ ଏହି ରାୟର ବିଜ୍ଞପ୍ତି ରଦ୍ଦ କରିବାକୁ ସେ ଦଳ ପକ୍ଷରୁ ଦାବି କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶାର କ୍ୟାଚ୍‌ମେଣ୍ଟ ଏରିଆର ସିଂହ ଭାଗ ରହିଥିବା ବେଳେ କେଉଁ ଆଧାରରେ ୫୦:୫୦ ଅନୁପାତରେ ଜଳ ବାଣ୍ଟିନେବେ। ଟ୍ରିବ୍ୟୁନାଲ୍ ଦେଇଥିବା ରାୟ ରାୟଗଡ଼ା ଜିଲ୍ଲା ଚାଷୀଙ୍କ ପାଇଁ ବିପଦ ସୃଷ୍ଟି କରିବ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ରାୟ ଓଡ଼ିଶାର କୃଷି ଓ ଜଳ ସମ୍ପଦ ଉପରେ ପ୍ରଭାବ ପକାଇବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିପରି ବରିଷ୍ଠ ଜଳ ବିଶେଷଜ୍ଞ ସୁଦର୍ଶନ ଛୋଟରାୟ ମଧ୍ୟ ସମାନ କଥା କହିଛନ୍ତି। ଟିଡିପି ସହଯୋଗରେ କେନ୍ଦ୍ରରେ ବିଜେପି ସରକାର ଚାଲିଛି। ତେଣୁ ଚନ୍ଦ୍ରବାବୁ ନାଇଡୁଙ୍କୁ ଖୁସି କରିବା ପାଇଁ କେନ୍ଦ୍ର ସରକାର ଏ ପ୍ରକାର୍ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଦୀନରେ ମହାନଦୀର ଭାଗ୍ୟ ମଧ୍ୟ ଏପରି ହୋଇଯିବ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରହି ବେହେରା କହିଛନ୍ତି ଯେ ଆନ୍ଧ୍ର ଚାପରେ କେନ୍ଦ୍ର ସରକାର ଗୋଟାଏ ପରେ ଗୋଟାଏ ପଦକ୍ଷେପ ନେଉଛନ୍ତି, ଯାହା ଓଡ଼ିଶାର ସ୍ୱାର୍ଥ ପରିପନ୍ଥୀ। ନେରେଡି ବ୍ୟାରେଜ ନିର୍ମାଣକୁ ଅନୁମତି ଦେବା ଏହାର ଜ୍ୱଳନ୍ତ ଉଦାହରଣ। ପୋଲାଭରମ୍ ପରେ ନେରେଡି ବ୍ୟାରେଜ ନିର୍ମାଣ ହେଲେ ଏହା କୋରାପୁଟର କୃଷି କ୍ଷେତ୍ରକୁ ଗଭୀର ଭାବେ ପ୍ରଭାବିତ କରିବ। ତେଣୁ ଟ୍ରିବ୍ୟୁନାଲଙ୍କ ଏହି ରାୟ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରନ୍ତୁ ବୋଲି ଶ୍ରୀ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

### ୬ ଶିଶୁଙ୍କ...

ରାତିରେ ଡ୍ରାଇଭର କାହିଁକି କୂଅକୁ ଦେଖିପାରିଲେ ନାହିଁ, ସେ ନେଇ ତଦନ୍ତ କରାଯାଉଛି। ଘଟଣାସ୍ଥଳରେ ସିସିଟିଭି ଫୁଟେଜ ଏବଂ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ଆଧାରରେ ଅଧିକ ତଥ୍ୟ ସଂଗ୍ରହ କରାଯାଉଛି। ଗୋଟିଏ ପରିବାରର ୯ ଜଣ ସଦସ୍ୟଙ୍କ ଏଭଳି ଅକାଳ ବିୟୋଗ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ବିଶେଷ କରି ୬ ଜଣ ଶିଶୁଙ୍କ ମୃତ୍ୟୁ ଏହି ଘଟଣାକୁ ଆହୁରି ଅଧିକ ମର୍ମାହତ କରିଛି।


**NOTICE**

By virtue of an affidavit sworn before the Notary Public, Kukudakhandi, Ganjam dated 25.08.2025, I, Sri B Siba Rao son of B Bhagirathi, Village Melkaturu Mendrajpur, P.O.- Mendrajpur, P.S.- Golanthara, Dist- Ganjam, declare that I have changed my name from B. Shiba Rao to B Siba Rao, henceforth, I shall be known as **B Siba Rao** for all purposes.

B Siba Rao

**AFFIDAVIT**

By virtue of an affidavit no. 129 before the Executive Magistrate, Bhubaneswar, dtd.24.02.2026, I, Dulal Majhi, Vill-Chhelimundia, P.O.-Mirjapur, P.S.-Khaira, Dist- Balasore, Pin-756134 hereby declare that I have changed the name of my minor daughter from Basanti Majhi to Adyasha Priyadarshini. Henceforth, she shall be known as **Adyasha Priyadarshini** for all purposes.

Sd/- Dulal Majhi

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 655, dated 02.04.2026, I, DHANSINGH PARAJA, S/o - Late. Sabhasan Paraja, permanent resident of Village - Dumar Munda, PO - Basini, PS - Kodinga, Dist- Nabarangpur, Odisha, Pin - 754075, declare that I have changed the name of my Son from BISAWNATH PARAJA to BABLU PARAJA. Henceforth, he shall be known as **BABLU PARAJA** for all purposes.

Sd/- Dhansingh Paraja

13001/25/2627

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

CDA

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-6 ରେ ପ୍ଲଟ୍ ନଂ-B/1522 ଟିକୁ ଅଂସରୁଲ ହକ, ପିତା-ଅବଦୁଲ ଘାନି ଖାନ୍, ସା-ମୁଲ୍ଲା କମ୍ପାଉଣ୍ଡ, ମିଶନ ରୋଡ, କଟକ-୦୧ କୁ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ଅଂସରୁଲ ହକଙ୍କ ମୃତ୍ୟୁ ପରେ ତାଙ୍କର ନ୍ୟାୟିକ ଉତ୍ତରାଧିକାରୀ ପତ୍ନୀ ମରିଅମ ମୁଲ୍ଲା ହକ, ସ୍ୱାମୀ-ଅଂସରୁଲ ହକ ଓ ଦୁଇ ଝିଅ ଫରାନା ହକ, ଫ୍ରିଜାନା ହକ, ପିତା-ଲ ଅଂସରୁଲ ହକ, ସା-୧୨୦୧, ପଲାସିଓ ବିଲ୍ଡିଂ, ୧୬ ରୋଡ, ବାନ୍ଦ୍ରା ୱେଷ୍ଟ, ମୁମ୍ବାଇ-୪୦୦୦୫ ଉକ୍ତ ପ୍ଲଟ ଟିକୁ ଉତ୍ତରାଧିକାରୀ ଆଧାରରେ ନିଜ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।।

ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟ ରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

**ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)**

OIPR-13001/13037/1/26-27/0005

Office of District Manager 7001/4/2627

Odisha State Civil Supplies Corporation Ltd. (OSCSC)

MALKANGIRI DISTRICT

Phone: 9438200051 / 9437201582

District Web site : www.malkangiri.odisha.gov.in

Tender No. 1279 Dt. 31.03.2026

District Manager, Odisha State Civil Supplies Corporation Ltd., Malkangiri invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of **Handling Contractor** (Labour Works) for Handling of Foodgrains (Rice, Wheat etc.) at all the Rice Receiving Centres (RRCs) (except SPEG, Khairput) in the district of the State of Odisha. |
| 2 | Availability of bid document in the portal | From Date- 02.04.2026 at 11.00 A.M |
| 3 | Last Date / Time for receipt of bids in the portal | Date- 04.04.2026 up to 11.00 A.M |
| 4 | Date/Time of Opening of Technical Bid | Date- 21.04.2026 up to 10.00 A.M |
| 5 | Name and address of Officer Inviting Tender | **District Manager, OSCSC Ltd., Malkangiri** |

**Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.**

District Manager, OSCSC Ltd., Malkangiri

OIPR-7001/7035/1/26-27/0001

27001/3/2627

**ଓଡିଶା ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡା**

**ଲୋଇସିଂହା, ବଲାଙ୍ଗୀର**

ବିଜ୍ଞାପନ ସଂଖ୍ୟା -୦୦୧ ତାରିଖ – ୦୨/୦୪/୨୦୨୬

**ଓଡିଶା ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡାର ଛାତ୍ରାବାସ ନିମନ୍ତେ ଚୁକ୍ତିଭିତ୍ତିକ ନିଯୁକ୍ତି ବିଜ୍ଞପ୍ତି**

ଓଡିଶା ସରକାରଙ୍କ ଅଧିନରେ ପରିଚାଳିତ ବଲାଙ୍ଗୀର ଜିଲ୍ଲାର ଓଡିଶା ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡା ଛାତ୍ରାବାସ (Non-KGBV) ନିମନ୍ତେ Warden, Head Cook, Assistant Cook, Chowkidar_cum_Sweeper ଚୁକ୍ତିଭିତ୍ତିକ ନିଯୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଛାତ୍ରାବାସ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ପୁରୁଷ ହେବା ଆବଶ୍ୟକ । ସମସ୍ତ ପଦବୀ ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଓ ଚୁକ୍ତିଭିତ୍ତିକ ଅଟେ । ଆବେଦନ ଫର୍ମରେ ଆବଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ତା. ୦୪/୦୪/୨୦୨୬ ରୁ ୨୧/୦୪/୨୦୨୬ ସୁଦ୍ଧା ଓଡିଶା ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡା ଠିକଣାରେ ରେଜିଷ୍ଟ୍ରି ପୋଷ୍ଟ / ସ୍ପିଡ ପୋଷ୍ଟ କରି ଓଙ୍କ ବିଦ୍ୟାଳୟରେ କେବଳ କାର୍ଯ୍ୟଦିବସରେ ସମୟ ସକାଳ ଘ. ୭.୩୦ ମି. ରୁ ଘ. ୧୧.୦୦ ମି. ମଧ୍ୟରେ ଆବେଦନ କରିବା ଆବଶ୍ୟକ । ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ଓଙ୍କ ଆବେଦନ ଫର୍ମ https://balangir.odisha.gov.in ଓଙ୍କ https://oav.edu.in/OAVJRM ରେ ଉପଲବ୍ଧ ଅଟେ ।

ସା/- ଅଧ୍ୟକ୍ଷ,

ଓଡିଶା ଆଦର୍ଶ ବିଦ୍ୟାଳୟ, ଝାରମୁଣ୍ଡା, ଲୋଇସିଂହା

OIPR-27001/27214/1/26-27/0001

GOVERNMENT OF ODISHA 32001/13/2627

e-Procurement Notice, Superintending Engineer, M.I. Division, Angul

**Bid Identification No.-18 OF 2026-27**

e-mail ID: semidivisionangul@gmail.com

Letter No. 823 / Date:- 02.04.2026

| | | |
|---|---|---|
| 1 | Number of Works | 03 (Three) numbers of Civil works |
| 2 | Approximate estimated cost | From 69.60 Lakh to 75.88 Lakh |
| 3 | Cost of Tender Paper | Rs. 10000/- (Non-Refundable) |
| 4 | Period of completion | 06 (Six) Calendar Months |
| 5 | Date & Time of availability of bid document in the portal | Dt. 10-04-2026 at 10.00 A.M. to Dt. 17-04-2026 up to 5.00 P.M. |
| 6 | Last date / Time for receipt of bid in the portal | Dt. 17-04-2026 up to 5.00 P.M. |
| 7 | Date of opening of Technical bid documents for double cover bid | Dt. 18-04-2026 at 10.00 A.M. |
| 8 | Date of opening of Financial bid documents for double cover bid | On Dt. 22-04-2026 at 10.00 A.M. in the Office of the Superintending Engineer, M.I. Division, Angul |
| 9 | Date of lottery if required | Dt. 27-04-2026 at 11.00 A.M. |
| 10 | Name and address of the Office Inviting Bid | Superintending Engineer, Minor Irrigation Division, Angul, At/P.O.: Hakimpada, College Square, Dist: Angul, PIN-759143, Phone: 06764-236522, Email: semidivisionangul@gmail.com |
| 11 | The Bidders have to participate in ONLINE bidding only. Further details can be seen from the eProcurement portal | http://tenderorissa.gov.in |

Sd/- Superintending Engineer M.I. Division, Angul

OIPR-:32001/32284/1/26-27/0002

GOVERNMENT OF ODISHA 34001/10/2627

OFFICE OF THE SUPERINTENDING ENGINEER,

BOUDH (R&B) DIVISION, BOUDH

Phone: - 06841-296119 Email: - eeboudhrb@gmail.com

**INVITATIONS FOR BIDS (IFB)**

e-Procurement Notice

Letter No. 1588 Dated. 31.03.2026

BID IDENTIFICATION No. : SE (R&B)-BDH 33/2025-26

| | | | |
|---|---|---|---|
| 1. | Number of work | : | 01 (One) No. of Civil work (Single cover)<br>01 (One) No. of EI work (Single cover) |
| 2. | Estimated cost | : | As per the column No. 3 of the table |
| 3. | Period of completion | : | As per the column No. 8 of the table |
| 4. | Date & time of availability of Bid documents in the portal | : | From 07.04.2026, 10:00 AM to 16.04.2026, 05:00 PM |
| 5. | Last date / time for seeking of Tender clarification | : | 16.04.2026 up to 01:00 PM |
| 6. | Last date / time for receipt of bids in the portal | : | Up to 5:00 PM of Dtd. 16.04.2026 |
| 7. | Date & time of opening of Tender / Bid | : | 17.04.2026 at 11:30 AM |
| 8. | Name and address of the officer inviting bid | : | Superintending Engineer, Boudh (R&B) Division, Boudh |

A. Other details can be seen from detailed notice.
B. Inviting tenders, available in the website : www.tendersorissa.gov.in
C. Corrigendum if any shall only be published in the website : www.tendersorissa.gov.in

Superintending Engineer, Boudh (R&B) Division, Boudh

OIPR-34001/34134/1/26-27/0001

GOVERNMENT OF ODISHA 32001/6/2627

OFFICE OF THE SUPERINTENDING ENGINEER,

MINOR IRRIGATION DIVISION, RAYAGADA

(E-mail ID: eemirayagada@gmail.com)

NOTICE INVITING TENDER

e-Procurement Notice

e-Procurement Notice No. **SEMIDRGD - 01/2026-27**

**Letter No. 1297 / Dated 01.04.2026**

The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Construction of 09 Nos. of New Check Dams in different Blocks of Rayagada District under MATY 3.0 for the year 2026-27.
2. Total Number of works : 09 (Nine) Nos.
3. Estimated cost : Approximately varies from **Rs.29.59Lakh to Rs. 46.55Lakh**.
4. Period of completion : As mentioned against each work in Annexure to Bid Notice
5. Class of Contractor : As mentioned against each work in Annexure to Bid Notice
6. Date and time of availability of bid documents in the portal : From 10:00 A.M of 07.04.2026 to 5:00 PM of 16.04.2026
7. Last date /time for receipt of bids in the portal : 5:00 PM of 16.04.2026
8. Date of opening of bid : At 11:00 AM on 17.04.2026 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha Website: www.tendersodisha.gov.in

**Superintending Engineer M.I. Division, Rayagada**

OIPR-32001/32524/1/26-27/0001

ସକାଳ THE SAKALA



www.sakalaepaper.com

## ଉତ୍ସବମୁଖର ହେଲା ବିଭିନ୍ନ ବିଦ୍ୟାଳୟ

# ଖଡ଼ି ଛୁଇଁଲେ ଶିଶୁବାଟିକାର କୁନି କୁନି ଛାତ୍ରଛାତ୍ରୀ



ହରଭଙ୍ଗା,୪।୪(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଧଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଜିଲ୍ଲା ସ୍ତରୀୟ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀ ପିଲାଙ୍କ ନାମ ଲେଖା ପାଇଁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଏବଂ ଶିକ୍ଷା ସଚେତନତା ରଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଚୂଡ଼ାମଣିବାରିକ, ଭାସ୍କରଲେଙ୍କା, ହରଭଙ୍ଗା ବିଡ଼ିଓ ବିଜୟ ପ୍ରଧାନ, ତହସିଲଦାର ବଳଦେବ ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ହରଭଙ୍ଗା ହାଡିବନ୍ଧୁ ବେହେରା, ହରଭଙ୍ଗା ବ୍ଲକ୍ ଉପାଧକ୍ଷ କାହ୍ନୁଚରଣ ନାଥ, ସିଡିପିଓ ଦୀପ୍ତିମୟୀ ପାତ୍ର, ସ୍ଥାନୀୟ ସରପଞ୍ଚ ସୁଜାତା କର୍ଣ୍ଣ, ଧଳପୁର ସମିତି ସଭ୍ୟା ସନ୍ଧ୍ୟାରାଣୀ ନାୟକ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୌଲସ୍ତି ଭୋକ୍ତା ମଞ୍ଚାସୀନ ଥିଲେ। ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଥିଲା। ନବକିଶୋର ଦୀପ ମଞ୍ଚ ପରିଚାଳନା କରିଥିଲେ। ପିପଲକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଛତରଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାମଗଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଶିକ୍ଷା ସଚେତନତା ଭିତ୍ତିକ ନୃତ୍ୟ ପ୍ରଦର୍ଶନ କରିଥିଲେ।

**ମନମୁଣ୍ଡା:** କଣ୍ଟାମାଳ ବ୍ଲକର ଦମାମୁଣ୍ଡା ଉପ୍ରା ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ପ୍ରବେଶ ଓ ଖଡ଼ି ଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଂଜନ ମାଳିଙ୍କ ଅଧକ୍ଷ୍ୟତାରେ ଅନୁଷ୍ଠିତ ଏହି ପର୍ବରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ଜିଲ୍ଲା ପରିଷଦ ଉପାଧକ୍ଷ୍ୟ ଶଙ୍କର୍ଷଣ ପ୍ରଧାନ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମାନନୀୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସୁମିତ୍ରା ସାହୁ, ଏବିଇଓ ଦୁର୍ଗାଚରଣ ପ୍ରଧାନ, ନୀଳମଣୀ ପଣ୍ଡା, ଅନିତା ମେହେର, ମିଳିତ ଶିକ୍ଷକ ସଙ୍ଘର ସଭାପତି ନୀଳାଚଳ ଭୋଇ, ଦମାମୁଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗୋବିନ୍ଦ ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରଂଜୁ ଅମାତ ପରିଚାଳନା କରିଥିଲେ। ଶିକ୍ଷକ ସୁଶୀଲ ପ୍ରଧାନ, ପ୍ରଜିନା ପାଢ଼ୀ, ଦେବବ୍ରତ ସାହୁ, ପବିତ୍ର ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ସିଆରସିସି ରୁପସିଂ ଖେତୀ ଧନ୍ୟବାଦ ଅର୍ପଣ କରିଥିଲେ।



**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ୍ ବଡ଼ିଗାଁ ପଞ୍ଚାୟତ ସାଲିଗାଁ ପ୍ରାଥମିକ ବିଦ୍ୟାଳୟରେ ମଧ ପ୍ରବେଶ ତଥା ଖଡ଼ିଛୁଆଁ ଉତ୍ସବ ପାଳିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଦେହୁରୀ ଅଧକ୍ଷତା କରିଥିଲେ। ଧର୍ମୁଧର ପୋଢ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ବିଶ୍ୱାଳ, ସିଆରସିସି ରଶ୍ମିରଂଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ସଚ୍ଚିଦାନନ୍ଦ ମହାକୁଡଳ ଉତ୍ସବରେ ଅତିଥି ପରିଚୟ ଦେଇଥିଲେ। ୱାର୍ଡ ସଭ୍ୟ ସସ୍ମିତା ବାଘ, ପୂର୍ବତନ ୱାର୍ଡ ସଭ୍ୟ ମହେଶ୍ୱର ନାଏକ, ଗ୍ରାମ୍ୟ ଶାନ୍ତି କମିଟର ସଭାପତି ପ୍ରଶାନ୍ତ ଗାଈଗଉରିଆ ପ୍ରମୁଖ ଉପସ୍ଥିତ ଥିଲେ। ସୌମିତ୍ରୀ ମାଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବେହେରାମାଲ କ୍ଲଷ୍ଟର ଅଧୀନ ଲଙ୍ଗଲକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଦାମ ଖମାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବେହେରାମାଲ କ୍ଲଷ୍ଟରର ପ୍ରାକ୍ତନ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ରଥ ମୁଖ୍ୟ ଅତିଥି, ଶିକ୍ଷା ପ୍ରେମୀ ରାଜେନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ଶିଶୁବାଟିକା ଶ୍ରେଣୀର ନବାଗତ ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ସହ ଫୁଲତୋଡ଼ା, ମିଷ୍ଟାନ୍ନ ଓ ପଢାସାମଗ୍ରୀ ଦେଇ ସ୍ୱାଗତ କରିଥିଲେ। ଶିକ୍ଷକ ନରେନ୍ଦ୍ର ପୁରୋହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ ଖଡ଼ି ଛୁଆଁଇ ଥିବାବେଳେ ବବିତା ସାହୁ ଧନ୍ୟବାଦ ଦେଇଥିଲେ। ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀ ସ୍ୱାଗତ ସଂଗୀତ ଗାନ କରିଥିଲେ। ଛାତ୍ର ସତ୍ୟମ୍ ସେଠ ଓ ପାର୍ଥବ ସେଠ ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇବାକୁ ସୁଯୋଗ ପାଇଥିବାରୁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା।

**ବେଲପଡା:** ବଲାଙ୍ଗିର ଜିଲ୍ଲା ବେଲପଡା ନୁନହାଡ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ପାଳିତ ହୋଇଛି। ବିଡିଓ ରାଜେଶ ମେହେର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର, ଅତିରିକ୍ତ ଶିକ୍ଷାଧିକାରୀ ଚତୁର୍ଭୁଜ ମିର୍ଦ୍ଧା, ସ୍ଥାନୀୟ ସରପଞ୍ଚ ବିଳାସିନୀ ମେହେର ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟତ୍ରୀ ସଂଯୁକ୍ତା ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।



## ଅଡ଼ାଲ, ନାରାୟଣନଗରରେ ବାଳିବଧ

ବୀରମହାରାଜପୁର,୪।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଖଣ୍ଡହତା ପଞ୍ଚାୟତର ଅଡ଼ାଲ ଗ୍ରାମରେ ମା' ଭଗବତୀ ନାଟ୍ୟ ସଂସଦ ଆନୁକୂଲ୍ୟରେ ରାମଲୀଳା ନାଟକ ଚାଲିଛି। ଷଷ୍ଠ ରଜନୀରେ ବାଳିବଧ ପରିବେଷିତ ହୋଇଛି। ଏଥିରେ ଶ୍ରୀରାମ ଭୂମିକାରେ ମଧୁସୁଦନ କର୍ଣ୍ଣ, ଲକ୍ଷ୍ମଣ ଭାବେ ଶଙ୍କର୍ଷଣ ଦାସ, ହନୁମାନ ଭାବେ ପବିତ୍ର ମିଶ୍ର, ଜାମ୍ବବାନ ଭାବେ ଦୈତାରୀ ସେଠୀ, ବାଳି ଭାବେ ଭୀଷ୍ମ ସାହୁ, ସୁଗ୍ରୀବ ଭାବେ ବିରଞ୍ଚି ପଧାନ, ତାରା ଭାବେ ପ୍ରଦୀପ ଦାସ, ଅଙ୍ଗଦ ଭାବେ ଲାଇବାନ ସିଂହାର ପ୍ରମୁଖ ଅଭିନୟ କରିଥିଲେ।

**ଜହ୍ନାପଙ୍କ:** ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମରେ ରାମଲୀଳା ସାଂସ୍କୃତିକ ପରିଷଦ ପକ୍ଷରୁ ମଦ୍ଧ୍ୟ ରାମଲୀଳା ଚାଲିଛି। ଏଠାରେ ମଧ ଷଷ୍ଠ ରଜନୀରେ ବାଳିବଧ ମଞ୍ଚସ୍ଥ ହୋଇଛି। ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ। ଶନିବାର ସନ୍ଧ୍ୟାରେ ଲକ୍ଷ୍ମୀପ୍ରସାଦ ଗ୍ରାମ୍ୟ ଶାନ୍ତି କମିଟି ପକ୍ଷରୁ ବିଭିନ୍ନ ଫଳ, ଲଡୁ ସହ ବିରାଟ ଶୋଭାଯାତ୍ରାରେ ବାହାରି ଥିଲା। ତ୍ରିବେଣୀ ଛକ, ସାହୁ,ଗଳି, ଗଙ୍ଗାଧର ଛକ, ହରିବଂଶ ଛକ ଦେଇ ଏହି ଶୋଭାଯାତ୍ରା ରାମଲୀଳା ମଣ୍ଡପରେ ପହଞ୍ଚି ଥିଲା।



ବୌଦ୍ଧର ପ୍ରସିଦ୍ଧ ରାମଲୀଳା ଯାତ୍ରା ଅବସରରେ ଶନିବାର ନାଗଫାସ ବନ୍ଧନ

## ବୌଦ୍ଧ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା

ବୌଦ୍ଧ/ମନମୁଣ୍ଡା/ଶଗଡ଼ା, ୪।୪(ସମିସ): ବୌଦ୍ଧ ସର୍କିଟ ହାଉସ୍‌ଠାରେ ନବ ନିଯୁକ୍ତ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ବିନୟ ଭୋଇ ପ୍ରମୁଖ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସେହିଭଳି ମନମୁଣ୍ଡାରେ ମଧ ଶ୍ରୀ ଡାଙ୍ଗଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶିବ ନାରାୟଣ ଚୌଳିଆ, ଶାନ୍ତନୁ ଥାଟି, ରଞ୍ଜନ ପଟ୍ଟନାୟକ, ଦେବେନ୍ଦ୍ର ନଇ ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରି ଶୁଭେଚ୍ଛା ଜଣାଇଥିଲେ। ୫୭ ନମ୍ବର ଜାତୀୟ ରାଜପଥର ବାସୁଦେବପାଲିରୁ ମନମୁଣ୍ଡା, ସୁବର୍ଣ୍ଣପାଲି ଦେଇ ଦେଉଳି ପର୍ଯ୍ୟନ୍ତ ଶୋଭାଯାତ୍ରା ହୋଇଥିଲା। ଅନ୍ୟପକ୍ଷେ ବୁଟୁପାଲିଠାରୁ ଏକ ବିରାଟ ଶୋଭାଯାତ୍ରାରେ ଆସି କଣ୍ଟାମାଳରେ ପହଞ୍ଚିବା ପରେ ବିଜେପିର ଦଳୀୟ ନେତା କର୍ମୀ ଓ ସଧାରଣ ଜନତା ସମ୍ବର୍ଦ୍ଧନା ଜଣାଇଥିଲେ। ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ର, ପ୍ରାକ୍ତନ ରାଜ୍ୟ ବୟନିକା ସଭାପତି ଶେଷ ଦେବ ମେହେର, ୨ ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, ପୂର୍ବତନ ମଣ୍ଡଳ ସଭାପତି ଅନିଲ ପ୍ରଧାନ, ପିନାକଧର ରଣା, ଯୁବନେତା କେଦାରନାଥ ସାହୁ, ରାଜୀବ ମିଶ୍ର, ଟିକୁ କହଁର, ଚିତ୍ତରଞ୍ଜନ ପାତ୍ର, ଖମନମୁଣ୍ଡା ସରପଞ୍ଚ ଅଳକା ପ୍ରଧାନ, ରଣ୍ଡିମହୁଲ ସରପଞ୍ଚ ପଞ୍ଚାନନ ସାହୁ, ଶିତିକଣ୍ଠ ମିଶ୍ର, ବିଜିତ ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ ଓ ଅଞ୍ଚଳର ବହୁ ନେତା ଏବଂ କର୍ମୀ ଯୋଗ ଦେଇଥିଲେ। କଣ୍ଟାମାଳରୁ ମଲିକୁଦ, ଶ୍ରୀମାଲ, ଘଣ୍ଟାପଡା, ଅମ୍ବଗାଁ ହୋଇ ଜିଲ୍ଲାର ସୀମାନ୍ତ ଖୁଣ୍ଟିଗୋରା ପର୍ଯ୍ୟନ୍ତ ସେ ଶୋଭାଯାତ୍ରାରେ ଯାଇଥିଲେ।

## ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା

ଦେଓଗାଁ,୪।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ବନ୍ଧପଡା ପଞ୍ଚାୟତ ବନ୍ଧପଡ଼ାରେ ୨୪ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ବନ୍ଧରେ ପୂଜାର୍ଚ୍ଚନା ପରେ ଶତାଧିକ ମହିଳା, ପୁରୁଷ ପୂର୍ଣ୍ଣ କଳସ ଧାରଣ କରି ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିବା ପରେ ଅଧିବାସ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଶନିବାର ସକାଳ ୯ଟାରେ ନାମ ଆରମ୍ଭ ହୋଇଛି। ଯଜ୍ଞକର୍ତ୍ତା ଭାବେ ଗୋପାଳ ଚନ୍ଦ୍ର ସିଂ ନିନା ଓ ତାଙ୍କ ପତ୍ନୀ ମମତା ସିଂ ନିନା ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଭାବେ ରାଜେଶ ଶତପଥୀ ଦାୟିତ୍ୱ ତୁଲାଉଛନ୍ତି। ନାମଯଜ୍ଞରେ ବନ୍ଧପଡା, ଶତିଶଗଡ ଭାଟିପଡା ମହିଳା ସଂକୀର୍ତ୍ତନ, ଧୂମାଭଟା, ଆମଘାଟ, ସିଆଲଯୋର, ପୁରୁନାପାନି, ବରକାନୀ, ପେଣ୍ଡରାଣୀ ମହିଳା, ଟପର୍ଣ୍ଣା, ଖଇରମାଲ, ପାଇକବାହାଲ,କର୍ଲା, ଦେଷଣ୍ଡ, ଜାମଚୂଆଁ ମହିଳା, ସୁଲେକେଲା, କୁଲେରବାହାଲି, ଖୁଲାନ, ସୁନ୍ଦିରୀଭନା, ଦନ୍ଦ୍ରାବାହାଲ ଆଦି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ୭ତାରିଖରେ ନାମଯଜ୍ଞ ସମାପନ ହେବ। ଶନିବାର ସନ୍ଧ୍ୟାରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇଥିଲେ।

## ନବୋଦୟ ପ୍ରବେଶିକାରେ କୃତିତ୍ୱ ପାଇଁ ସମ୍ବର୍ଦ୍ଧନା

ମନମୁଣ୍ଡା,୪।୪(ସମିସ): କଣ୍ଟାମାଳ ବ୍ଲକ୍ ଖଟଖଟିଆ ଉ.ପ୍ରା ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ରୀ ସାଇଶ୍ରୀ ଖଣ୍ଡଗିରି ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ବିଜୟଲକ୍ଷ୍ମୀ ଶତପଥୀଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭାରେ ସାଇଶ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଶିକ୍ଷକ ସମୀର ପ୍ରଧାନ, ନୃପମନି ମହାଳିକ, ସୁରେନ୍ଦ୍ର କମ୍ପ, ବନୀତା ମେହେର, ସ୍ନେହାପ୍ରଭା ମହାପାତ୍ର, ଶୈଳେନ୍ଦ୍ର ବସ୍ତିଆ, ଦୀପ୍ତିମୟୀ ବୈଠାରୁ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆରେ ନାମଫଳକୁ ଲେଖିବାକୁ ଆହ୍ୱାନ

ବଲାଙ୍ଗିର,୪।୪(ସମିସ): ଓଡ଼ିଶା ପକ୍ଷ ଦିବସ ପାଳନ ଅବସରରେ ବଲାଙ୍ଗିର ଶ୍ରମ ଆୟୁକ୍ତ ପକ୍ଷରୁ ସଡ଼ିଆରେ ନାମଫଳକ ଲେଖା ଅଭିଯାନ ସଚେତନତା ପଦଯାତ୍ରାର ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ପରିସରରୁ ଏହାର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁକାନ୍ତ ସେଠି, ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଓ ଜିଲ୍ଲା ସଂସ୍କୃତି ଅଧିକାରୀ ରାଜେନ୍ଦ୍ର ମାଝି ପ୍ରମୁଖ ଉପସ୍ଥିତ ଥିଲେ। ପଦଯାତ୍ରା ସହରର ପ୍ରମୁଖ ରାସ୍ତା ଓ ଛକ ଦେଇ ପରିକ୍ରମା କରିଥବଲା। ଜନସାଧାରଣ ଓ ବ୍ୟବସାୟୀଙ୍କୁ ଓଡ଼ିଆରେ ସ୍ୱଷ୍ଟ ଓ ନିର୍ଭୁଲ ଭାବରେ ନାମଫଳକ ଲେଖିବା ପାଇଁ ସଚେତନ କରାଯାଇଥିଲା। ଏହି ଅଭିଯାନରେ ସହକାରୀ ଶ୍ରମ ଅଧିକାରୀ କେଶବ ବେହେରା, ରଜନୀକାନ୍ତ ଛତ୍ରିଆ, ବିଭୁଦତ୍ତ ମଲ୍ଲିକ, ସୁଶ୍ରୀ ଦୀପା ନେଟି, ପ୍ରେମରଞ୍ଜନ ରଣା, ଅଭୟ ମହାକୁର, ରାଜୀବ ମହାନ୍ତି, ଗ୍ରାମୀଣ ଶ୍ରମ ନିରୀକ୍ଷକ ଅଶୋକ ଡୁଙ୍ଗଡୁଙ୍ଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଡୁଙ୍ଗୁରିପାଲି,୪।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଞ୍ଚାନନ କମ୍ପଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡୁଙ୍ଗୁରିପାଲି ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିସାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ପଞ୍ଚାନନ କମ୍ପଙ୍କୁ ଫୁଲତୋଡ଼ା, ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପଞ୍ଚସଖା ଶିକ୍ଷା ସେତୁ ସଭାପତି ରାଧେକୃଷ୍ଣ ପାଣିଗ୍ରାହୀ, ଗଜବନ୍ଧ ବାବାଜୀ ସାହୁ ଉଚ୍ଚ ମାଧମିକ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ବନ୍ଦୋବସ୍ତ ସାହୁ, ବିଦ୍ୟାଳୟ ପରିଚାଳନା ଓ ବିକାଶ କମିଟି ସଭ୍ୟ ଡୋଲାମଣୀ ସେଟ, ଚିନାଜୁରୀ ସିଆରସିସି ରମେଶ ଭୋଇ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଅନନ୍ତ ନାରାୟଣ ବନଛୋର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ କମ୍ପଙ୍କ କୃତିତ୍ୱ ଅବତାରଣା କରିଥିଲେ। ସ୍ଥାନୀୟ ସିଆରସିସି ନରେନ୍ଦ୍ର ପୁରୋହିତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଶଙ୍କର ପ୍ରସାଦ ଭୋଇ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ କଳାକାହ୍ନୁ ରଣା ମାନପତ୍ର ପଠନ କରିଥିବାବେଳେ ଶିକ୍ଷୟିତ୍ରୀ ଅମୂଲ୍ୟ ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ପ୍ରମିତା ପଧାନ, ମାନିନୀ ବାଘ, ସଂଯୁକ୍ତା ଭୋଇ, ଶିକ୍ଷକ ପ୍ରମୋଦ ପଧାନ, କୈଳାସ ଚନ୍ଦ୍ର ରଣା, ତୁଳସୀରାମ ଭୋଇ, ହାରଧନ ବେରିଆ, ହାରାଧନ ରଣା, କୁଶ ପୁଟେଲ, ସୁବାସ ଭୋଇ, କିରଟି ନାଏକ, ଦାରାସିଙ୍ଗ ଛେଛୁଆଁଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ଉପସ୍ଥିତ ଥିଲେ।



## ଭାରସାମ୍ୟ ହରାଇ ଗଛରେ ଧକ୍କା ହେଲା ଟ୍ୟାଙ୍କର

ବୌଦ୍ଧ,୪।୪(ସମିସ): ବୌଦ୍ଧ-ବଲାଙ୍ଗିର ୫୭ ନମ୍ବର ଜାତୀୟରାଜପଥର କାଶଲପୁର ରାଇସ୍‌ମିଲ୍ ନିକଟରେ ଗଛକୁ ଧକ୍କା ଦେଇ ଏକ ତେଲ ଟ୍ୟାଙ୍କର ଦୁର୍ଘଟଣାଗ୍ରସ୍ତ ହୋଇଛି। କୋରାପୁଟରୁ ପେଟ୍ରୋଲିୟମ୍ ସାମଗ୍ରୀ ଅନଲୋଡ଼ କରି ଗାଡିଟି ଖୋର୍ଦ୍ଧା ଫେରୁଥିଲା। ଭୋରଟାରେ ଡ୍ରାଇଭରଙ୍କ ଆଖି ଲାଗି ଯିବାରୁ ଭାରସାମ୍ୟ ହରାଇ ଟ୍ୟାଙ୍କରଟି ରାସ୍ତାର ବାମ କଡରେ ଥିବା ଗଛକୁ ଧକ୍କା ଦେଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଗାଡିର ଚାଳକ ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ଜହ୍ନାପଙ୍କ ଫାଣ୍ଡି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ରେଙ୍ଗାଲି ଜଙ୍ଗଲରୁ ୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ

ବୌଦ୍ଧ,୪।୪(ସମିସ): ବୌଦ୍ଧ ଜିଲ୍ଲା ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ରେଙ୍ଗାଲି ଜଙ୍ଗଲରୁ ୧ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ଆଜି ସକାଳେ ରେଙ୍ଗାଲି ଜଙ୍ଗଲରେ ଗଞ୍ଜେଇ ଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଅବକାରୀ ଅଧୀକ୍ଷକ ଶାନ୍ତିମାରାଣ୍ଡିଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ମୋବାଇଲ୍ ସ୍କ୍ୱାଡ୍ ଇନ୍ସପେକ୍ଟର ସୁଧୀର ମିଶ୍ରଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା। ଅବକାରୀ ଟିମ୍‌କୁ ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ମାରିଥିଲେ। ସବ୍ ଇନ୍ସପେକ୍ଟର ସତ୍ୟ ନାରାୟଣ ପ୍ରଧାନ, କନେଷ୍ଟବଳ ସତ୍ୟ ନନ୍ଦନ ମୁଖି, ପ୍ରଫୁଲ୍ଲ ଭୋକ୍ତା ପ୍ରମୁଖ ଚଢଉରେ ସାମିଲ୍ ହୋଇଥିଲେ।

## ହାଇୱା ପଛରେ ପିଟି ହୋଇ ବାଇକ୍ ଚାଳକ ମୃତ

ଖପ୍ରାଖୋଲ,୪।୪(ସମିସ): ବଲାଙ୍ଗିରି ଜିଲ୍ଲା ଖପ୍ରାଖୋଲ ଦିନବନ୍ଧୁ ପେଟ୍ରେଲ ପମ୍ପ ନିକଟରେ ଏକ ଦୁର୍ଘଟଣା ଘଟିଛି। ଏକ ହାଇୱା ପଛରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ବଡଗୁର୍ଜିଭଟା ଗ୍ରାମର ହୃଷିକେଶ ମାଝୀ (୪୦)। ତାଙ୍କ ସହ ଥିବା ସିରିଷ ସାହୁ (୪୦) ଗୁରୁତର ହୋଇଛନ୍ତି। ଉଭୟ ବାଇକ୍‌ରେ ଖପ୍ରାଖୋଲ ପଟକୁ ଆସୁଥିଲେ। ଦୁର୍ଭାଗ୍ୟକୁ ପେଟ୍ରୋଲ ପମ୍ପ ପାଖ ଟାୟାର ଦୋକାନ ନିକଟରେ ଠିଆ ହୋଇଥିବା ଏକ ହାଇୱା (ଓଡି ୦୩ଏଡି ୯୫୧୩)ରେ ଏମାନେ ପଛରୁ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ହୃଷିକେଶଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଏମାନଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଡାକ୍ତରଖାନାକୁ ପଠାଇଥିଲେ। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

## ପୁଲିସ ରିଜର୍ଭ ପଡ଼ିଆରେ ବଡ଼ା ଖାନା କାର୍ଯ୍ୟକ୍ରମ

ବୌଦ୍ଧ,୪।୪(ସମିସ): ବୌଦ୍ଧ ବଳାସିଙ୍ଗା ରିଜର୍ଭ ପୁଲିସ ପଡିଆରେ ଜିଲ୍ଲା ପୋଲିସ ପକ୍ଷରୁ ବଡ଼ା ଖାନା ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ରାହୁଲ୍ ଗୋୟଲ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନାଙ୍କ ସମେତ ପୁଲିସ ଅଧିକାରୀ, ଆଇନଜୀବୀ ଏଥିରେ ଯୋଗ ଦେଇଥିଲେ।

## ସାଲିଗାଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୌଦ୍ଧ, ୪।୪(ସମିସ): ବୌଦ୍ଧ ବ୍ଲକ୍ ବଡିଗାଁ ପଞ୍ଚାୟତ ସାଲିଗାଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁଜାତା ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ବିଶ୍ୱାଳ, ସିଆରସିସି ରଶ୍ମି ରଞ୍ଜନ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ସଚ୍ଚିଦାନନ୍ଦ ମହାକୁଳ ଅତିଥି ପରିଚୟ ପ୍ରଦାନ ସହ ସଂଯୋଜନା କରିଥିଲେ। ୱାର୍ଡ ସଭ୍ୟ ସସ୍ମିତା ବାଘ, ପୂର୍ବତନ ସମିତି ସଭ୍ୟ ମହେଶ୍ୱର ନାଏକ, ଶାନ୍ତି କମିଟି ସଭାପତି ପ୍ରଶାନ୍ତ ଗାଇ ଗୌରିଆଙ୍କ ସମେତ କାର୍ଯ୍ୟକ୍ରମରେ ଅଭିଭାବକ, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ସୌମିତ୍ରୀ ମାଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଚାରଭାଟିରେ ଅଷ୍ଟପ୍ରହର ନାମଯଜ୍ଞ

କଣ୍ଟାମାଳ,୪।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ରେଙ୍ଗାଲି ପଞ୍ଚାୟତ ଅଧୀନ ଚାରଭାଟିରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଧରଣୀ ଗୁରୁ, ଅଜିତ ଗୁରୁ, ରୁପେଲି ଗୁରୁ, ପ୍ରଦୀପ କର, ଟଙ୍କଧର କର, ଚମ୍ପେଶ୍ୱର କର ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ।

## ବୌଦ୍ଧରେ ଅଷ୍ଟଶମ୍ଭୁଙ୍କ ମହାମିଳନ

ବୌଦ୍ଧ,୪।୪(ସମିସ): ବୌଦ୍ଧ ଅଷ୍ଟଶମ୍ଭୁ ମହାମିଳନ କମିଟି ପକ୍ଷରୁ ରଘୁନାଥଜୀଉ ପୀଠରେ ଅଷ୍ଟଶମ୍ଭୁଙ୍କ ମହାମିଳନ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧର ଭୈରବୀ ଦଣ୍ଡ, ମର୍ଜାକୁଦର ଗୁପ୍ତେଶ୍ୱର ବାବା, ଗମ୍ଭାରୀପଦର କପିଳେଶ୍ୱର ବାବା, ପଳାଶର ଧବଳେଶ୍ୱର ବାବା, ସରସରାର ଗୁପ୍ତେଶ୍ୱର ବାବା, ସିଦ୍ଧପୁରର ସିଦ୍ଧେଶ୍ୱର ବାବା, ଟୁଟୁସିଙ୍ଗାର ସ୍ୱପ୍ନେଶ୍ୱର ବାବା, ଗିରସିଙ୍ଗାର ଧବଳେଶ୍ୱର ବାବା, ବିରାମପୁରର ସୁବର୍ଣ୍ଣେଶ୍ୱର ବାବାଙ୍କୁ ସହରର ବିଭିନ୍ନ ଛକରେ ପୂଜାର୍ଚ୍ଚନା କରାଯାଇଥିଲା।

# ଚମ୍ପାମାଲ, ଉଫୁଲା ପଞ୍ଚାୟତ ଉଚ୍ଛେଦ: ପଦ ହରାଇଲେ ସବୁ ପ୍ରତିନିଧି

- ପଞ୍ଚାୟତର ସମସ୍ତ ସମ୍ପତ୍ତି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ
- ନିୟମିତ କର୍ମଚାରୀଙ୍କୁ ଯୋଗ୍ୟତା ଭିତ୍ତିରେ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିଯୁକ୍ତି ମିଳିବ

ବୀରମହାରାଜପୁର,୪।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରକୁ ରାଜ୍ୟ ସରକାର ୨୦୨୫ ଡିସେମ୍ବରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବରେ ଘୋଷଣା କରିଥିଲେ। ଏନେଇ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ଶେଷ ହୋଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦରେ ଚମ୍ପାମାଲ ଓ ଉଫୁଲା ପଞ୍ଚାୟତ ସମସ୍ତ ଗ୍ରାମ ସମ୍ପୂର୍ଣ୍ଣ ଭାବରେ ମିଶିଛି। ଗ୍ରାମପଞ୍ଚାୟତ ଆଇନ ଧାରା ୧୪୮ ଉପଧାରା(୪)ଅନୁଯାୟୀ ଯଦି କୌଣସି ପଞ୍ଚାୟତର ସମସ୍ତ ଗ୍ରାମ ମ୍ୟୁନିସିପାଲିଟି କିମ୍ବା ଏନଏସିରେ ସମ୍ପୂର୍ଣ୍ଣ ଭାବରେ ମିଶିଯାଏ ତାହାହେଲେ ସେହି ଗ୍ରାମ ପଞ୍ଚାୟତ ଉଚ୍ଛେଦ ହୋଇଥାଏ। ଚମ୍ପାମାଲ ଓ ଉଫୁଲା ପଞ୍ଚାୟତର ସମସ୍ତ ଗ୍ରାମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ମିଶି ଯାଇଥିବାରୁ ଉଭ ପଞ୍ଚାୟତକୁ ରାଜ୍ୟ ସରକାର ଉଚ୍ଛେଦ କରିଛନ୍ତି।

ଉଭୟ ପଞ୍ଚାୟତ ଉଚ୍ଛେଦ ହୋଇଥିବାରୁ ସରପଞ୍ଚ, ନାଏବ ସରପଞ୍ଚ ଓ ସମସ୍ତ ୱାର୍ଡଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଛି। ଜିଲ୍ଲାପାଳଙ୍କ ପକ୍ଷରୁ ବିଡ଼ିଓଙ୍କୁ ଏ ବାବଦରେ ଅବଗତ କରାଯାଇଛି। ପଞ୍ଚାୟତର ସମସ୍ତ ସମ୍ପତ୍ତି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ରହିଛି। ପଞ୍ଚାୟତରେ କାର୍ଯ୍ୟରତ ନିୟମିତ କର୍ମଚାରୀଙ୍କୁ ଯୋଗ୍ୟତା ଭିତ୍ତିରେ ବିଜ୍ଞାପିତ ଅଞ୍ଚଳ ପରିଷଦରେ ନିଯୁକ୍ତି ଦେବାକୁ ପରାମର୍ଶ ଦିଆଯାଇଛି। ଏହା ବାଗବର ଓ ହିଲୁଙ୍ଗ ପଞ୍ଚାୟତର ଆଂଶିକ ଗ୍ରାମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ମିଶିଛି।

# ଉତ୍ସବମୁଖର ହେଲା ସରକାରୀ ସ୍କୁଲ

**ବରଗଡ଼, ୪।୪(ସମିସ)**

ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ସ୍ଥାନୀୟ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଅମ୍ବାପାଲି ଠାରେ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ଡାଏଟ୍ ଅଧ୍ୟକ୍ଷ ରଜନୀକାନ୍ତ ଦାଶ, ଏଡିଇଓ ସରୋଜ ଭୁଏ, ଅମୃତା ସାହୁ, ବରଗଡ଼ ବିଇଓ ଡ.ସୁରେନ୍ଦ୍ର ସାହୁ, କାଉନସିଲର ଦୀପାଞ୍ଜଳି ବାଗ, ପ୍ରଧାନଶିକ୍ଷକ ସର୍ବେଶ୍ୱର ରଥ, ଅମ୍ବାପାଲି ହାଇସ୍କୁଲ ଆଲୁମିନି ସଭାପତି ସୁରେଶ ମହାପାତ୍ର, ପୁଷ୍ପାଞ୍ଜଳି ଦାଶ, ଅନିଲ ସାବତ, ମିଥୁନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ସମସ୍ତଙ୍କୁ ସ୍ୱାଗତ କରି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ ସମସ୍ତ ଅତିଥି ନୂତନ ଭାବେ ନାମ ଲେଖାଉଥିବା ଛାତ୍ରଛାତ୍ରୀଙ୍କୁ ଖଡି ଛୁଆଁଇ ଥିଲେ ଓ ଶିକ୍ଷଣ ଉପକରଣ ବଣ୍ଟନ କରିଥିଲେ। ସରକାରଙ୍କ ନିର୍ଦ୍ଦେଶକ୍ରମେ ଶିକ୍ଷା ସଚେତନତା ରଥକୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ୍ ତଥା ଉପସ୍ଥିତ ଅତିଥି ବୃନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମୂହିକ ଭାବେ ଖଡି ଛୁଇଁଥିଲେ। ଗୋବିନ୍ଦ ସେଠ୍ ସଭା ପରିଚାଳନା କରିଥିଲେ ଓ ଏଡିଇଓ ସରୋଜ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

**ବରଗଡ଼:** ସ୍ଥାନୀୟରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ତତ୍ତ୍ୱାବଧାନରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦାଶରଥି ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ସଂଘମିତ୍ରା ପଟେଲ, ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ ବରିଷ୍ଠ ଶିକ୍ଷୟିତ୍ରୀ ଜ୍ୟୋସ୍ନାମୟୀ ତ୍ରିପାଠୀ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୁନୀତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାରତୀ ଶିଶୁ ସାହିତ୍ୟ ସଂସଦର ସମ୍ପାଦିକା ଛାତ୍ରୀ ସାଲିନୀ ସା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ନୂତନ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାଯିବା ସହ ଶିଶୁ ବାଟିକା ଛାତ୍ରୀ ମାନଙ୍କୁ ଖଡି ଛୁଆଁ ଯାଇଥିଲା।

**ପଦ୍ମପୁର:** ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଲଖମରାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ହେତାଙ୍କ ତତ୍ତ୍ୱାବଧାନରେ ବାଳବାଟିକା ତଥା ନୂତନ ଭାବେ ନାମ ଲେଖାଇଥିବା ପ୍ରଥମରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କର ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲାପରିଷଦ ସଭ୍ୟା ବାସନ୍ତୀ ବାଲାମ, ମଧୁସୂଦନ ଦାସ, ସମାଜସେବୀ ନାରାୟଣ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ତ୍ରିବିକ୍ରମ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପିଲାମାନଙ୍କୁ ଫୁଲଚନ୍ଦନ ଲଗାଇ ସ୍ୱାଗତ ପରେ ପ୍ରଧାନଶିକ୍ଷକ ଓ





ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଖଡିଛୁଆଁ ହୋଇଥିଲା। ବ୍ରଜକିଶୋର ଭିଲଙ୍କ ଦ୍ୱାରା ଆୟୋଜିତ ବୈଠକରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ପିଲାମାନଙ୍କୁ ନେଇ ଷ୍ଟଲ ଗୁଡିକରେ ବିଭିନ୍ନ କାର୍ଯ୍ୟକଳାପ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ରଜନୀ ଭୋଇ, ଯୁଧିଷ୍ଠିର ପ୍ରଧାନ, ମିନିତା ବରିହା, କଳ୍ପନା ସାହୁ, ରଶ୍ମିତା ଦଣ୍ଡସନା, ଅନିରୁଦ୍ଧ ଖମାରୀ, ସୁଶାନ୍ତ ଭୋଇ, ଅକ୍ଷୟ ପଟେଲ, ଉମା ସାହୁ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଶେଷରେ ଦେବବ୍ରତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

**ପଦ୍ମପୁର:** ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ନୂତନ ଭାବେ ନାମ ଲେଖିଥିବା ୧୬ ଜଣ ଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରା ଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ପହଣ୍ଡି ବିଜୟ ମେହେରଙ୍କ ସଭାପତିତ୍ୱରେ ସ୍ୱାଗତ ସଭା ଅନୁଷ୍ଠିତ ହୋଇଥିଲା। ସଭାକୁ ମାନସରଞ୍ଜନ ଶତପଥୀ ପରିଚାଳନା କରିଥିଲା ବେଳେ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରଥିଲେ। ପୂଜାରାଣୀ ନାୟକ ଓ ବୃନ୍ଦବତୀ ସାହୁ ବିଦ୍ୟାଳୟ ନିୟମ ବିଷୟରେ ଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ। ପ୍ରତ୍ୟେକ ପିଲାଙ୍କୁ ଏକ ପ୍ରବେଶ ପତ୍ର, ବ୍ୟାଜ, ବେଲ୍ଟ, ଖାତା ଓ କଲମ ଦିଆ ଯାଇଥିଲା। ଶେଷରେ ଜ୍ୟୋସ୍ନାରାଣୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରବୀନ ପଧାନ, ମନୀଷା ଭୋଇ, ପ୍ରଭାତ ସାହୁ, ଖୁଶବୁ ବରିହା, ଜ୍ୟୋତିରେଖା ମହାନନ୍ଦ, ଅମନ ପଣ୍ଡା, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ନୀଳିମାରାଣୀ ମହାନ୍ତି, ସୁଷମା ଦାଶ, ଦୁଷ୍ମନ୍ତ ଛତର, କମଳାକୁମ୍ଭାର ଓ ପ୍ରଭାସିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ବରପାଲି:** ସମଲେଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ରୀନା ଥଇତ ମୁଖ୍ୟ ଅତିଥି ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଲୋକନାଥ ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହରା ଓ ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସୁନା ମଞ୍ଚାସୀନ ଥିଲେ। ସିଆରସିସି ରବିନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସିଆରସିସି ଅନିଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳଘର, ରଙ୍ଗ ଦୁନିଆ, ରଙ୍ଗପସରା, ଗପରାଇଜ ଆଦି ବିଭିନ୍ନ ଷ୍ଟଲରେ ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକଙ୍କ ଉପସ୍ଥିତିରେ ପିଲାଙ୍କ ସହ ଶିକ୍ଷଣ କାର୍ଯ୍ୟ ହୋଇଥିଲା। ସିଆରସିସି ଶ୍ରୀନିବାସ ପଧାନ, କ୍ଷେତ୍ର ମେହେର, ଫକୀର ମେହେର, କୃଷ୍ଣଚନ୍ଦ୍ର ମେହେର, ବାଳକୃଷ୍ଣ ମେହେର, ଦୀପକ ପଧାନ, ନିମାଇଁ ଚରଣ ଦାସ, ଅଶୋକ ସାହୁ, ଉତ୍ତମ ଦେହୁରୀ, ବିଆରସିସି ଦୁର୍ଯ୍ୟୋଧନ ସିଂହଙ୍କ ତତ୍ତ୍ୱାବଧାନରେ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶିକ୍ଷା ସଚେତନତା ରଥକୁ ବ୍ଲକ ଚେୟାରମ୍ୟାନ ରୀନା ଥଇତ ସବୁଜ ପତାକା ଦେଖାଇ ପ୍ରାରମ୍ଭ କରିଥିଲେ।

**ପାଇକମାଳ:** ପାଇକମାଳ ବ୍ଲକ ଡୁଙ୍ଗୁରିପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରୀଶ ଚନ୍ଦ୍ର ନାୟକ, ବ୍ଲକ ଶିକ୍ଷା ଅଧିକାରୀ ଶୁଭମ ପତି ଏବଂ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାଧେଶ୍ୟାମ ମେହେର, ଦୁବରାଜ ବେସରା ଓ ଚକାମନ ସୁନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଦୟାସାଗର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁମାନଙ୍କର ଖଡିଛୁଆଁ ସମ୍ପନ୍ନ ହୋଇଥିଲା। ମୋଟ ୧୭ ଜଣ ନୂତନ ଛାତ୍ରଛାତ୍ରୀ ବିଦ୍ୟାଳୟରେ ନାମ ଲେଖାଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ଓ ଶିକ୍ଷା ଉପକରଣ ବଣ୍ଟନ କରାଯାଇ ଉତ୍ସବ ସମାପନ ହୋଇଥିଲା।

**ପାଇକମାଳ:** ଚେରେଙ୍ଗାଝାଞ୍ଜ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କର ପ୍ରବେଶ ଓ ରଡ଼ିଛୁଆଡ଼ି ଉତ୍ସବ ପାଳିତ ହୋଇଛି। ପ୍ରଧାନଶିକ୍ଷକ ସହଦେବ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ପଦ୍ମଲୋଚନ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କ୍ଲଷ୍ଟର ସିଆରସିସି ଉଗ୍ରସେନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ କର୍ଣ୍ଣ ଗଏଁତା, କ୍ଷିତରାଜ ଗଏଁତା ଉପସ୍ଥିତ ଥିଲେ। ଚେରେଙ୍ଗାଝାଞ୍ଜ କ୍ଲଷ୍ଟରରେ ପ୍ରଥମ ଦିବସରେ ଶିଶୁ ବାଟିକାରେ ୪୦ ଜଣ ନାମ ଲେଖାଇ ଥିବା ବେଳେ ଷଷ୍ଠ, ସପ୍ତମରେ ଜଣେ ଲେଖାଏଁ ଏବଂ ନବମ ଶ୍ରେଣୀରେ ୧୬ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି।

**ଭେଡେନ:** ଭେଡେନ ବ୍ଲକ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁବେଡେଗା ଠାରେ ଭେଡେନ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭେଡେନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭେଡେନ ଗୋଷ୍ଠୀ ଉନ୍ନୟନ ଅଧିକାରୀ କର୍ଣ୍ଣ ସୁନା, ସମ୍ମାନିତ ଅତିଥି ଭାବେ ଭେଡେନ ଅତିରିକ୍ତ ତହସିଲଦାର ନରହରି ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରି ହେମବତୀ ମେହେର, କୁବେଡେଗା ପଞ୍ଚାୟତ ସରପଞ୍ଚ ଜନ୍ମେଜୟ ମିଶ୍ର, ଭେଡେନ ଆଶା କମିଟିର ସଭାପତି ସୁବୋଧ ଶତପଥୀ, ସୂର୍ଯ୍ୟମଣି ଜନତା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷା ସଚେତନତା ରଥକୁ ପଣ୍ଡିତ ଘାସିରାମ ଶତପଥୀ ପୂଜା କରିଥିଲେ। ସମସ୍ତ ଅତିଥିବୃନ୍ଦ ସବୁଜ ପତାକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ଶିଶୁବାଟିକା ଶ୍ରେଣୀରେ ନାମ ଲେଖାଇବାକୁ ୨୦ ଜଣ ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରାହୋଇଥିଲା। ସରକାରଙ୍କ ଦ୍ୱାରା ପ୍ରଦତ୍ତ ଶିଶୁବାଟିକା କିଟ୍ ପ୍ରଦାନ ସହ ଖଡିଛୁଆଁ ହୋଇଥିଲା। ବିଭିନ୍ନ ସୃଜନଶୀଳ କୋଣ ଯଥା ରଙ୍ଗ ପସରା, ଖେଳଘର, ଗପରାଇଜ ଆଦି ଷ୍ଟଲ ଗୁଡିକ ବୁଲି ସମସ୍ତ ଅତିଥିବୃନ୍ଦ ଦେଖିଥିଲେ। ପ୍ରଥମ ଦିବସରେ ଶିକ୍ଷା ସଚେତନତା ରଥ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଛାଲୁକୁଲୁଣ୍ଡା, ସରକାରୀ ପ୍ରାଥମିକ ବିଦ୍ୟାଳୟ, ଲିମଟିକ୍ରା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବହଳପାଲି, ସରକାରୀ ପ୍ରାଥମିକ ବିଦ୍ୟାଳୟ, ତାଳମେଣ୍ଡା, ସରକାରୀ ବାଳକ ପ୍ରାଥମିକ ବିଦ୍ୟାଳୟ, ରେମୁଣ୍ଡା, ସରକାରୀ ବାଳିକା ପ୍ରାଥମିକ ବିଦ୍ୟାଳୟ, ରେମୁଣ୍ଡା, ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ରେମଣ୍ଡା, ସରକାରୀ ପ୍ରାଥମିକ ବିଦ୍ୟାଳୟ, ବକଟି, ସରାକାରୀ ପ୍ରାଥମିକ ବିଦ୍ୟାଳୟ, ଶ୍ରୀରାମ ନଗର, ସରକାରୀ ପ୍ରାଥମିକ ବିଦ୍ୟାଳୟ, ଛନାପତି ଟିକ୍ରା, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥୁଆପାଲି ପ୍ରମୁଖ ସ୍ଥାନକୁ ଭ୍ରମଣ କରିଥିଲା।

**ଭଟଲି:** ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଭଟଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମନୋଜା ଗଡ଼ତିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଟଲି ଅତିରିକ୍ତ ତହସିଲଦାର ଭୁପେଶ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭଟଲି ଏବିଇଓ ରୀତାରାଣୀ ତ୍ରିପାଠୀ, ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ପଧାନ, ସିଆରସିସି ଲୋକନାଥ ମେହେର, ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରମା ଡନସନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରବେଶ ଉତ୍ସବ ଓ ଖଡି ଛୁଆଁ କାର୍ଯ୍ୟକ୍ରମରେ ଜନ ସଚେତନତା ରଥକୁ ମୁଖ୍ୟ ଅତିଥି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନବାଗତ ଶିଶୁ ବାଟିକା ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବିଭାଗ ତରଫରୁ ପାଠ୍ୟ ଉପକରଣ କିଟ୍ ବଣ୍ଟନ କରାଯାଇଥିଲା।

**ଝାରବନ୍ଧ:** ଝାରବନ୍ଧ ବ୍ଲକର ଜାମପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରେ ପ୍ରବେଶ ଉତ୍ସବ ଓ ଖଡିଛୁଆ କାର୍ଯ୍ୟକ୍ରମ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପୁଷ୍ପଗୁଚ୍ଛ, ଫୁଲ ଚନ୍ଦନ ଦେଇ ସ୍ୱାଗତ କରିବା ପରେ ଖଡିଛୁଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୋଟ ୧୪ ଜଣ ଶିଶୁ ବାଟିକାରେ ନାମ ଲେଖାଇଥିବା ବେଳେ ତନ୍ମଧ୍ୟରୁ ୯ ଜଣ ବାଳକ ଏବଂ ୫ ଜଣ ବାଳିକା ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକରୋହିତ କଲେତ ସୂଚନା ଦେଇଛନ୍ତି। ଶିକ୍ଷୟିତ୍ରୀ ସୁଭାଞ୍ଜଳି ଦୀପ, ଝରଣା ଛତ୍ରିଆ, ସଂତୋଷି ମଲ୍ଲିକଙ୍କ ଶିଶୁ ସେବୀକା ତପସ୍ୱିନୀ ସୁନା ଉପସ୍ଥିତ ଥିଲେ। ଜାମପାଲି ଗ୍ରାମ୍ୟ କମିଟି ସମ୍ପାଦକ ସୋମନାଥ ବାଗ, ରିପନ ଦୀପ, ବିଦ୍ୟାଳୟ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ସାହୁ ପ୍ରମୁଖ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ।

**ଅତାବିରା:** ଅତାବିରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଠାରେ ବ୍ଲକ ଶିକ୍ଷା ସଚେତନତା ରଥକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାର ଶନିବାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ସମୟରେ ଛାତ୍ରଛାତ୍ରୀଙ୍କ ଗହଣରେ ଏବିଇଓ କାର୍ତ୍ତିକ ବାଗ, ସିଆରସିସି ନୃପ ଭୋଇ, ନନ୍ଦିଘୋଷ ଭୁଏ, ରଞ୍ଜନ ବାଗ, କୃତାର୍ଥ ଚନ୍ଦ୍ର ଭୁଏ, ଧରମ ନାଏକ, ଆଶିଷ ନାଥ, ସୁବାଷ ମହାନନ୍ଦ, ବଳରାମ ମେହେର, ରଶ୍ମୀରାଣୀ ନନ୍ଦ, ରାଜୀବ ବିଶ୍ୱାଳ, ସୀତାପତି ପ୍ରଧାନ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅତାବିରାର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ପ୍ରଧାନୀ ଉପସ୍ଥିତ ଥିଲେ। ଏହି ରଥ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ଗାଁ ତଥା ବିଦ୍ୟାଳୟ ପରିଭ୍ରମଣ କରିବ। ସେପ୍ଟେମ୍ବର ସୁଦ୍ଧା ୫ ଏବଂ ୬ ବର୍ଷ ପୂର୍ଣ୍ଣ ହୋଇଥିବା ପିଲାଙ୍କୁ ଶିଶୁ ବାଟିକା ଏବଂ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ସଚେତନତା ସୃଷ୍ଟି କରିବ। ରଥଟି ବିଇଓ ଅଫିସରୁ ବାହାରି ପ୍ରଥମେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଇରପାଲି ପହଞ୍ଚିଥିଲା। ସେଠାରେ ପ୍ରଧାନଶିକ୍ଷକ ପ୍ରମୋଦ ମେହେର ଏବଂ ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାରଥକୁ ସ୍ୱାଗତ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ନିଜେ ଶିଶୁ ବାଟିକାରେ ନାମ ଲେଖାଇଥିବା ପିଲାଙ୍କୁ ଖଡି ଛୁଆଁଇ ଥିଲେ।

## ୧୩.୫ କେଜି ଗଞ୍ଜେଇ ସହ ୨ ବାଇକ୍ ଜବତ, ୨ ଗିରଫ



**ଝାରବନ୍ଧ/ପଦ୍ମପୁର, ୪।୪(ସମିସ):** ଜଗଦଲପୁର ପୁଲିସ ବେଆଇନ ଗଞ୍ଜେଇ ଚାଲାଣ ବେଳେ ୧୩.୫ କିଲୋ ଗଞ୍ଜେଇ ଜବତ କରିବା ସହ ଦୁଇ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକମାନେ ହେଲେ ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ଅମ୍ବାମୁଣ୍ଡା ଗାଁର ଅନିଲ ଠେଲା (୨୨) ଓ ରାଜେନ୍ଦ୍ର ପଟେଲ (୨୨)। ସେମାନେ ଦୁଇଟି ବାଇକ୍ ଯୋଗେ ଗଞ୍ଜେଇ ଛତିଶଗଡ଼କୁ ଚୋରାଚାଲାଣ କରୁଥିଲେ। ଖବରପାଇ ଜଗଦଲପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ଦିଗାଲଙ୍କ ତତ୍ତ୍ୱାବଧାନରେ ପୁଲିସ ଟିମ ଏମ୍‌ଡିଆର ୩୬ ରାସ୍ତାର ଗଛ ଡୁଙ୍ଗୁରୀ ନିକଟରେ ଶୁକ୍ରବାର ସକାଳେ ଚଢ଼ଉ କରିଥିଲା। ଚଢ଼ଉରେ ପୁଲିସ ୧୩ କିଲୋ ୫୦୦ ଗ୍ରାମ ଗଞ୍ଜେଇ ସହ ୨ଟି ବାଇକ୍ ଓ ୨ଟି ମୋବାଇଲ ଫୋନ ଜବତ କରିଛି। ଜଗଦଲପୁର ଥାନାରେ ଏନେଇ ମାମଲା ରୁଜୁ କରାଯାଇଛି। ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ପୁଲିସର ଅଧିକ ତଦନ୍ତ ଚଳାଇଛି।

## ଘେଁସରେ ବିଦ୍ୟୁତ୍ ବିଭ୍ରାଟ | ବିଭାଗୀୟ ଅଫିସ ଘେରିଲେ ଚାଷୀ

**ମେଲଛାମୁଣ୍ଡା, ୪।୪(ସମିସ):** ସୋହେଲା ବ୍ଲକ ଘେଁସ ଅଞ୍ଚଳରେ ଉତ୍କଟ ବିଦ୍ୟୁତ ସମସ୍ୟାକୁ ନେଇ ଶନିବାର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ବିଜୁଳି ବିଭ୍ରାଟ ଯୋଗୁଁ ଚାଷ କାର୍ଯ୍ୟ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଥିବା ପ୍ରତିବାଦରେ ଆଜି ଶହ ଶହ ଚାଷୀ ଘେଁସ ସ୍ଥିତ ବିଦ୍ୟୁତ ସେକ୍ସନ ଅଫିସ ଘେରଉ କରିଥିଲେ। ଚଳିତ ରବି ଋତୁରେ ଘେଁସର ଚାଷୀ ମୁଖ୍ୟତଃ ଗଭୀର ନଳକୂପ ଉପରେ ନିର୍ଭରଶୀଳ। ମାତ୍ର ବିଭାଗୀୟ ଅବହେଳା ଯୋଗୁଁ ଦିନକୁ ମାତ୍ର ୭ରୁ ୮ ଘଣ୍ଟା ବିଜୁଳି ରହୁଛି ଓ ବଳକା ସମୟ ଲୋ-ଭୋଲଟେଜ୍ ଯୋଗୁଁ ମୋଟର ଚାଲିପାରୁ ନାହିଁ। ଫଳରେ ପାଣି ଅଭାବରୁ ହଜାର ହଜାର ଏକର ଧାନଚାଷ ଉଜୁଡିବାକୁ ବସିଲାଣି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ବିଦ୍ୟୁତ ବିଭାଗ କର୍ଣ୍ଣପାତ କରୁ ନଥିବା ଚାଷୀ ଅଭିଯୋଗ କରିଛନ୍ତି। ଆଜି ଚାଷୀ ନିଜର ହକ ପାଇଁ ଅଫିସରେ ପହଞ୍ଚିଥିଲେ। କିନ୍ତୁ ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ବିଦ୍ୟୁତ ବିଭାଗୀୟ ଏସଡିଓ ସନ୍ଦୀପ ପଟ୍ଟନାୟକ ଓ ଜେଇ ତୁଷାର କମଲିଆ ଏତେ ସଂଖ୍ୟକ ଚାଷୀଙ୍କୁ ଦେଖି ଅଫିସରୁ ଚମ୍ପଟ ମାରିଥିଲେ। ଶାନ୍ତି ସୁରକ୍ଷା ଦୃଷ୍ଟିରୁ ଉପସ୍ଥିତ ମେଲଛାମୁଣ୍ଡା ଥାନାର ଥାନାଧିକାରୀ ମନୋହର ପ୍ରଧାନ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଫୋନ ଉଠାଇ ନଥିଲେ। ଥାନାଧିକାରୀଙ୍କ ଅନୁରୋଧ କ୍ରମେ ପରେ



ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର ସମନ୍ୱୟ ରକ୍ଷା ପାଇଁ ଏସ୍‌ଡିଓଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ପରେ ଏସ୍‌ଡିଓ/ ଜେଇ 'ଆମେ ଛୁଟିରେ ଅଛୁ, ଆମକୁ ଡାକି ପାରିବେନି' କହି ଦାୟିତ୍ୱରୁ ଖସିଯିବାକୁ ଚେଷ୍ଟା କରିଥିବା ଚାଷୀ ମହଲରେ ଚର୍ଚ୍ଚା ହେଉଛି। ବରଗଡ଼ରୁ ବିଦ୍ୟୁତ ବିଭାଗୀୟ ନିର୍ବାହୀଯନ୍ତ୍ରୀ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସଂଯୁକ୍ତ କୃଷକ ସଙ୍ଗଠନର ଚାଷୀ ନେତା ରମେଶ ମହାପାତ୍ର, ଆଦିବାସୀ ମହାସଂଘର ଗୋବିନ୍ଦ ବରିହା, ଚାଷୀ ନେତା କୁଞ୍ଜବିହାରୀ ପ୍ରଧାନ, କୋଶଳ ସଂଗ୍ରାମୀ କୃତାର୍ଥ ପ୍ରଧାନ, ପ୍ରଫୁଲ୍ଲ ନାଗ, ଉମାକାନ୍ତ ସାହୁ ଓ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ୩ରୁ ୪ ଦିନ ମଧ୍ୟରେ ବିଦ୍ୟୁତ ସମସ୍ୟାର ସ୍ଥାୟୀ ସମାଧାନ କରାଯିବ ଏବଂ ନିରବଚ୍ଛିନ୍ନ ବିଜୁଳି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଚାଷୀ ଧାରଣାକୁ ସ୍ଥଗିତ ରଖିଛନ୍ତି। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ୟା ଦୂର ନହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ଏବଂ ଜିଲ୍ଲା ମୁଖ୍ୟାଳୟ ଘେରଉ, ରାଜରାସ୍ତା ବନ୍ଦ କରାଯିବ ବୋଲି ଚାଷୀ ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

## ବୋଲେରୋ-ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଅମ୍ବାଭୋନା, ୪।୪ (ସମିସ):** ଅମ୍ବାଭୋନା ବ୍ଲକ ଅଧୀନ ଗଣ୍ଡିଆପାଲି ଗାଁରେ ଘଟିଥିବା ସଡକ ଦୁର୍ଘଟଣାରେ ଆହତ ଯୁବକଙ୍କ ଶେଷରେ ମୃତ୍ୟୁ ଘଟିଛି। ମୃତକ ଯୁବକ ହେଲେ ଲୁହୁପାଲି ଗାଁର ରାମେଶ୍ୱର ପାତିକାର (୩୮)। ଗତ ୨୮ ତାରିଖରେ ରାମେଶ୍ୱର ଚିଖିଲି ଗାଁରୁ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଗଣ୍ଡିଆପାଲି ନିକଟରେ ବିପରୀତ ଦିଗରୁ ଆସୁଥିବା ବୋଲେରୋ ସହିତ ଧକ୍କା ହୋଇଥିଲା। ଏଥିରେ ସେ ବାଇକରୁ ଛିଟକି ପଡ଼ି ମୁଣ୍ଡରେ ଗୁରୁତର ଆଘାତ ପାଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ତାଙ୍କୁ ଭୁକ୍ତା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ଅଧିକ ରକ୍ତସ୍ରାବ ଯୋଗ ଅବସ୍ଥା ଗୁରୁତର ହେବାରୁ ବରଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଶେଷରେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଛି। ଏନେଇ ଅମ୍ବାଭୋନା ଥାନାରେ ମାମଲା ରୁଜୁ ହେବା ସହ ବୋଲେରୋ ଓ ବାଇକକୁ ଜବତ କରାଯାଇଛି।

## ଓଡ଼ିଆରେ ନାମ ଫଳକ ଅଭିଯାନ

**ବରଗଡ଼, ୪।୪(ସମିସ):** ଆମ ଓଡ଼ିଆ ଭାଷାର ମର୍ଯ୍ୟାଦା ଓ ସମ୍ମାନ ବୃଦ୍ଧି ପାଇଁ ସାରା ରାଜ୍ୟରେ ଓଡ଼ିଆ ପକ୍ଷ ୨୦୨୬ର ଚତୁର୍ଥ ଦିବସରେ ଓଡ଼ିଆରେ ନାମ ଫଳକ ଅଭିଯାନ ଆୟୋଜିତ ହୋଇଛି। ଏହି କ୍ରମରେ ଶନିବାର ବରଗଡ଼ରେ ସଚେତନତା ପଦଯାତ୍ରା କାର୍ଯ୍ୟକ୍ରମ କରାଯାଇଛି। ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଅନ୍ୟାନ୍ୟ ପଥ ଦେଇ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟ ଯାଏଁ ପହଞ୍ଚିଥିଲା। ପଦଯାତ୍ରା ମାଧ୍ୟମରେ ଦୋକାନ ବଜାର, ଶିଳ୍ପ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନ ବା ଜିଲ୍ଲାରେ ପ୍ରତିଷ୍ଠିତ ସଂସ୍ଥା ନିଜର ନାମଫଳକକୁ ଓଡ଼ିଆରେ ଲେଖିବା ପାଇଁ ପ୍ରଶାସନ ପକ୍ଷରୁ ଉତ୍ସାହିତ କରାଯାଇଛି। ଏହାର ବ୍ୟତିକ୍ରମରେ ଜରିମାନାର ବ୍ୟବସ୍ଥା ଥିବା ଅବଗତ କରାଯାଇଛି। ଜିଲ୍ଲା ଶ୍ରମ ବିଭାଗ ତରଫରୁ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଚେତନତା ପଦଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ଜିଲ୍ଲା ଶ୍ରମ ବିଭାଗ ଏବଂ ବରଗଡ଼ ପୌର ପରିଷଦର ଅଧିକାରୀ, କର୍ମଚାରୀ ଉପସ୍ଥିତ ଥିଲେ।

### ଫୁଲବାଣୀରୁ ପୁଣେ ବେଆଇନ ଗଞ୍ଜେଇ ଚାଲାଣ

# ଦେଢ଼ କୋଟି ଟଙ୍କାର ଗଞ୍ଜେଇ ଜବତ

**ସୋହେଲା, ୪।୪(ସମିସ)**

ପଡୋଶୀ ରାଜ୍ୟ ଛତିଶଗଡ଼ର ସିଂଘୋଡା ପୁଲିସ ଶନିବାର ଫୁଲବାଣୀରୁ ମହାରାଷ୍ଟ୍ରର ପୁଣେକୁ ଗଞ୍ଜେଇ ଚୋରାଚାଲାଣ ବେଳେ ୨ କ୍ୱିଣ୍ଟାଲ ୮୨ କେଜି ଗଞ୍ଜେଇ ଜବତ କରିଛି। ସିଂଘୋଡା ପୁଲିସ ଏହି ଘଟଣାରେ ୫ଜଣ ଆନ୍ତଃରାଜ୍ୟ ଗଞ୍ଜେଇ ବେପାରୀଙ୍କୁ ଗିରଫ କରିଥିବା ବେଳେ

## ୨ କାର୍ ଜବତ, ୫ଗିରଫ

ସେମାନଙ୍କ ନିକଟରୁ ୨ଟି ବିଳାସପୂର୍ଣ୍ଣ କାର ଏବଂ ୪ଟି ମୋବାଇଲ ଜବତ କରିଛି। ଗତ ୨୭ ତାରିଖ ତରଭୁଜ ବୋଝେଇ ଗାଡ଼ିରେ ଓଡ଼ିଶାରୁ ୟୁପି ଚୋରା ଚାଲାଣ ହେଉଥିବା କୋଟିଏ ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୨ କ୍ୱିଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ କରିଥିବା ବେଳେ ଆଜି ଏହି ସଫଳତା ସିଂଘୋଡା ପୁଲିସକୁ ମିଳିଛି।

ସୂଚନା ଅନୁସାରେ ସମ୍ବଲପୁର-ରାୟପୁର ଜାତୀୟ ରାଜପଥ ଦେଇ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ନିୟମିତ ବହୁ ମାତ୍ରାରେ ଗଞ୍ଜେଇ ଚୋରା ଚାଲାଣ ହେଉଛି। ଜିଲ୍ଲାର ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ଏବଂ ସିଂଘୋଡା



ପୁଲିସ ପକ୍ଷରୁ ଏଠାରୁ ପ୍ରାୟ ୧୨ କିମି ଦୂର ଜାତୀୟରାଜପଥ ଉପରେ ସ୍ଥିତ ରେହେଟିଖୋଲ ପୁଲିସ ଓଡ଼ିଶା ପଟୁ ଯାଉଥିବା ଯାନବାହନ ମାନଙ୍କୁ ନିୟମିତ ଯାଞ୍ଚ କରିଥାନ୍ତି। ଫୁଲବାଣୀରୁ ଗଞ୍ଜେଇ ଚୋରା ଚାଲାଣ ହେବା ନେଇ ଖବର ପାଇବା ପରେ ସିଂଘୋଡା ପୁଲିସ ଏବଂ ଆଣ୍ଟି ନାର୍କୋଟିକ୍ସ ଟାସ୍କ ଫୋର୍ସ ଯବାନ ମାନେ ରେହେଟିଖୋଲ ଯାଞ୍ଚ ନାକାରେ ଛକି ରହିଥିଲେ। ସୋହେଲା ପଟୁ ଆସୁଥିବା ଫର୍ଚ୍ୟୁନର କାର (ଏମଏଚ୧୨ଡବ୍ଲୁସି୦୦୯୦) ଏବଂ ସ୍କୋର୍ପିଓ କାର (ଏମଏଚ୧୨ୱାଇଏଚ୦୦୯୦)କୁ ଯାଞ୍ଚ ପାଇଁ ଅଟକାଇ ଥିଲେ। ଯାଞ୍ଚ ସମୟରେ ଉଭୟ ଗାଡି ପଛ ସିଟରେ ପ୍ଲାଷ୍ଟିକ ଅଖାରୁ ଗଞ୍ଜେଇ ମିଳିଥିଲା। ଏଥିରେ ଗାଡିରେ ବସିଥିବା ମହାରାଷ୍ଟ୍ରର ସତାରା ଜିଲ୍ଲାର ସାଗ୍ୱି ବାସିନ୍ଦା ପ୍ରଶାନ୍ତ ଶଙ୍କର ଗୋଲେ (୩୮), ଭୂଇଁଜ ଗାଁର କ୍ଷିତିଜ ବିରସେନ ଯାଦବ(୨୧) ଏବଂ ବାଇ ଗାଁର ଅକ୍ଷୟ ନନ୍ଦ ନିଗମ, ମହାରାଷ୍ଟ୍ର ଶୋଲାପୁର ଜିଲ୍ଲା ତିହେଁ ଗାଁର ଅଭିଷେକ ଡେଭିଡ ଜାଗଲେ (୨୬) ଏବଂ ସତାରା ଜିଲ୍ଲା ବେଲଦରେ ଗାଁର ମହେଶ କାଟକର (୩୯)ଙ୍କୁ ପୁଲିସ ଗିରଫ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ଉଭୟ କାରରୁ ମୋଟ ୨ କ୍ୱିଣ୍ଟାଲ ୮୧ କେଜି ୯ଶହ ଗ୍ରାମର ଗଞ୍ଜେଇ ଜବତ କରିଥିବା ବେଳେ ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧କୋଟି ୪୦ଲକ୍ଷ ୯୦ ହଜାର ହେବ ବୋଲି ସୂଚନା ଦେଇଛି। ସେହିପରି ପୁଲିସ ଏହି ଘଟଣାରେ ବ୍ୟବହାର ହୋଇଥିବା ୪୦ଲକ୍ଷ ଟଙ୍କା ମୂଲ୍ୟର ଫର୍ଚ୍ୟୁନର କାର, ୨୫ଲକ୍ଷ ଟଙ୍କା ମୂଲ୍ୟର ସ୍କର୍ପିଓ କାର ସହିତ ୫୦ହଜାର ଟଙ୍କା ମୂଲ୍ୟର ୪ଟି ମୋବାଇଲ ଫୋନ ଜବତ କରିଛି। ସିଂଘୋଡା ପୁଲିସ ଏନେଇ ଏକ ମାମଲା ରୁଜୁକରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସିଂଘୋଡା ଥାନା ଅଧିକାରୀ ସନ୍ତୋଷ ସିଂ ସୂଚନା ଦେଇଛନ୍ତି।

### ■ ଏକେ ୱାରିଅର୍ସ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଭୀମ ୱାରିଅର୍ସ ଖଇରପାଲି ଚାମ୍ପିଅନ




**ଗାଇସିଲେଟ, ୪।୪(ସମିସ):** ଗାଇସିଲେଟ ବ୍ଲକ କଟାବାହାଲ ପଞ୍ଚାୟତ ଅଧୀନ କୁଲିଆରୀ ଗାଁରେ ଏକେ ୱାରିଅର୍ସ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ତ୍ରିଦିବସୀୟ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ଖେଳପଡ଼ିଆ ଠାରେ ଉଦ୍‌ଯାପିତ ହୋଇଯାଇଛି। ଆଜିର ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବେ ଗାଇସିଲେଟ ବନପାଳ ରାଜେନ୍ଦ୍ର ସିଂ ଓ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ସୁଶାନ୍ତ ପଣ୍ଡା, ବନରକ୍ଷୀ ଅଜୟ ଦାଶ, ରସିକ ମଲ୍ଲିକ, ରାମ ବାରିକ ଓ ରଞ୍ଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୧୬ଟି ଦଳ ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ବେଳେ ଖଇରପାଲି ଓ ଲାରମ୍ଭା ଦଳ ଫାଇନାଲ ମ୍ୟାଚ୍‌କୁ ଉନ୍ନୀତ ହୋଇଥିଲେ। ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ଲରମ୍ଭା କ୍ରିକେଟ କ୍ଲବ୍ ନିର୍ଦ୍ଧାରିତ ୮ ଓଭରରେ ୬ ଉଇକେଟ ହରାଇ ୫୯ରନ୍ କରିଥିଲା। ଜବାବରେ ଖଇରପାଲି କ୍ରିକେଟ କ୍ଲବ୍ ୧ ଉଇକେଟ ହରାଇ ୫ ଓଭରରେ ୬୦ରନ୍ କରିବାରେ ସକ୍ଷମ ହୋଇଥିଲା। ଖଇରପାଲି ଅତି ସହଜରେ ମ୍ୟାଚ୍ ଜିତି ଚାମ୍ପିଅନ ହୋଇଥିଲା। ଶେଷରେ ବିଜେତା ଦଳକୁ ଟ୍ରଫି ସହ ୭୪୧୧ ଟଙ୍କା ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୫୪୨୧ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଦିବାକର ସାହୁ, ଦେବେନ୍ଦ୍ର ଭୋଇ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିବା ବେଳେ ଲକ୍ଷ୍ମଣ ଭୋଇ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଧୀରେନ୍ଦ୍ର ନନ୍ଦ, ରୁଦ୍ର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ।

# ପ୍ରବେଶ ଉତ୍ସବରେ ଖଡ଼ିଛୁଇଁଲେ କୁନି କଳିକା

## ଜିଲ୍ଲାପାଳଙ୍କ ଦ୍ୱାରା ଶିଶୁଙ୍କୁ ଖଡ଼ିଛୁଆଁ ଓ ଶିକ୍ଷା ସହାୟତା ସାମଗ୍ରୀ ବଣ୍ଟନ

## ଜିଲ୍ଲାବ୍ୟାପୀ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ








ଝାରସୁଗୁଡ଼ା,୪।୪(ସମିସ): ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ର ସଫଳ ରୂପାୟନ ତଥା ଶିକ୍ଷା ବର୍ଷ ୨୦୨୬ର ଶୁଭାରମ୍ଭ ଅବସରରେ ଝାରସୁଗୁଡ଼ା ଜିଲ୍ଲାରେ ସ୍ୱତନ୍ତ୍ର ଶିକ୍ଷା ଅଭିଯାନ ଆରମ୍ଭ ହୋଇଛି। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଏବଂ ସମଗ୍ର ଶିକ୍ଷା, ଝାରସୁଗୁଡ଼ାର ମିଳିତ ଆନୁକୂଲ୍ୟରେ ଶନିବାର ପୁରୁଣାବସ୍ତି ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ 'ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ୨୦୨୬' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁନିକୁନି ଶିଶୁମାନଙ୍କୁ ଖଡିଛୁଆଁଇ ସେମାନଙ୍କର ବିଦ୍ୟାର ଶୁଭାରମ୍ଭ କରିଥିଲେ। ଜିଲ୍ଲାର ପ୍ରତି ଅଞ୍ଚଳରେ ଏହି 'ବିଦ୍ୟା ଆରମ୍ଭ ପର୍ବ'କୁ ଉତ୍ସବ ଭାବେ ପାଳନ କରାଯାଉଛି। ଜିଲ୍ଲାପାଳ ପିଲାମାନଙ୍କୁ ସରକାରଙ୍କ ପ୍ରଦତ୍ତ ଶିକ୍ଷଣ କିଟ୍, କାର୍ଯ୍ୟ ପୁସ୍ତିକା ଏବଂ ପାଠ୍ୟପୁସ୍ତକ ପ୍ରଦାନ କରିଥିଲେ। ଏହି ଅବସରରେ ସଦର ବ୍ଲକ୍ ପାଇଁ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ ଜିଲ୍ଲାପାଳଙ୍କ ଦ୍ୱାରା ହୋଇଥିଲା। ଏହି ରଥ ଆସନ୍ତା ଅପ୍ରେଲ ୧୦ ପର୍ଯ୍ୟନ୍ତ ଜିଲ୍ଲାର ସମସ୍ତ ବିଦ୍ୟାଳୟ ପରିକ୍ରମା କରି ୫ ବର୍ଷରୁ ଅଧିକ ପିଲାଙ୍କୁ 'ଶିଶୁ ବାଟିକା' ଏବଂ ୬ ବର୍ଷରୁ ଅଧିକ ପିଲାଙ୍କୁ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ସଚେତନତା ସୃଷ୍ଟି କରିବ। ପିଲାମାନଙ୍କ ପାଇଁ ବିଦ୍ୟାଳୟରେ 'ଖେଳ ପରିସର', 'କଳା ଓ ସୃଜନଶୀଳ ପରିସର' ଏବଂ 'ଗଳ୍ପ କଥନ ପରିସର' ଭଳି ବ୍ୟବସ୍ଥା କରାଯାଇଛି। ଅପ୍ରେଲ ୬ରୁ ୮ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ମାନ ଜାରି ରହିବ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ରାଧାକାନ୍ତ ଗଡତିଆ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିକୁ ନାମଲେଖା ପ୍ରକ୍ରିୟାରେ ସକ୍ରିୟ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରବୀନ୍ଦ୍ର ମାଝୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ ପଟେଲ, ଏବିଇଓ ରବୀନ୍ଦ୍ର ସାହୁ, ପୂର୍ବତନ ବିଜ୍ଞାନ ନିରୀକ୍ଷକ ସଦାନନ୍ଦ ଦାଶ ଏବଂ ପୂର୍ବତନ ଛାତ୍ର ଅଶୋକ ମହାପାତ୍ର ଯୋଗ ଦେଇଥିଲେ। ଜିଲ୍ଲା ସଂଯୋଜିକା ଖୁଲଣା ସୁନ୍ଦରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସିଆରସିସି ଲିଙ୍ଗରାଜ ବେହେରା, ପ୍ରଧାନଶିକ୍ଷୟିତ୍ରୀ ଚିନ୍ମୟୀ ଦେବଶ୍ରୀ ପିଙ୍ଗ ଓ ଶିକ୍ଷକ ବିପିନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ଲଖନପୁର ବ୍ଲକ୍

ଇବଥର୍ମାଲ: ଲଖନପୁର ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ସରକାରୀ ପ୍ରାଥମିକ ବିଦ୍ୟାଳୟ ବନ୍ଧବାହାଲ କଲୋନୀଠାରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବନ୍ଧବାହାଲ ପଞ୍ଚାୟତର ସମିତି ସଭ୍ୟା ପଦ୍ମିନୀ ସିଂ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟିକେଶ୍ୱର ଜଗତ, ହେମସାଗର ଚୌଧୁରୀ ଓ ସୁଦର୍ଶନ ସେଠ, ସ୍ଥାନୀୟ ବିଦ୍ୟାଳୟର ସଭାପତି ଶିଶୁପାଳ ଦୁବେ, ସକାଳ ଖବରକାଗଜର ପ୍ରତିନିଧି ତଥା ଅବସରପ୍ରାପ୍ତ ଶିକ୍ଷକ ଉମାକାନ୍ତ ପଣ୍ଡା, ସାମ୍ବାଦିକ ସୁରେଶ ତ୍ରିପାଠୀ, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ବଳିଆରସିଂ ଓ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁସ୍ମିତା ନାଏକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟରେ ନୂତନ ଭାବେ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ଲେଖାଉଥିବା ଶିଶୁ ମାନଙ୍କୁ ସ୍ୱାଗତ କରିବାସହ ପ୍ରକାଶ ମିଶ୍ରଙ୍କ ପୌରାହିତ୍ୟରେ ଅତିଥିମାନଙ୍କ ଦ୍ୱାରା ଖଡି ଛୁଆଁ କରାଯାଇ ବ୍ୟାଗ ଓ ଶିକ୍ଷଣ ସାମଗ୍ରୀ ପ୍ରଦାନ କରାଯାଇଥିଲା। ପରେ ଅତିଥିମାନେ ସବୁଜ ପତାକା ଦେଖାଇ ଶିକ୍ଷା ସଚେତନତା ରଥ ଶୁଭାରମ୍ଭ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ମାନେ ଗୀତ ଗାନ କରିବା ସହ ଶିଶୁ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଶିଶୁ ମାନଙ୍କପାଇଁ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ଆୟୋଜିତ ଶିକ୍ଷଣ କୋଣ ଛାତ୍ରଛାତ୍ରୀ, ପିତାମାତା ଓ ଅତିଥିମାନେ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମଟିକୁ ବନ୍ଧବାହାଲ କ୍ଲଷ୍ଟର ସିଆରସିସି ତୀର୍ଥବାସୀ ପଧାନ ପରିଚାଳନା କରିଥିଲେ। ଫଟା କ୍ଲଷ୍ଟର ସିଆରସିସି ଲଳିତ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ୍‌ର ସମସ୍ତ ସିଆରସିସି ଓ ସ୍ଥାନୀୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### ଦେବଗଡ଼ ଜିଲ୍ଲା

ଦେବଗଡ଼: ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଦିବସ ଶିଶୁ ବାଟିକାର ଶୁଭାରମ୍ଭ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରୋ କୁଜୁର୍‌ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ସଭାପତି ଜିଲ୍ଲାପାଳ କବିନ୍ଦ୍ର ସାହୁ ଓ ବରେଣ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ପୌରପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ନୂତନ ଶିକ୍ଷା ନୀତି ଅନୁଯାୟୀ ୫ ବର୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ନିମିତ୍ତ ଉଦ୍ଦିଷ୍ଟ ଶିଶୁବାଟିକାରେ ନାମ ଲେଖାଇ ଏକ ଉତ୍ତମ, ସଂଗଠିତ ଏବଂ ଅନୁଭୂତି ମୂଳକ ଶିକ୍ଷଣ ପରିବେଶ ପାଇପାରିବେ ବୋଲି ମଞ୍ଚାସୀନ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରୋ କୁଜୁର ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ। ପୌରାଞ୍ଚଳର ୧୨ ଟି ବିଦ୍ୟାଳୟରୁ ଆସିଥିବା ମୋଟ ୧୦୦ ଜଣ ନୂତନ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୦ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା କିଟ ବଣ୍ଟନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଅତିଥି ମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ କିଟ୍ ବଣ୍ଟନ କରିଥିଲେ। ନୂତନ ଭାବେ ଆସିଥିବା ଶିଶୁ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମଗ୍ର ଶିକ୍ଷା ପକ୍ଷରୁ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତରେ ସଚେତନ କରାଇବା ନିମନ୍ତେ ୩ଟି ସଚେତନତା ରଥକୁ ଅତିଥି ମାନେ ସବୁଜ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇ ଓ ଜିଲ୍ଲା ଶିକ୍ଷା ବିଭାଗର ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ତିଲେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ

ଦେବଗଡ଼: ତିଲେଇବଣି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଶନିବାର ତିଲେଇବଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଶିଶୁବଟିକା ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ



ଶୁଭାରମ୍ଭ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ପଞ୍ଚାୟତ ସମିତି ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ବରେଣ୍ୟ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ସାଂସଦଙ୍କ ତିଲେଇବଣି ପ୍ରତିନିଧି ଯୋଗେଶ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ବିଭାଗୀୟ ଅଧିକାରୀ ପ୍ରଶାନ୍ତ ପ୍ରଧାନ, ପ୍ରଭାଶୁଣି ସିଆରସିସି ଅଶୋକ ସାହୁ, ତିଲେଇବଣି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ନମିତା ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରିଥିଲେ। ସୁଗୁଡା ବରିଷ୍ଠ ଶିକ୍ଷକ ଝସକେତନ ନାହାକ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁବଟିକା ନୂତନ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା କିଟ ବଣ୍ଟନ କରାଯାଇଥିଲା। ନୂତନ ଶିଶୁଙ୍କୁ ଅତିଥିଙ୍କ ଦ୍ୱାରା ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ନାଉଲିପଡ଼ା କ୍ଲଷ୍ଟର

ରିଆମାଳ: ନାଉଲିପଡା କ୍ଲଷ୍ଟର ଅଧୀନ ନାଉଲିପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ବିଦ୍ୟା ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ଶନିବାର ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ସମ୍ମାନିତ ଅତିଥି ଭାବେ ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ସମାଜସେବୀ ଲୋକନାଥ ପ୍ରଧାନ ଓ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ସୁଜାତା ପ୍ରିୟଦର୍ଶିନୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ସିଆରସିସି ବସନ୍ତ ସୁନା ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଲେଖ ମହାପାତ୍ରଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିଶୁ ମାନଙ୍କ ପାଇଁ 'ଖେଳଘର', 'ରଙ୍ଗ ପସରା' ଓ 'ଗପରାଇଜ' ନାମରେ ୩ଟି ଷ୍ଟଲ୍‌ର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ବ୍ୟାଗ, ସ୍ଲେଟ ଓ ଜ୍ୟାମିତି ବାକ୍ସ ପ୍ରଦାନ କରାଯାଇଥିଲା।



### ରିଆମାଳ ବ୍ଲକ୍

ରିଆମାଳ: ରିଆମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ ବିଦ୍ୟା ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବ ଶନିବାର ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ସମ୍ମାନିତ ଅତିଥି ଭାବେ ରିଆମାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବନିତା ବେହେରା ଓ ମହେଶ୍ୱର ବେହେରା ପ୍ରମୁଖ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସିଆରସିସି ବସନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ମୋଟ ୩୪ ଜଣ ବାଳକ-ବାଳିକାଙ୍କୁ ଅତିଥିଙ୍କ ଦ୍ୱାରା ଖଡ଼ିଛୁଆଁ ଯାଇଥିଲା। ଶିଶୁଙ୍କ ପାଇଁ 'ଖେଳଘର', 'ରଙ୍ଗ ପସରା' ଓ 'ଗପରାଇଜ' ନାମରେ ୩ଟି ଷ୍ଟଲ୍‌ର ବ୍ୟବସ୍ଥା କରାଯାଇଥିଲା। ଶେଷରେ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କାଲୋ ଧନ୍ୟବାଦ ଜ୍ଞାପନ କରିଥିଲେ।




# ସୋଡ଼ାମାଲରେ ୪ ଏକର ଜଙ୍ଗଲ ସଫା କରିଦେଲେ ଦୁର୍ବୃତ୍ତ

ଝାରସୁଗୁଡ଼ା,୪।୪(ସମିସ): କୋଲାବିରା ତହସିଲ ଅଧୀନ ସୋଡ଼ାମାଲ ମୌଜାର ଖାତା ନମ୍ବର ୪୯୦ ପ୍ଲଟ୍ ନଂ ୧୨୦୯ ପତିତ କିସମ ଆବାଦିଯୋଗ୍ୟ ଅନାବାଦି ଜମିର ୧୬.୯୮୬ ହେକ୍ଟର ଅଞ୍ଚଳରେ ଜଙ୍ଗଲ ରହିଛି। ଏହି ଜଙ୍ଗଲର ପ୍ରାୟ ୪ ଏକରରେ ଥିବା ବିଭିନ୍ନ ପ୍ରକାର ଗଛ ଗୁଡ଼ିକୁ ଦୀର୍ଘ ଦିନ ହେଲା କଟାଯାଉଥିବା ନେଇ ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ସୋଡ଼ାମାଲ ନିକଟସ୍ଥ ନୂଆମୁଣ୍ଡା ନିକଟରେ ପ୍ରାୟ ୪ ଏକର ଜମିରେ ଥିବା ମୂଲ୍ୟବାନ ଗଛ ଗୁଡ଼ିକୁ ଦୁର୍ବୃତ୍ତମାନେ କାଟି ଜଙ୍ଗଲ ପଦା କରି ଦେଇଛନ୍ତି। ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବନାଞ୍ଚଳର କଟେରଧୁଆ ବନପାଳ ସେକ୍ସନରୁ ମାତ୍ର ଅଧ କିଲୋମିଟର ଦୂରରେ ଥିବା ଖସଡା ଜଙ୍ଗଲରୁ ଶହ ଶହ ଗଛ କଟାଯାଉଥିଲେ ମଧ୍ୟ ବନ ବିଭାଗ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହୋଇଛି। ଜଙ୍ଗଲ ସୁରକ୍ଷା ପାଇଁ ବନପାଳ ଅଫିସ ଥାଇ ରାସ୍ତା ପାର୍ଶ୍ୱରୁ ଜଙ୍ଗଲ ସଫା ହେବା ଘଟଣାକୁ ଲୋକେ ସହଜରେ ଗ୍ରହଣ କରିପାରିନାହାନ୍ତି। ପୁରୁଣା ରାଞ୍ଚି ରୋଡର ଜୁନାଡିହି ଛକର ଅନତି ଦୂର ରାସ୍ତା ପାର୍ଶ୍ୱରେ ଆବାହମାନ କାଳରୁ ଥିବା ଜଙ୍ଗଲରୁ ଏତେ ପରିମାଣର ଗଛ ବେଧଡକରେ କଟାଯିବା ଘଟଣା ଅଞ୍ଚଳର ସଚେତନ ନାଗରିକ ଓ ପରିବେଶ ପ୍ରେମୀ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ବନବିଭାଗର ଦାୟିତ୍ୱହୀନତା କାରଣରୁ ଗଛ କଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଯୋଗାଯୋଗ ନ ହୋଇ ପାରିବାରୁ ବନବିଭାଗର ମତାମତ ମିଳି ପାରିନାହିଁ।

# ଏଲ୍‌ପିଜି ରନ୍ଧନ ଗ୍ୟାସ ଯୋଗାଣ ଏବଂ ବଣ୍ଟନ ପାଇଁ ସମନ୍ୱୟ ବୈଠକ

ଦେବଗଡ଼,୪।୪(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଶନିବାର ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ରନ୍ଧନ ଗ୍ୟାସ ସିଲିଣ୍ଡର ଯୋଗାଣ ଆବଶ୍ୟକତା ଉପରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ ଜିଲ୍ଲାରେ ଗ୍ୟାସ୍ ସିଲିଣ୍ଡର୍, ରନ୍ଧନ ଉପରେ ଗ୍ୟାସ କଳାବଜାର ରୋକିବା ପାଇଁ ଓ ଗ୍ୟାସ ଅଧିକ ବ୍ୟବହାର ନକରିବା ଉପରେ ସମୀକ୍ଷା କରିଥିଲେ। ଗ୍ୟାସ ସିଲିଣ୍ଡର ଠିକ୍ ଭାବେ ବ୍ୟବହାର କରିବା, ବିଭିନ୍ନ ହୋଟେଲ ରେଷ୍ଟୁରାଣ୍ଟରେ ରୋଷେଇ ଘରେ ରନ୍ଧନ ଗ୍ୟାସର ବ୍ୟବହାରକୁ ଯାଞ୍ଚ କରିବା ଏବଂ ଡାକ୍ତରଖାନା, ଶିକ୍ଷା ପ୍ରତିଷ୍ଠାନ, ଆହାର କେନ୍ଦ୍ର ଓ କାରାଗାରରେ ଗ୍ୟାସ୍ ଯୋଗାଣ ଓ ବ୍ୟବହାର ଯାଞ୍ଚ୍ କରିବା ଉପରେ ଆଲୋକପାତ କରିଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ୍ ଚୋପରଦାର, ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରୋ କୁଜୁର, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନି ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ପ୍ରଭାତ୍ ଓଝା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖଣି ପ୍ରଭାବିତ ଲୋକଙ୍କ ଧାରଣା

## ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି



ଇବଥର୍ମାଲ,୪।୪(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର କୋଇଲା କ୍ଷେତ୍ର ଅଞ୍ଚଳ ଖଣି ପ୍ରଭାବିତ ଲୋକମାନଙ୍କ ଅସନ୍ତୋଷ ଦିନକୁଦିନ ବଢ଼ିବଢ଼ି ଚାଲିଛି। ଖଣି ପ୍ରଭାବିତ ତଥା ଖଣି ସକାଶେ ବିସ୍ଥାପିତ ଲୋକେ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବାରୁ ଲୋକେ ବିଭିନ୍ନ ସମୟରେ ଧାରଣା, ଆନ୍ଦୋଳନ, ପ୍ରତିବାଦ କରିବାକୁ ବାଧ୍ୟ ହେଉଛନ୍ତି। ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ଅଧୀନରେ କାମକରୁଥିବା ଠିକା କମ୍ପାନୀ ମଧ୍ୟ କ୍ଷତିଗ୍ରସ୍ତ, ବିସ୍ଥାପିତ ତଥା ସ୍ଥାନୀୟ ଅଞ୍ଚଳବାସୀଙ୍କର ଦୁଃଖ ଦୁର୍ଦ୍ଦଶା ବୁଝି କାମ କରିବା ପରିବର୍ତ୍ତେ ମନମୁଖି କାମ କରୁଥିବା ବାରମ୍ବାର ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ଏଠାରେ କାମ କରୁଥିବା କେସିସି ଠିକା କମ୍ପାନୀ ବିରୁଦ୍ଧରେ ତଥା ପ୍ରିନ୍ସିପାଲ ଏମ୍ପ୍ଲୟର ଏମସିଏଲ ବିରୁଦ୍ଧରେ ଗୁରୁତର ଅଭିଯୋଗ ଆଣି ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ଏହାପରେ ଖଣି ପ୍ରଭାବିତ ଖଏରକୁନି, ଭୁଲାମାଲ, ଟିଙ୍ଗିସମାଲ ଓ ଉବୁଡା ଅଞ୍ଚଳର ଗ୍ରାମବାସୀ ମାନେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ଯେ, ଏମସିଏଲ ଲଖନପୁର କୋଇଲା କ୍ଷେତ୍ର ଦ୍ୱାରା ଖଣି ଖନନ ପାଇଁ ଜମି ଅଧିଗ୍ରହଣ ହେବା ସତ୍ତ୍ୱେ ଅନେକ ପ୍ରଭାବିତ ପରିବାରଙ୍କୁ ଯଥୋଚିତ ପୁନର୍ବାସ ଓ ଚାକିରି ସୁବିଧା ଦିଆଯାଇ ନାହିଁ। ପୁଣି କେସିସି ନାମକ ଠିକା କମ୍ପାନୀରେ ନିଯୁକ୍ତି ପାଇଥିବା ଶ୍ରମିକ ମାନଙ୍କୁ ଶୋଷଣର ଶିକାର ହେବାକୁ ପଡୁଛି। ଏମସିଏଲ ପକ୍ଷରୁ ଶ୍ରମିକ ମାନଙ୍କୁ ଏଚ୍‌ପିସି ଦରମା ଦେବାର ବ୍ୟବସ୍ଥା ଓ ନିୟମ ଥିଲେ ମଧ୍ୟ କେସିସି କମ୍ପାନୀ ତାର ଖିଲାପ କରିବାରେ ଲାଗିଛି। ଦିନକୁ ୧୨ ଘଣ୍ଟା କାମ କରାଯାଉଛି; ତା'ଉପରେ ହେଲପର ସୁପରଭାଇଜର କାମ କରୁଥିବା ଶ୍ରମିକ ମାନଙ୍କୁ ଏଚ୍‌ପିସି ହାରରେ ଦରମା ନଦେଇ ମାତ୍ର ୧୫ ହଜାର ଟଙ୍କା ଦିଆଯାଉଛି। ଏହାଛଡା ହକ୍ ପାଇଁ ଆନ୍ଦୋଳନ କଲେ ଶ୍ରମିକ ମାନଙ୍କୁ କାମରୁ ବାହାର କରିବାକୁ ଧମକ ଦିଆ ଯାଉଛି। ସେମାନଙ୍କ ଘର, ଚାଷଜମି, ଗୋଚାରଣ ଜମି, ଗ୍ରାମ୍ୟ ଜଙ୍ଗଲ ସବୁକିଛି କମ୍ପାନୀ ନେଲା। ଖଣି ଖନନ ହୋଇ କୋଟି କୋଟି ଟଙ୍କା ରାଜକୋଷକୁ ଯିବା ସହ ଦେଶ ଓ ରାଜ୍ୟର ବିକାଶ ହେଲା; କିନ୍ତୁ ଏମସିଏଲ ଏଥିପାଇଁ ବିସ୍ଥାପିତ, କ୍ଷତିଗ୍ରସ୍ତ ତଥା ଖଣି ପ୍ରଭାବିତ ଲୋକଙ୍କ ପାଇଁ ସନ୍ତୋଷଜନକ କାର୍ଯ୍ୟ କରୁନାହିଁ କି ଠିକା କମ୍ପାନୀକୁ ନିୟମାନୁସାରେ ଚଳିବାକୁ ପଦକ୍ଷେପ ନେଇ ନାହିଁ। ଜିଲ୍ଲା ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରି ଖଣି ପ୍ରଭାବିତ ଲୋକଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ସାମାଜିକକର୍ମୀ ରବି ସୋନି ଦାବି କରିଛନ୍ତି। ଯେତେଦିନ ପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି ସେ ପର୍ଯ୍ୟନ୍ତ ଧାରଣା ଜାରି ରଖିବାକୁ ଚେତାବନୀ ଦିଆ ଯାଇଛି।

# ଓଡ଼ିଆରେ ନାମଫଳକ ଲେଖିବାକୁ ଜୋର୍



## ● ଓଡ଼ିଆ ଭାଷା ପ୍ରସାର ପାଇଁ ଜିଲ୍ଲାପାଳଙ୍କ ଆହ୍ୱାନ

ଝାରସୁଗୁଡ଼ା,୪।୪(ସମିସ): ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ଶନିବାର ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଭବ୍ୟ 'ଓଡ଼ିଆ ଭାଷା ନାମଫଳକ ସଚେତନତା ପଦଯାତ୍ରା' ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ କରକମଳରେ ଅଭିଯାନର ଶୁଭାରମ୍ଭ ହୋଇଥିଲା। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ପଦଯାତ୍ରା ସହରର ମୁଖ୍ୟରାସ୍ତା ପରିକ୍ରମଣ କରିବା ସହ ଭାଷା ପ୍ରୀତି ଓ ସଚେତନତାର ବାର୍ତ୍ତା ବାଣ୍ଟିଥିଲା। ସହରର ସମସ୍ତ ଦୋକାନ, ବାଣିଜ୍ୟିକ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟ ଗୁଡିକରେ ଓଡ଼ିଆ ଭାଷାରେ ନାମଫଳକ ଲେଖିବା ପାଇଁ ଉତ୍ସାହିତ କରିବା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ବୁଲି ଓଡ଼ିଆ ଭାଷାରେ ବୋର୍ଡ ଲଗାଇବା ସମ୍ବନ୍ଧରେ ସୂଚନା ପ୍ରଦାନ କରିବା ସହ ସଚେତନତାଧର୍ମୀ ଲିଫଲେଟ୍ ବଣ୍ଟନ କରାହୋଇଥିଲା। ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ମାତୃଭାଷାର ଗୁରୁତ୍ୱ ଓ ଆଇନଗତ ପ୍ରାବଧାନ ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ପଦଯାତ୍ରାରେ ଜିଲ୍ଲାର ବିଭିନ୍ନ କଲେଜ ଛାତ୍ରଛାତ୍ରୀ, ଜିଲ୍ଲା ହୋଟେଲ ଆସୋସିଏସନ ସଭାପତି, ଚାମ୍ବର ଅଫ କମର୍ସର ସଭାପତି, ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟ ଓ ଏଲଏନ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ। ଏଥିସହିତ ସାଂସଦ ପ୍ରତିନିଧି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ, ବିଭିନ୍ନ ଏନଜିଓ ସଂସ୍ଥା ଓ ମହିଳା ସଂଗଠନର ସଦସ୍ୟାମାନେ ସାମିଲ ହୋଇଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟର ପ୍ରଭାଗୀୟ ଶ୍ରମ ଆୟୁକ୍ତ, ଜିଲ୍ଲା ଶ୍ରମ ଅଧିକାରୀ, ସହକାରୀ ଶ୍ରମ ଅଧିକାରୀଙ୍କ ସମେତ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

ଦେବଗଡ଼: ଜିଲ୍ଲା ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆରେ ନାମ ଫଳକ ଲେଖା ଅଭିଯାନ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ବାହାରିଥିବା ସଚେତନତା ପଦଯାତ୍ରାକୁ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ୍, ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ ଭୋଇ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଚେତନତା ଶୋଭାଯାତ୍ରା ସହରପରିକ୍ରମା କରି ବିଭିନ୍ନ ଅନୁଷ୍ଠାନ ଗୁଡିକୁ ଓଡ଼ିଆ ଭାଷାରେ ଫଳକ ଲଗାଇବାକୁ ବାର୍ତ୍ତା ପ୍ରେରଣ କରିଥିଲେ। ଓଡ଼ିଆ ଭାଷା ଏକ ପ୍ରାଚୀନ, ସମୃଦ୍ଧ ଭାଷା ଓ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା। ଆମ ଓଡ଼ିଆ ଭାଷାର ଅଧିକ ପ୍ରଚାର ପ୍ରସାର ପାଇଁ ସମସ୍ତ ଦୋକାନ ଓ ବାଣିଜ୍ୟ ପ୍ରତିଷ୍ଠାନ ଓ ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନକୁ ଯାଇ ପ୍ରତିଷ୍ଠାନ ଆଗରେ ନାମ ଫଳକ ଓଡ଼ିଆରେ ଲେଖିବାପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଦୋକାନ କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ବିଭାଗର ରତନ୍ ରାୟ ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



## ଚର୍ଚ୍ଚାରେ ସମ୍ବଲପୁରୀ ମ୍ୟୁଜିକ୍ ଭିଡିଓ 'ନଖରା ବାଲି'



ସମ୍ବଲପୁରୀ ମ୍ୟୁଜିକ୍ ଭିଡିଓ 'ନଖରା ବାଲି' ଏବେ ଚାରିଆଡ଼େ ଚର୍ଚ୍ଚାରେ । ସୋସିଆଲ୍ ମିଡ଼ିଆରେ ଏହାକୁ ନେଇ ଏବେ ସମସ୍ତେ ରିଲ୍ସ କରିବାରେ ବ୍ୟସ୍ତ । ଗୀତଟିରେ କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ ଓ ଅଙ୍କିତ୍ । ସେହିପରି ଭିଡିଓଟିରେ ଅଭିନେତା ସ୍ୱାଗ୍ ସାନୁଙ୍କ ସହ କୋଲକାତାର ଚର୍ଚ୍ଚିତ ଅଭିନେତ୍ରୀ ଡୋରି ଅଛନ୍ତି । ଭିଡିଓଟି ନିର୍ଦ୍ଦେଶକ ବାବୁ ବାବୁଙ୍କ ନିର୍ଦ୍ଦେଶନାରେ କୋରିଓଗ୍ରାଫି କରିଛନ୍ତି ଡି ଦୀପକ । ଏହାର ପ୍ରଯୋଜକ ଭାବରେ ଅଛନ୍ତି ରାଘବ ସ୍ୱାଇଁ । ଏହି ମ୍ୟୁଜିକ୍ ଭିଡିଓଟି ଓଡ଼ିଶା ମ୍ୟୁଜିକ୍‌ରେ ରିଲିଜ୍ ହୋଇଛି ।

## ଛୋଟ ପରଦାରେ 'ଲାଗେ ପ୍ରେମ ନଜର'



'ଜୀ ସାର୍ଥକ' ପକ୍ଷରୁ ଦର୍ଶକଙ୍କ ପାଇଁ ଭେଟି ଦିଆଯାଉଛି ଏକ ହୃଦୟସ୍ପର୍ଶୀ ପାରିବାରିକ ଚଳଚ୍ଚିତ୍ର 'ଲାଗେ ପ୍ରେମ ନଜର' । ଆଜି ଅର୍ଥାତ୍ ଏପ୍ରିଲ୍ ୫ ତାରିଖ ଦିନ ୨ଟା ଏବଂ ପୁନର୍ବାର ସନ୍ଧ୍ୟା ୬ଟା ୩୦ ମିନିଟରେ ଏହାର ମେଗା ୱାର୍ଲ୍ଡ ପ୍ରିମିୟର ହେବ । ପ୍ରେମ, ପ୍ରତାରଣା ଏବଂ ପରିଶେଷରେ କୃତଜ୍ଞତାର ଏକ ନିଆରା ସମନ୍ୱୟ ହେଉଛି 'ଲାଗେ ପ୍ରେମ ନଜର' । ଦିଲୀପ ପଣ୍ଡାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ଅଭିନେତା ଅମ୍ଲାନ, ଅଭିନେତ୍ରୀ ପ୍ରିୟା ଚୌଧୁରୀ, ରିୟା ଦେ, ରାଗିଣୀ ସୁତ୍ରଧର, ରାକେଶ ଦେଓ ପ୍ରମୁଖ ନଜର ଆସିବେ । ପୂର୍ବରୁ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଦର୍ଶକଙ୍କ ମନ ଜିତିଥିବା ଏହି ଚଳଚ୍ଚିତ୍ରକୁ ଛୋଟ ପରଦାରେ ପ୍ରଥମ ଥର ପାଇଁ ଦେଖିପାରିବେ 'ଜୀ ସାର୍ଥକ'ର ସମସ୍ତ ଦର୍ଶକ । 'ଲାଗେ ପ୍ରେମ ନଜର' କେବଳ ଏକ ସିନେମା ନୁହେଁ, ବରଂ ଏହା ସମ୍ପର୍କର ଏକ ଗଭୀର ପରୀକ୍ଷା । ଆମର ପ୍ରିୟ ଦର୍ଶକମାନେ ଚଳଚ୍ଚିତ୍ରର ଆନନ୍ଦ ନେବେ ବୋଲି ଜୀ ସାର୍ଥକର ବିଜିନେସ୍ ହେଡ୍ ରାହୁଲ ରାଓ କହିଛନ୍ତି ।

## ପରଦା ପଛର କାହାଣୀ

## ଅମିତାଭଙ୍କ ଯୋଗୁଁ ଅଡୁଆରେ ଜୀନତ୍

୧୯୭୮ ମସିହାରେ ମୁକ୍ତିଲାଭ କରିଥିଲା କ୍ଲଟ୍ କ୍ଲାସିକ୍ ଆକ୍ସନ୍ ଥ୍ରୀଲର୍ ଫିଲ୍ମ 'ଡନ୍' । ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା । ଏଥିରେ ଅମିତାଭ୍ ବଚ୍ଚନ, ଜୀନତ୍ ଅମାନ, ପ୍ରାଣ, ଇଫ୍‌ତେଖର, ହେଲେନ, ଓମ୍ ଶିବପୁରୀ ପ୍ରମୁଖ ତାରକା ଅଭିନୟ କରିଥିଲେ । ଫିଲ୍ମର କାହାଣୀ ଏକ ୱାଣ୍ଟେଡ୍ କ୍ରିମିନାଲ୍ ଉପରେ ଆଧାରିତ । ତେବେ ଏହି ସୁଟିଂ ସେଟ୍‌ରେ ଅମିତାଭଙ୍କ ପାଇଁ ଜୀନତ୍‌ଙ୍କୁ ଅଡୁଆ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିବା ନିକଟରେ ଜଣାପଡ଼ିଛି । ଫିଲ୍ମର ଏକ ଦୃଶ୍ୟରେ ଆଘାତ ଲାଗିଥିବା ଡନ୍ (ଅମିତାଭ)ଙ୍କୁ ରୋମା (ଜୀନତ) ନର୍ସ ହୋଇ ଡାକ୍ତରଖାନାରୁ ଖସିଯିବାରେ ସାହାଯ୍ୟ କରିଥିଲେ । ଏଥିରେ ଜୀନତ୍ ଅଭିନେତା ଅମିତାଭଙ୍କୁ ହ୍ୱିଲ୍‌ଚେୟାରରେ ବସାଇ ଫେରାର୍ ହୋଇଯିବାର ଥିଲା । ହେଲେ ହ୍ୱିଲ୍‌ଚେୟାର୍‌ରେ ହୃଷ୍ଟପୁଷ୍ଟ ଅମିତାଭଙ୍କୁ ବସାଇ ନେବା ଅଭିନେତ୍ରୀଙ୍କ ପାଇଁ ଖୁବ୍ କଠିନ ହୋଇପଡ଼ିଥିଲା । ଜୀନତ୍ ଅମାନ ନିଜେ 'ଡନ୍'ର ଏକ ଭିଡିଓ ପୋଷ୍ଟ କରି ଏହା ପ୍ରକାଶ କରିଛନ୍ତି । ସେ ଲେଖିଛନ୍ତି ଅମିତାଭ ବଚ୍ଚନଙ୍କ ଓଜନିଆ ଶରୀର ସହ ପୁରୁଣା ହ୍ୱିଲ୍‌ଚେୟାର୍ ଚଳାଇବା ତାଙ୍କ ପାଇଁ ଖୁବ୍ କଷ୍ଟକର ଥିଲା । ଏଥିରେ ତାଙ୍କୁ ମୁହଁରେ ମଧ୍ୟ କଷ୍ଟ ହେଉଥିବାର କୌଣସି ଭାବଭଙ୍ଗୀ ଦେଖାଇବାର ନଥିଲା । ତେଣୁ ଚେୟାର୍‌କୁ ଠେଲିବା ପାଇଁ ତାଙ୍କୁ ଅଧିକ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା । ଅବଶ୍ୟ ଡନ୍ ଫିଲ୍ମରେ କାମ କରିବା ଜୀନତ୍‌ଙ୍କ ପାଇଁ ଏତେ କଠିନ ନଥିଲା । କାରଣ ସେ ପୂର୍ବରୁ ଅମିତାଭ ବଚ୍ଚନ ଏବଂ ଅନ୍ୟ କ୍ରିଉ ମେମ୍ବରଙ୍କ ସହ କାମ କରିସାରିଥିଲେ । ଏଥିସହ ସେ 'ଡନ୍' ଫିଲ୍ମରେ ଅଭିନୟ କରିବା ପାଇଁ କାହିଁକି ରାଜି ହୋଇଥିଲେ ତାହା ମଧ୍ୟ ଉଲ୍ଲେଖ କରିଛନ୍ତି । ଜୀନତ୍‌ଙ୍କ କହିବାନୁଯାୟୀ ତାଙ୍କୁ ସର୍ବଦା ନିର୍ଭୟ, ସାହସୀ ଏବଂ ସ୍ମାର୍ଟ ମହିଳାର ଭୂମିକା ପସନ୍ଦ । 'ରୋମା' ଚରିତ୍ରରେ ସେ ସବୁ ରହିଥିଲା । ତେଣୁ ରୋମା ଚରିତ୍ର ପାଇଁ ଅଭିନୟ କରିବା ତାଙ୍କ ପାଇଁ ସୌଭାଗ୍ୟ ଥିଲା । ୧୯୭୮ ମସିହାରେ ସର୍ବାଧିକ ଆୟ କରିଥିବା ଫିଲ୍ମ ମଧ୍ୟରୁ 'ଡନ୍' ଅନ୍ୟତମ । ଏଥିରେ ଅମିତାଭ ବଚ୍ଚନ ଦ୍ୱୈତ ଭୂମିକାରେ ଅଭିନୟ କରିଥିଲେ । ଫିଲ୍ମର କାହାଣୀ ସଲିମ୍ ଯାବେଦ ଲେଖିଥିଲେ ।



## ମନମୋହିଲା 'ଆଫା'

ଏକ ସାଧାରଣ ପରିବାରର ଅସାଧାରଣ କାହାଣୀକୁ ନେଇ ବଡ଼ ପରଦାକୁ ଆସିଛି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଆଫା' - ଲାଇଫ୍ ଆଫ୍ଟର୍ ଲାଇଫ୍ । ଏପ୍ରିଲ୍ ୩ ତାରିଖରେ ରାଜ୍ୟର ବିଭିନ୍ନ ପ୍ରେକ୍ଷାଳୟରେ ମୁକ୍ତିଲାଭ ପରେ ଏହି ଫିଲ୍ମଟି ସିନେ ଦର୍ଶକଙ୍କ ମନକୁ ଛୁଇଁ ପାରିଛି । ବାପା, ମା', ଜେଜେବାପା ଓ ଝିଅକୁ ନେଇ ଗଢ଼ା ଏହି ପରିବାରର କାହାଣୀକୁ ଦେଖିଲେ ପ୍ରତ୍ୟେକ ଦର୍ଶକଙ୍କୁ ଏହା ନିଜର କାହାଣୀ ବୋଲି ମନେ ହେବ । ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ସୁନାମଧନ୍ୟ ନିର୍ଦ୍ଦେଶକ ଅଶୋକ ପତିଙ୍କ ସୁକନ୍ୟା ଅନମୋଲ ପତି ନିଜର ଅଭିନୟ ଯାତ୍ରା ଆରମ୍ଭ କରିଛନ୍ତି । ଅନ୍ୟାନ୍ୟ ମୁଖ୍ୟ ଭୂମିକାରେ ବରିଷ୍ଠ ଅଭିନେତା କୁନା ତ୍ରିପାଠୀ, ପ୍ରୀତିରାଜ ଶତପଥୀ, ନୈନା ଦାଶ, ହର ରଥ, ସିଦ୍ଧାର୍ଥ ତିୱାରୀ, ଶିଶୁ କଳାକାର ମିଭାନ୍ ସିଦ୍ଧାର୍ଥ ତିୱାରୀଙ୍କ ସମେତ ବହୁ ନାମୀ କଳାକାର ଅଭିନୟ କରିଛନ୍ତି । ପ୍ରୀତିରାଜ ଶତପଥୀ ଓ ନୈନା ଦାଶ ତିୱାରୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରକୁ ପ୍ରୀତିରାଜ ଶତପଥୀଙ୍କ ନିର୍ଦ୍ଦେଶନାରେ ସହ-ନିର୍ଦ୍ଦେଶନା ଦେଇଛନ୍ତି ରାଜେଶ କୁମାର ବାରିକ ଓ କ୍ରିଷ୍ଣା । ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି ଅଭିନେତା କୁନା ତ୍ରିପାଠୀ । ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଏବଂ ଗୀତିକାର ବାପୁ ଗୋସ୍ୱାମୀ ଓ ଦିବ୍ୟ କୁମାର ସାହୁଙ୍କ ମିଳିତ ପ୍ରୟାସରେ ପ୍ରସ୍ତୁତ ଗୀତଗୁଡ଼ିକରେ ଦୀପ୍ତିରେଖା ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ ଓ ଶଶାଙ୍କ ଶେଖର ପ୍ରମୁଖ କଣ୍ଠଦାନ କରିଛନ୍ତି । ଚଳଚ୍ଚିତ୍ରର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ । ବିଶ୍ୱଜିତ୍ କୁଲଡିଙ୍କ ଚିତ୍ତାକର୍ଷକ ସିନେମାଟୋଗ୍ରାଫି ଦର୍ଶକଙ୍କୁ ବାନ୍ଧି ରଖିଛି ।



## ଏପ୍ରିଲ୍ ୧୭ରେ 'ବିନ୍ଦୁସାଗର'



ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର' ଚଳିତ ମାସ ୧୭ ତାରିଖରେ ସାରା ଦେଶରେ ମୁକ୍ତିଲାଭ କରିବାକୁ ଯାଉଛି । ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଏକ ସୁନ୍ଦର ସମ୍ମିଶ୍ରଣ ସହ 'ବିନ୍ଦୁସାଗର' ଏକ ଏମିତି କାହାଣୀ ନେଇ ଆସୁଛି, ଯାହା ଦର୍ଶକଙ୍କୁ ସିନେମା ସହିତ ଗଭୀର ଭାବେ ଯୋଡ଼ି ରଖିବ । ଫିଲ୍ମଟି ରିଲିଜ୍ ପୂର୍ବରୁ ଡିଜିଟାଲ୍ ମାଧ୍ୟମରେ ବ୍ୟାପକ ପ୍ରଭାବ ପକାଇ ପାରିଛି । ଟିଜର୍ ଓ ସଙ୍ଗୀତ ଦର୍ଶକମାନଙ୍କ ଭିତରେ ବିଶେଷ ଆକର୍ଷଣ ସୃଷ୍ଟି କରିବାରେ ସମର୍ଥ ହୋଇଛି । ବିଶେଷ କରି ଗାୟକ ହ୍ୟୁମାନ୍ ସାଗରଙ୍କ କଣ୍ଠରେ 'ଚାଙ୍ଗାରେ...' ଗୀତଟି ବର୍ତ୍ତମାନ ଟ୍ରେଣ୍ଡିଂରେ ରହିବା ସହିତ ଶ୍ରୋତାମାନଙ୍କ ହୃଦୟ ଜିତୁଛି । ଫିଲ୍ମରେ ରହିଛି ମୋଟ ନଅ'ଟି ଗୀତ । ଯେଉଁଥିରେ ହ୍ୟୁମାନ ସାଗର, ସୌରଭ ଭରଦ୍ୱାଜ, ଅନ୍ତରା ଚକ୍ରବର୍ତ୍ତୀ, କୁଳଦୀପ ପଟ୍ଟନାୟକ, ଅନନ୍ୟା ଶ୍ରୀତମ ନନ୍ଦ,ଅସୀମା ପଣ୍ଡା ଓ ଆଶିଷ ପ୍ରଧାନ କଣ୍ଠଦାନ କରିଛନ୍ତି । ମହାଦେବ ରାଉତଙ୍କ ସ୍ୱର ସଂଯୋଜନାରେ ଗୀତଗୁଡ଼ିକ ମନଛୁଆଁ ହୋଇ ପାରିଛି । ଏହି ଫିଲ୍ମରେ ଦ୍ୱୀପାନ୍ୱିତ, ପ୍ରକୃତି, ସୋନାଲି ଶର୍ମିଷ୍ଠା, ସତ୍ୟ ରଞ୍ଜନ, ସୁକାନ୍ତ ରଥ ଓ ରବିନ ଦାସ ପ୍ରମୁଖ ନଜର ଆସିବେ । ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ । 'ପ୍ଲାଟୁନ ୱାନ୍ ଫିଲ୍ମସ୍'ର ଶିଳାଦିତ୍ୟ ବୋରା, 'ବାଉଣ୍ଡଲେସ୍ ବ୍ଲାକ୍‌ବକ ଫିଲ୍ମ'ର ବିନୟ ରେଡ୍ଡୀ ଓ ଶୁଭ ଶେଖର ଭଟ୍ଟାଚାର୍ଯ୍ୟଙ୍କ ସହ 'ଏମ୍‌ଡିସି ଫିଲ୍ମ ୱାର୍କସ୍'ର ନିଖିଳ ଚୌଧୁରୀଙ୍କ ମିଳିତ ସହଯୋଗରେ ନିର୍ମିତ ହୋଇଛି ଫିଲ୍ମ 'ବିନ୍ଦୁ ସାଗର' । 'ବିନ୍ଦୁ ସାଗର' ଦର୍ଶକଙ୍କ ମନମୋହିବ ବୋଲି ପ୍ରଯୋଜନା ସଂସ୍ଥା ଆଶା କରିଛି ।

## ସାକ୍ଷାତକାର

# 'ଅଭିନୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ରହିବା ଦରକାର'



**ପ୍ରଭାସିନୀ ଜେନା, ଅଭିନେତ୍ରୀ**

ମା'ଙ୍କର ଇଚ୍ଛା ଥିଲା ଝିଅ ଜଣେ ଆଗଧାଡ଼ିର ଅଭିନେତ୍ରୀ ହେଉ । ମା'ଙ୍କ ସ୍ୱପ୍ନ ପୂରା କରିବାକୁ ଝିଅ ସ୍କୁଲ ପଢ଼ା ସମୟରୁ ନୃତ୍ୟରେ ନିଜର ପ୍ରତିଭାକୁ ପ୍ରଦର୍ଶିତ କରିଥିଲେ । ଏହା ପରେ ସେ ଅଡିସନ୍ ଦେଇ ଧାରାବାହିକ 'ରାନୀ'ରେ ଅଭିନୟ ଆରମ୍ଭ କଲେ । ସେ ଏକାଧିକ ଧାରାବାହିକରେ କାମ କରିଛନ୍ତି । ନିଜର ଚମତ୍କାର ଅଭିନୟ ଦ୍ୱାରା ଦର୍ଶକଙ୍କ ହୃଦୟ ଜିଣିଥିବା ଏହି ଉଦୀୟମାନ ଅଭିନେତ୍ରୀ ଜଣକ ହେଉଛନ୍ତି କେନ୍ଦୁଝରର ପ୍ରଭାସିନୀ ଜେନା । 'ସୀମା' ନାଁରେ ସେ ଲୋକପ୍ରିୟ । ଧାରାବାହିକ 'ସୁନୟନା'ର ସୁନୟନା ଚରିତ୍ର ପାଇଁ ସେ ଘରେ ଘରେ ପରିଚିତ । ତେବେ ଅଭିନୟ କ୍ଷେତ୍ରରେ ତିଷ୍ଠି ରହିବାକୁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ ।

**ଅଭିନୟ ଯାତ୍ରା କେବେଠୁ ଆରମ୍ଭ ହେଲା?**

- ଅଭିନେତ୍ରୀ ହେବା ମୋର ସ୍ୱପ୍ନ ନଥିଲା । ଏହି ସ୍ୱପ୍ନ ମୋ ମା' ଦେଖିଥିଲେ । ତାଙ୍କ ସ୍ୱପ୍ନକୁ ପୂରା କରିବାକୁ ସ୍କୁଲରେ ପଢ଼ିବା ସମୟରେ ନୃତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରୁଥିଲି । ରାଜ୍ୟସ୍ତରୀୟ ପୁରସ୍କାର ମଧ୍ୟ ଗ୍ରହଣ କରିଛି । ସମୟକ୍ରମେ ଏହି ସାହସ ମୋତେ ଅଭିନେତ୍ରୀ ହେବାକୁ ସୁଯୋଗ ଦେଇଥିଲା । ବିଭିନ୍ନ ସ୍ଥାନରେ ଅଡିସନ୍ ଦେଲି । 'ରାନୀ' ଧାରବାହିକ ମୋର ପ୍ରଥମ ଧାରାବାହିକ । ଏଥିରେ ମୁଁ ନାୟିକାର ବାନ୍ଧବୀ ସନ୍ଧ୍ୟା ଭାବେ ଅଭିନୟ ଆରମ୍ଭ କରିଥିଲି । ଏହାପରେ 'ରହିଛି ରହିବି ତୋରି ପାଇଁ', 'ତୋ ପାଇଁ ମୁଁ ମୋ ପାଇଁ ତୁ', 'ସୁନୟନା', 'ଗୌରୀ' ଆଦି ଧାରବାହିକରେ ଅଭିନୟ କରିବାର ସୁଯୋଗ ମିଳିଛି ।

**କ୍ୟାମେରାକୁ ସାମ୍ନା କରିବାରେ ଭୟ ଲାଗିଥିଲା କି?**

- ପ୍ରଥମ ଥର କ୍ୟାମେରାକୁ ସାମ୍ନା କରିଲେ ଭୟ ଲାଗିବା ସାଧାରଣ କଥା । ହେଲେ ମୁଁ ଏଥିରୁ ବ୍ୟତିକ୍ରମ । କାରଣ ମୁଁ ଯେତେ ବି ମେଗା ଧାରିବାହିକରେ କାମ ଆରମ୍ଭ କରିଛି ପ୍ରତିଟି ଥର କ୍ୟାମେରାକୁ ସାମ୍ନା କଲେ ଭୟ ଥାଏ । ହେଲେ ସୁନୟନା ଚରିତ୍ରରେ ଅଭିନୟ କଲା ସମୟରେ ମୋର ସେହି ଡର ଛାଡ଼ି ଯାଇଥିଲା ।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

- ଆମ ଘରେ ପିଲାଙ୍କୁ କାହାକୁ ଫୋନ୍ ଦିଆଯାଏ ନାହିଁ । ଏ ଲାଇନ୍‌କୁ ଆସିବା ପରେ ବି ମୋ' ପାଖେ ଫୋନ୍ ନ ଥିଲା । ତେଣୁ ପ୍ରଥମ ପାରିଶ୍ରମିକରୁ କିଛି ପଇସା ଘରକୁ ଦେଇଥିଲି । ନିଜ ପାଇଁ ପ୍ରଥମ ଥର ପାଇଁ ଏକ ଫୋନ୍ କିଣିଥିଲି ।

**ମୁଖ୍ୟ ଚରିତ୍ରରେ କାମ ମିଳିବା ପରେ କେତେ ଖୁସି ଥିଲେ?**

- ଆରମ୍ଭରୁ ତିନି ଚାରିଟି ଧାରାବାହିକରେ ସେକେଣ୍ଡ ଲିଡ୍‌ରେ କାମ କରିଥିଲି । ହେଲେ ଏହାରି ଭିତରେ ମୋ କାମକୁ ଦେଖି 'ସୁନୟନା' ନିର୍ମାତା ମୋତେ ସେହି ଧାରାବାହିକରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ସୁଯୋଗ ଦେଇଥିଲେ । ଏହି ଖବର ମୋତେ ବହୁତ ଖୁସି ଦେଇଥିଲା । ଅଭିନୟ କ୍ଷେତ୍ରରେ ଆଗକୁ ବଢ଼ିବାକୁ ଭରପୂର ସୁଯୋଗ ମଧ୍ୟ ଦେଇଛି ।

**'ସୁନୟନା'କୁ ନେଇ କ'ଣ କହିବେ?**

- ପ୍ରଭାସିନୀ ଯେମିତି ଜଣେ ଟିପିକାଲ୍ ଗାଉଁଲି ଝିଅ, ସୁନୟନା ଚରିତ୍ର ବି ସମାନ ଥିଲା । ସୁନୟନା ପ୍ରଭାସିନୀ ପରି ବହୁତ ସାଧାସିଧା, ଗଛ ଚଢ଼ିବାଠୁ ପହଁରିବା, ଠାକୁର ପୂଜା କରିବା ଆଦି ସବୁ କ୍ଷେତ୍ରରେ ସେ ପାରଙ୍ଗମ । ସୁନୟନା ଚରିତ୍ରକୁ ଦର୍ଶକ ବହୁତ ଭଲପାଇବା ଦେଇଛନ୍ତି । ହେଲେ ଦୁର୍ଭାଗ୍ୟବଶତଃ ମୋର ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ଏହି କିଛି ଦିନ ହେବ ଧାରାବାହିକରୁ ଦୂରେଇ ଯାଇଛି ।

**ସୁଟିଂ ସେଟ୍‌ର ସ୍ମରଣୀୟ ମୁହୂର୍ତ୍ତ?**

- ଯେଉଁଦିନ ମୁଁ ସୁନୟନା ଧାରାବାହିକରୁ କାମ ଛାଡୁଥିଲି, ମୋର ସହକଳାକାର ତଥା ଯେଉଁମାନଙ୍କ ସହିତ ବହୁତ ମିଶିଥିଲି ସେମାନଙ୍କ ଆଖିରେ ମୋ ପ୍ରତି ଥିବା ଇମୋସନ୍, ଆତ୍ମୀୟତାକୁ ମୁଁ କେବେ ବି ଭୁଲି ପାରିବିନି ।

**ଫାଙ୍କା ସମୟରେ ସୀମା କ'ଣ କରନ୍ତି?**

- ସେଟ୍‌ରେ ସମସ୍ତଙ୍କ ସହିତ ମଜାମସ୍ତି କରେ । ଗାଁ'ର କିଛି ପୁରୁଣା ଖେଳ ଖେଳେ ।

**ଆଗକୁ ଯୋଜନା କ'ଣ ରହିଛି?**

- ବର୍ତ୍ତମାନ ସରକାରୀ ଚାକିରି ପାଇଁ ମୁଁ ପ୍ରସ୍ତୁତି କରୁଛି । ଭବିଷ୍ୟତରେ ଭଲ କାହାଣୀ ଓ ଚରିତ୍ର ମିଳିଲେ ନିଶ୍ଚୟ କରିବି ।

**ନୂଆ ପିଲାଙ୍କୁ କ'ଣ କହିବେ?**

- ଭଲ କଳାକାରଟିଏ ହେବାକୁ ହେଲେ, ସବୁବେଳେ ଅଭିନୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ରହିବା ଦରକାର । ତା'ସହିତ ଶୃଙ୍ଖଳିତ ରହି କୌଣସି କଥାକୁ ଶିଖିବା ମନୋବୃତ୍ତି ରଖିବା ଗୁରୁତ୍ୱ ବହନ କରେ । ଏସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

## ୱାର୍ଲ୍ଡ ଆର୍ଚରୀ ପାରା ସିରିଜ୍‌ରେ ଭାରତକୁ ୧୩ ପଦକ

# ଓଡ଼ିଶାର ପାୟଲଙ୍କୁ ସ୍ୱର୍ଣ୍ଣପଦକ




ଭୁବନେଶ୍ୱର,୪।୪(ସମିସ): ଓଡ଼ିଶାର ପାୟଲ ନାଗ୍ ଥାଇଲାଣ୍ଡରେ ଚାଲିଥିବା ୱାର୍ଲ୍ଡ ଆର୍ଚରୀ ପାରା ସିରିଜ୍‌ରେ ଦ୍ୱିତୀୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଶନିବାର ଅନୁଷ୍ଠିତ ମହିଳା ପାରା କମ୍ପାଉଣ୍ଡ ଇଣ୍ଡିଭିଜୁଆଲ ଫାଇନାଲରେ ସେ ଅଲିମ୍ପିକ୍ କାଂସ୍ୟ ପଦକ ବିଜେତା ଶିତଲ ଦେବୀଙ୍କୁ ପରାସ୍ତ କରି ଏହି ସ୍ୱର୍ଣ୍ଣିମ ସଫଳତା ହାସଲ କରିଛନ୍ତି। ଏହା ଫଳରେ ଓଡ଼ିଶାର ପାୟଲ ତୀରନ୍ଦାଜିରେ ଏକ ବଡ଼ ତାରକା ଭାବେ ଉଭା ହୋଇଛନ୍ତି। ଅନ୍ତର୍ଜାତୀୟସ୍ତରରେ ବିଶ୍ୱର ଶ୍ରେଷ୍ଠ ପାରା ଆର୍ଚର ବିବେଚିତ ଜଣେ ଅଲିମ୍ପିକ୍ ପଦକ ବିଜେତାଙ୍କୁ ଫାଇନାଲ ମୁକାବିଲାରେ ହରାଇ ଚାମ୍ପିଅନ ହେବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ପ୍ରଦର୍ଶନ। ଫାଇନାଲରେ ପାୟଲ ୧୩୯-୧୩୬ ପଏଣ୍ଟରେ ଶିତଲଙ୍କୁ ପରାସ୍ତ କରିଥିଲେ। ଗତକାଲି ପାୟଲ ଓ ଶିତଲ ମହିଳା କମ୍ପାଉଣ୍ଡ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ଉଭୟ ଟୁର୍ଣ୍ଣାମେଣ୍ଟ ସାରା ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତର ଏହି ଦୁଇ ପାରା ଆର୍ଚର ଆଜି ଅନୁଷ୍ଠିତ ଫାଇନାଲରେ କାଜାଖସ୍ତାନର ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୫୦-୧୪୭ ପଏଣ୍ଟରେ ପରାସ୍ତ କରିଥିଲେ। ଏମାନଙ୍କ ପ୍ରଦର୍ଶନ ବଳରେ ଭାରତ ପ୍ରତିଯୋଗିତାରେ ୭ଟି ସ୍ୱର୍ଣ୍ଣ ସହ ୧୩ଟି ପଦକ ଜିତି ଅଭିଯାନ ଶେଷ କରିଛି। ଏଥିରେ ୩ଟି ଲେଖାଏଁ ରୌପ୍ୟ ଓ କାଂସ୍ୟ ରହିଛି। ଉଭୟ ତଥା ବିଶ୍ୱର ନଂ-୧ ଶିତଲ ଓ ଉଦୀୟମାନ ତାରକା ପାୟଲଙ୍କର ଜନ୍ମରୁ ହାତ ନ ଥିବା ବେଳେ କଠିନ ପରିଶ୍ରମ, ନିଷ୍ଠା ଓ ଦୃଢ଼ ମାନସିକତା ବଳରେ ସଫଳତାର ଶିଖରରେ ପହଞ୍ଚିବାରେ ସମର୍ଥ ହୋଇଛନ୍ତି। ଉଭୟ ଶୀତଲ ଓ ପାୟଲଙ୍କ ଇଚ୍ଛାଶକ୍ତି ନିକଟରେ ସେମାନଙ୍କ ଶାରିରୀକ ଅକ୍ଷମତା ହାର ମାନିଛି। ପାୟଲଙ୍କ ସଫଳତା ଓଡ଼ିଶାର କ୍ରୀଡ଼ା ଜଗତରେ ଆନନ୍ଦର ଲହରୀ ଖେଳାଇଦେଇଛି। ପାୟଲଙ୍କ ରୂପରେ ଓଡ଼ିଶା ଜଣେ ବିଶ୍ୱ ଚାମ୍ପିଅନଙ୍କୁ ଏବେଠାରୁ ଦେଖିବାକୁ ପାଇଛି। ୨୦୨୫ରେ ଦୁବାଇ ଏସିଆନ୍ ୟୁଥ୍ ପାରା ଗେମ୍ସରେ ପାୟଲ ଡେବ୍ୟୁ କରିଥିଲାବେଳେ ଏଠାରେ ଦ୍ୱିତୀୟଥର ଲାଗି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଛନ୍ତି। ଶିତଲଙ୍କୁ ମଧ୍ୟ ୧୮ ବର୍ଷିୟା ପାୟଲ ଦ୍ୱିତୀୟଥର ଲାଗି ପରାସ୍ତ କରିଛନ୍ତି। ଗତବର୍ଷ ଜୟପୁରରେ ଅନୁଷ୍ଠିତ ପାରା ନ୍ୟାସନାଲରେ ଶିତଲଙ୍କୁ ପ୍ରଥମଥର ହରାଇଥିଲେ ପାୟଲ। ପାୟଲ-ଶିତଲଙ୍କ ଯୋଡି ଏବେ ବିଶ୍ୱ ପାରା ଆର୍ଚରୀରେ ରାଜ କରିବାକୁ ଯାଉଛନ୍ତି। ଏହି ସଫଳତା ଲାଗି ଓଡ଼ିଆ ତଥା ବଲାଙ୍ଗିରର ଝିଅ ପାୟଲଙ୍କୁ ଅଭିନନ୍ଦନର ସୁଅ ଛୁଟିଛି।

## ସମୀର ରିଜ୍‌ଭୀଙ୍କ କ୍ରମାଗତ ଅର୍ଦ୍ଧଶତକ

# ମୁମ୍ବାଇକୁ ହରାଇଲା ଦିଲ୍ଲୀ

ଦିଲ୍ଲୀ,୪।୪(ଏଜେନ୍ସି): ଯୁବ ଖେଳାଳି ସମୀର ରିଜଭୀଙ୍କ ବିସ୍ଫୋରକ ଅର୍ଦ୍ଧଶତକ ସହାୟତାରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ଚଳିତ ଆଇପିଏଲ୍‌ର ପ୍ରଥମ ଦୁଇଟି ଲିଗ୍ ମ୍ୟାଚ୍‌ରେ କ୍ରମାଗତ ବିଜୟ ହାସଲ କରିଛି। ଏହି ମ୍ୟାଚ ଜିତିବାକୁ ମୁମ୍ବାଇ ଘରୋଇ ଟିମ୍ ଦିଲ୍ଲୀ ଆଗରେ ୧୬୩ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ ସମୀର ରିଜଭୀଙ୍କ ୯୦ ଓ ପାଥୁମ ନିଶାଙ୍କାଙ୍କ ୪୪ ରନ୍ ସହାୟତାରେ ୧୧ଟି ବଲ ବାକିଥାଇ ୬ ୱିକେଟରେ ଜିତିନେଇଥିଲା। ସେହିପରି ଏଲଏସ୍‌ଜି ବିପକ୍ଷ ପ୍ରଥମ ଲିଗ୍ ମ୍ୟାଚ୍‌ରେ ସମୀର ଅପରାଜିତ ୭୦ ରନ୍ କରି ଦିଲ୍ଲୀକୁ ଜିତାଇଥିଲେ। ଉଭୟ ମ୍ୟାଚ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ତାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଏହି ମ୍ୟାଚ୍‌ରେ ଉଭୟ ଦଳ ପ୍ରଥମ ୧୦ ଓଭରରେ ସମାନ ପ୍ରଦର୍ଶନ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ପାୱାର ପ୍ଲେ’ରେ (ରିକେଲଟନ-ତିଲକ) ଓ ଦିଲ୍ଲୀ କ୍ୟାପିଟାଲ୍ସ (ରାହୁଲ-ରାଣା) ଙ୍କ ୱିକେଟ ହରାଇଥିଲା। ଓପନର ରୋହିତ ଶର୍ମାଙ୍କ ୩୫ ରନ୍ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଉଥିବା ସୂର୍ଯ୍ୟକୁମାର ଯାଦବଙ୍କ ୩୬ ବଲ୍‌ରେ ୫୧ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟରେ ୧୬୨ ରନ୍ କରିଥିଲା। ଜବାବରେ ଓପନର ପାଥୁମ ନିଶାଙ୍କା ୪୪ ଓ ଇମ୍ପାକ୍ଟ ପ୍ଲେୟର ସମୀର ୯୦ ରନ୍ କରିବା ଫଳରେ ଦିଲ୍ଲୀ କ୍ୟାପିଟାଲ୍ସ ୧୮.୧ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ୧୬୩ ରନ୍‌ର ଟାର୍ଗେଟକୁ ପିଛା କରି ଦ୍ୱିତୀୟ ଓଭରରେ ଦଳ ୭ ରନ୍‌ରେ ୨ ୱିକେଟ ହରାଇଥିଲା। ଏହି ସମୟରେ ବ୍ୟାଟିଂ କରିବାକୁ ଆସି ସମୀର ତୃତୀୟ ୱିକେଟରେ ନିଶାଙ୍କାଙ୍କ ୪୯ ବଲ୍‌ରୁ ୬୬ ଓ ଚତୁର୍ଥ ୱିକେଟରେ ଡେଭିଡ ମିଲରଙ୍କ ସହ ୩୯ ବଲ୍‌ରୁ ୭୮ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ମ୍ୟାଚ୍ ଜିତିବାକୁ ୧୨ରନ୍ ବାକିଥିଲାବେଳେ ଏକ ଅନାବଶ୍ୟକ ବଡ଼ ସଟ୍ ଖେଳିବାକୁ ଯାଇ ସମୀର ଆଉଟ ହୋଇଥିଲେ। ସେ ୫୧ବଲ୍ ଖେଳି ୭ଟି ଲେଖାଏଁ ଚୌକା ଓ ଛକା ମାରିଥିଲେ।

**ସଂକ୍ଷିପ୍ତ ସ୍କୋର**

**ମୁମ୍ବାଇ ଇଣ୍ଡିଆନ୍ସ: ୧୬୨/୬, ୨୦ ଓଭର** (ସୂର୍ଯ୍ୟକୁମାର-୫୧, ରୋହିତ-୩୫, ନମନ-୨୮, ମୁକେଶ କୁମାର-୨/୨୬)।

**ଦିଲ୍ଲୀ କ୍ୟାପିଟାଲ୍ସ: ୧୬୪/୪, ୧୮.୧ ଓଭର** (ରିଜ୍‌ଭୀ- ୯୦, ନିଶାଙ୍କା-୪୪, ମିଲର-୨୧*, ଦୀପକ-୧/୨୦)।

# ଶ୍ରେୟସଙ୍କୁ ୨୪ ଲକ୍ଷ ଟଙ୍କାର ଜରିମାନା

ଚେନ୍ନଇ,୪।୪(ଏଜେନ୍ସି): ଚେନ୍ନଇ ସୁପର କିଙ୍ଗସ ବିପକ୍ଷ ମ୍ୟାଚରେ ମନ୍ଥରଗତିରେ ବୋଲିଂ କରିବା ଯୋଗୁଁ ପଞ୍ଜାବ କିଙ୍ଗ୍‌ସର ଅଧିନାୟକ ଶ୍ରେୟସ ଆୟର ଦଣ୍ଡିତ କରାଯାଇଛି। ସେ ନିର୍ଦ୍ଧାରିତ ସମୟରେ ଗୋଟିଏ ଓଭର କମ୍ ବୋଲିଂ କରିଥିବାରୁ ମ୍ୟାଚ୍ ରେଫରି ତାଙ୍କ ମ୍ୟାଚ୍ ଫି’ରୁ ୨୪ ଲକ୍ଷଟଙ୍କା ଜରିମାନା ଆକାରରେ କାଟି ନେଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ମଧ୍ୟ ପଞ୍ଜାବ ନିର୍ଦ୍ଧାରିତ ସମୟରେ ବୋଲିଂ ଶେଷ କରିପାରି ନ ଥିଲା। ଟୁର୍ଣ୍ଣାମେଣ୍ଟରେ ଏହା ଆୟରଙ୍କ ଦ୍ୱିତୀୟ ଅପରାଧ ହୋଇଥିବାରୁ ଜରିମାନା ଆକାରରେ ୨୪ ଲକ୍ଷ ଓ ପ୍ରତି ଖେଳାଳିଙ୍କର ୬ ଲକ୍ଷ ଟଙ୍କା କାଟି ନିଆଯାଇଛି। ପଞ୍ଜାବ ଏହି ମ୍ୟାଚ୍‌କୁ ୨୭ ରନ୍‌ରେ ଜିତିଥିଲା।

# ସ୍ୱଦେଶ ଫେରିଗଲେ ପ୍ୟାଟ୍ କମିନ୍ସ

ହାଇଦରାବାଦ୍,୪।୪(ଏଜେନ୍ସି): ସନ୍‌ରାଇଜର୍ସ ହାଇଦରାବାଦ୍‌ର ଅଧିନାୟକ ପ୍ୟାଟ କମିନ୍ସ ଆଜି ସ୍ୱଦେଶ ଫେରିଯାଇଛନ୍ତି। ଆଘାତ ଜନିତ କାରଣରୁ ଟି-୨୦ ବିଶ୍ୱକପ୍ ଖେଳି ପାରି ନ ଥିବା କମିନ୍ସ ହାଇଦରାବାଦ୍ କ୍ୟାମ୍ପରେ ଯୋଗଦେଇଥିଲେ। କିନ୍ତୁ ତାଙ୍କ ପିଠିରେ ଏବେ ସ୍କାନ କରାଯିବ ଓ ତାହା କ୍ରିକେଟ ଅଷ୍ଟ୍ରେଲିଆର ଡାକ୍ତରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଚିକିତ୍ସା ପରେ ସେ ଏପ୍ରିଲ ୧୭ରେ ହାଇଦରାବାଦ୍ ଫେରିବେ ବୋଲି କୁହାଯାଉଛି। ତାଙ୍କ ସ୍ଥାନରେ ଇଶାନ କିଶାନ ହାଇଦରାବାଦ୍‌ର ନେତୃତ୍ୱ ନେବେ। ଏହା ଫଳରେ ସେ ଅତିକମ୍‌ରେ ଏବେ ୩ଟି ମ୍ୟାଚ୍ ଖେଳି ପାରିବେ ନାହିଁ।

■ **୨୦ ବର୍ଷରୁ କମ୍ ସାଫ୍ କପ୍ ଫୁଟବଲ**

# ବାଂଲାଦେଶଠାରୁ ହାରିଲା ଭାରତ

ନୂଆଦିଲ୍ଲୀ,୪।୪(ଏଜେନ୍ସି): ୨୦ ବର୍ଷରୁ କମ୍ ସାଫ୍ କପ୍ ଫୁଟବଲ ଫାଇନାଲରେ ବାଂଲାଦେଶଠାରୁ ୪-୩ ପେନାଲ୍ଟି ସୁଟ୍‌ଆଉଟରେ ପରାଜିତ ହୋଇ ଗତଥରର ଚାମ୍ପିଅନ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛି। ଏହା ଫଳରେ ଗତ କିଛିବର୍ଷ ଧରି ଭାରତ ଓ ବାଂଲା ମଧ୍ୟରେ ବିଭିନ୍ନ ଏଜ୍‌ଗ୍ରୁପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଚାଲିଥିବା ପ୍ରତିଦ୍ୱନ୍ଦ୍ୱିତା ପୁଣି ଥରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ବାଂଲା ସମର୍ଥକଙ୍କ ଉପସ୍ଥିତିରେ ଭାରତର ଯୁବ ଖେଳାଳି ରିଷି ସିଂ ଓ ଓମାଙ୍ଗ ଡୋଡୁମ୍ ଦୁଇଟି ପେନାଲ୍ଟି ସଟ୍ ମିସ୍ କରିଥିଲେ ବୋଲି କୁହାଯାଉଛି। ଏହା ଯଦି ସତ ହୁଏ, ତେବେ ବାଂଲାଠାରୁ ଭାରତ ଏଜ୍ ଗ୍ରୁପ୍ ଲଢ଼େଇରେ ପଛରେ ପଡ଼ିଯାଇଛି ବୋଲି ଧରି ନେବାକୁ ହେବ। ଅନ୍ୟପକ୍ଷରେ ବାଂଲାଦେଶ ପକ୍ଷରୁ ଖେଳୁଥିବା ଆମେରିକା ଜନ୍ମିତ ଦୁଇ ଖେଳାଳିଙ୍କ ମଧ୍ୟରୁ ରୋନାନ ସୁଲିଭାନ ଶେଷ ପେନାଲ୍ଟିକୁ ଗୋଲରେ ପରିଣତ କରି ବାଂଲାକୁ ଚାମ୍ପିଅନ କରାଇଥିଲେ। ଅନ୍ୟଭାଇ ଡେକ୍‌ଲାନ ସୁଲିଭାନ ଗୋଲ କିପିଂ କରିଥିଲେ। ଉଭୟଙ୍କ ଜେଜେମା ବାଂଲାଦେଶୀ ହୋଇଥିବାରୁ ସେମାନେ ବାଂଲା ପକ୍ଷରୁ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ଫାଇନାଲ ମୁକାବିଲାର ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଭାରତ ଏହି ମ୍ୟାଚ୍‌ରେ ଗୋଲ ଦେବାର ଅନେକ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ତାହାକୁ କାର୍ଯ୍ୟରେ ପରିଣତ କରିପାରି ନ ଥିଲେ। ଭାରତର ଗୋଲରକ୍ଷକ ସୁରଜ ସିଂ ଅନ୍‌ଫିଟ୍ ଥିଲେ ମଧ୍ୟ ମାତ୍ର ୭ ଦିନ ଆଗରୁ ଭାରତର ହେଡ୍ କୋଚ୍ ଦାୟିତ୍ୱ ନେଇଥିବା ମହେଶ ଗୱାଲି ତାଙ୍କୁ ପରିବର୍ତ୍ତନ କରି ନ ଥିଲେ। ସେ କେବଳ ଜଣେ ଖେଳାଳିଙ୍କୁ ସମଗ୍ର ମ୍ୟାଚ୍‌ରେ ବଦଳାଇଥିଲେ।

# ୱାର୍ଲ୍ଡ ଟିମ୍ ଚେସ୍‌ରେ ଭାଗନେବେ କିସ୍‌ର ୪ ଖେଳାଳି



ଭୁବନେଶ୍ୱର,୪।୪(ସମିସ): ଓଡ଼ିଶା ଲାଗି ଗର୍ବର ମୁହୂର୍ତ୍ତ। କାଜାଖସ୍ଥାନର ଆଲମାଟିରେ ଏପ୍ରିଲ ୬ରୁ ୧୧ ତାରିଖଯାଏ ଖେଳାଯିବାକୁ ଥିବା ୧୪ ବର୍ଷରୁ କମ୍ ଆଇଏସ୍‌ଏଫ୍ ୱାର୍ଲ୍ଡ ଟିମ୍ ଚେସ୍‌ରେ ଭାଗନେବାକୁ କିସ୍‌ର ୪ଜଣ ଖେଳାଳି ମନୋନୀତ ହୋଇଛନ୍ତି। ପ୍ରଥମଥର ଲାଗି ୪ଜଣ ଆଦିବାସୀ ଖେଳାଳି ଏଭଳି ସମ୍ମାନଜନକ ପ୍ରତିଯୋଗିତାରେ ଭାଗନେଇ ଓଡ଼ିଶାର ଗୌରବ ବଢ଼ାଇଛନ୍ତି। ସେମାନେ ସମେସ୍ତ କିସ୍‌ରେ ରହି ପାଠ ପଢ଼ୁଛନ୍ତି ଟିମ୍ ଇଣ୍ଡିଆ ୱାଇଲ୍ଡ କାର୍ଡ ଏଣ୍ଟ୍ରିରେ ଏହି ପ୍ରତିଯୋଗିତାରେ ଭାଗନେଉଛି। ଏହି ୪ଜଣ ଖେଳାଳି ହେଲେ ମୋହିନୀ ନାଏକ, ମୋନାଲିସା ଭୋଇ, ଶ୍ରୀୟା ନାୟକ ଓ ହୁମେଶ୍ୱରୀ ମଲ୍ଲିକ। କିସ୍‌ର ଗୌରହରି ମହାପାତ୍ରଙ୍କୁ ଟିମ୍ ଇଣ୍ଡିଆର ହେଡ୍ କୋଚ୍ ଓ କିଟ୍‌ର ଜଏଣ୍ଟ ଡାଇରେକ୍ଟର ରଶ୍ମିତା ମହାନ୍ତିଙ୍କୁ ଏହି ଟିମ୍‌ର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଛି। କିଟ୍ ପକ୍ଷରୁ ଏହି ଟିମ୍‌ର ସମସ୍ତ ଖର୍ଚ୍ଚ ବହନ କରାଯାଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଖେଳାଳି ଓ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଜୟସ୍ୱାଲ-ଜୁରେଲଙ୍କ ଅର୍ଦ୍ଧଶତକ; ବିଷ୍ଣୋଇଙ୍କ ଚମତ୍କାର ବୋଲିଂ

# ରାଜସ୍ଥାନର ନାଟକୀୟ ବିଜୟ



ଅହମ୍ମଦାବାଦ୍,୪।୪(ଏଜେନ୍ସି): ଲେଗ୍ ସ୍ପିନର ରବି ବିଷ୍ଣୋଇ (୪/୩୧)ଙ୍କ ଯାଦୁକରୀ ବୋଲିଂ ସାଙ୍ଗକୁ ଯଶସ୍ୱୀ ଜୟସ୍ୱାଲ (୫୫) ଓ ଧ୍ରୁବ ଜୁରେଲ (୭୫)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଆଇପିଏଲ୍‌ର ୯ମ ଲିଗ୍ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୬ ରନ୍‌ରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହା ଫଳରେ ରାଜସ୍ଥାନ ୨ଟି ମ୍ୟାଚ୍‌ରୁ ୨ଟିରେ ଜିତିଥିଲାବେଳେ ଗୁଜରାଟ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଦ୍ୱିତୀୟ ପରାଜୟ ବରଣ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୧୦ ରନ୍ କରିଥିଲା। ଜବାବରେ ସାଇ ସୁଦର୍ଶନ ୭୩ ରନ୍ ସତ୍ତ୍ୱେ ଗୁଜରାଟ ୧୬୧ ରନ୍‌ରେ ୭ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ରାବାଡା ଓ ରସିଦ୍ ୩୦ ବଲରୁ ୪୩ ରନ୍ ଉଠାଇ ମ୍ୟାଚ୍‌କୁ ରୋମାଞ୍ଚକର ସ୍ଥିତିରେ ପହଞ୍ଚାଇଥିଲେ। ଶେଷ ଓଭରରେ ଗୁଜରାଟକୁ ମ୍ୟାଚ୍ ଜିତିବାକୁ ୧୧ ରନ୍ ଥିଲାବେଳେ ତୁଷାର ଦେଶପାଣ୍ଡେ ଚତୁର ବୋଲିଂ କରିବା ସହ ରସିଦଙ୍କୁ ୨୪ ରନ୍‌ରେ ଆଉଟ କରି ମ୍ୟାଚ୍‌କୁ ଛଡ଼ାଇଆଣିଥିଲେ। ନନ୍ ଷ୍ଟ୍ରାଇକ୍ ଏଣ୍ଡରେ ୨୩ ରନ୍ କରି ରାବାଡା ଅସହାୟ ଭାବେ ଛିଡା ହୋଇଥିଲେ। ଗୁଜରାଟ ୮ ୱିକେଟରେ ୨୦୪ ରନ୍ କରିଥିଲା।

| ଆଜିର ଆଇପିଏଲ୍ ମ୍ୟାଚ୍ | |
|---|---|
| ହାଇଦରାବାଦ ବନାମ ଲକ୍ଷ୍ନୌ | ବେଙ୍ଗାଲୁରୁ ବନାମ ଚେନ୍ନଇ |
| ଭେନ୍ୟୁ-ହାଇଦରାବାଦ | ଭେନ୍ୟୁ-ବେଙ୍ଗାଲୁରୁ |
| ଖେଳ ଆରମ୍ଭ: ଅପରାହ୍ଣ ୩.୩୦ | ଖେଳ ଆରମ୍ଭ: ରାତି ୭.୩୦ |
| ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର | |

**ସଂକ୍ଷିପ୍ତ ସ୍କୋର:** ରାଜସ୍ଥାନ ରୟାଲ୍ସ: ୨୧୦/୬, ୨୦ ଓଭର (ଜୁରେଲ-୭୫, ଜୟସ୍ୱାଲ-୫୫, ସୂର୍ଯ୍ୟବଂଶୀ -୩୧, ରାବାଡା-୨/୪୨)। ଗୁଜରାଟ ଟାଇଟାନ୍ସ: ୨୦୪/୮, ୨୦ ଓଭର (ସୁଦର୍ଶନ-୭୩, ବଟ୍ଟଲର-୨୬, ରସିଦ୍-୨୪, ରାବାଡା-୨୩*, ବିଷ୍ଣୋଇ-୪/୪୧)।

# ଅଧିନାୟକ ଆହତ: ଖେଳିଲେନି ପାଣ୍ଡ୍ୟା, ଗିଲ୍

ନୂଆଦିଲ୍ଲୀ/ଅହମଦାବାଦ, ୪।୪ (ଏଜେନ୍ସି): ଶନିବାର ଆଇପିଏଲ୍‌ରେ ଦୁଇଟି ମ୍ୟାଚ୍ ଖେଳା ଯାଇଥିଲା। ଦିଲ୍ଲୀ କ୍ୟାପିଟାଲ୍‌ସ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍‌ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଖେଳିନଥିଲେ। ସୂର୍ଯ୍ୟକୁମାର ଯାଦବ ଦଳର ନେତୃତ୍ୱ ନେଇଥିବା ବେଳେ ମୁମ୍ବାଇ ପରାସ୍ତ ହୋଇଥିଲା। ଶନିବାର ସନ୍ଧ୍ୟାରେ ରାଜସ୍ଥାନ ରୟାଲ୍‌ସ ବିପକ୍ଷରେ ଗୁଜରାଟ ଟାଇଟାନ୍‌ସର ଅଧିନାୟକ ଶୁବମନ ଗିଲ୍ ଖେଳିନଥିଲେ। ତାଙ୍କ ସ୍ଥାନରେ ଲେଗସ୍ପିନର ରସିଦ୍ ଖାଁ ଗୁଜରାଟର ନେତୃତ୍ୱ ନେଇଥିଲେ। ଟସ୍ ପରେ ରସିଦ୍ କହିଥିଲେ ହେଁ ମାଂସପେଶୀ ଟାଣି ହୋଇ ଯାଇଥିବାରୁ ଗିଲ୍ ଖେଳୁନାହାନ୍ତି। ସେ ଶୀଘ୍ର ସୁସ୍ଥ ହୋଇଯିବେ। ଗିଲ୍‌ଙ୍କ ସ୍ଥାନରେ ଗୁଜରାଟର ଚୂଡ଼ାନ୍ତ ଏକାଦଶରେ ଝାଡ଼ଖଣ୍ଡର ଯୁବ ୱିକେଟ୍ ରକ୍ଷକ ବ୍ୟାଟ୍‌ସମ୍ୟାନ କୁମାର କୁଶାଗ୍ର ଖେଳିଥିଲେ।

# ଆଇପିଏଲ୍‌ରେ କୁଳଦୀପ ଯାଦବଙ୍କ ଶତକୀୟ ମ୍ୟାଚ୍

ନୂଆଦିଲ୍ଲୀ, ୪।୪ (ଏଜେନ୍ସି): ଭାରତୀୟ ଚାଇନାମ୍ୟାନ୍ ସ୍ପିନର କୁଳଦୀପ ଯାଦବ ୧୦୦ ଆଇପିଏଲ୍ ମ୍ୟାଚ୍ ଖେଳିବାର କୃତିତ୍ୱ ହାସଲ କରିଛନ୍ତି। ଶନିବାର ମୁମ୍ବାଇ ଇଣ୍ଡିଆନ୍‌ସ ବିପକ୍ଷ ମ୍ୟାଚ୍ ଦିଲ୍ଲୀ କ୍ୟାପିଟାଲ୍‌ସର କୁଳଦୀପଙ୍କ ୧୦୦ତମ ଆଇପିଏଲ୍ ମ୍ୟାଚ୍ ଥିଲା। ଏହି ମ୍ୟାଚ୍‌ରେ ୩୧ ବର୍ଷ ବୟସ୍କ କୁଳଦୀପ ୩ ଓଭରରୁ ୩୧ ରନ୍ ଦେଇ ୱିକେଟ୍ ପାଇନଥିଲେ। ଅଦ୍ୟାବଧି କୁଳଦୀପ ୧୦୦ ଆଇପିଏଲ୍ ମ୍ୟାଚ୍‌ରୁ ୧୦୪ଟି ୱିକେଟ୍ ନେଇଛନ୍ତି। ସେ ଚାରି ଥର ଏକ ଇନିଂସରେ ୪ କିମ୍ବା ଅଧିକ ୱିକେଟ୍ ନେଇଛନ୍ତି। ୨୦୨୨ ସଂସ୍କରଣରେ କୁଳଦୀପ ସର୍ବାଧିକ ୨୧ଟି ୱିକେଟ୍ ନେଇଥିଲେ। କୁଳଦୀପ ଦିଲ୍ଲୀ କ୍ୟାପିଟାଲ୍‌ସ ପାଇଁ ଖେଳିବା ଆରମ୍ଭକରି ମୁମ୍ବାଇ ଇଣ୍ଡିଆନ୍‌ସ ଓ କୋଲକାତା ନାଇଟ୍ ରାଇଡର୍ସ ପାଇଁ ଖେଳିଛନ୍ତି। ଗତବର୍ଷ କୁଳଦୀପ ଦିଲ୍ଲୀ କ୍ୟାପିଟାଲ୍‌ସ ପାଇଁ ସର୍ବାଧିକ ୧୫ଟି ୱିକେଟ୍ ନେଇଥିଲେ। ୨୦୨୪ରେ ଭାରତ ଟି-୨୦ ବିଶ୍ୱକପ୍ ଜିତିଥିବା ବେଳେ ସ୍ପିନରଙ୍କ ମଧ୍ୟରେ କୁଳଦୀପ ସର୍ବାଧିକ ୱିକେଟ୍ ନେଇଥିଲେ।

# କ୍ୟାଣ୍ଡିଡେଟ୍ସ ଚେସ୍: ପ୍ରଜ୍ଞାନନ୍ଦା-ନାକାମୁରା ମୁକାବିଲା ଅମୀମାଂସିତ, ବୈଶାଳୀ ବିଜୟୀ

ନୂଆଦିଲ୍ଲୀ,୪।୪(ଏଜେନ୍ସି): ସାଇପ୍ରସ୍‌ରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍‌ର ଆଜି ଖେଳାଯାଇଥିବା ୬ଷ୍ଠ ରାଉଣ୍ଡ ମୁକାବିଲାରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍ ପ୍ରଜ୍ଞାନନ୍ଦା ଓ ହିକାରୁ ନାକାମୁରାଙ୍କ ମ୍ୟାଚ୍ ଡ୍ର ରହିଛି। କିନ୍ତୁ ଶୀର୍ଷରେ ଥିବା ଉଜ୍‌ବେକିସ୍ତାନର ଜାଖୋଭୀର ସିନ୍ଦାରୋଭ ସହଜରେ ଚୀନ୍‌ର ୱେଇ ୟିଙ୍କୁ ପରାଜିତ କରିଛନ୍ତି। ୬ଷ୍ଠ ରାଉଣ୍ଡ ପରେ ସିନ୍ଦାରୋଭ ୫.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଛନ୍ତି। ମହିଳା ବିଭାଗରେ ଆର୍. ବୈଶାଳୀ ୬ଷ୍ଠ ରାଉଣ୍ଡରେ ତାଙ୍କଠାରୁ ଅଧିକ ରେଟିଂପ୍ରାପ୍ତ ଖେଳାଳି କାଟେରିନା ଲାଗ୍ନୋକୁ ପରାସ୍ତ କରିଛନ୍ତି। ଅନ୍ୟ ଭାରତୀୟ ଖେଳାଳି ଦିବ୍ୟା ଦେଶମୁଖ ମଧ୍ୟ ବିବିସାରା ଆସାଉବେୟଭାଙ୍କୁ ହରାଇଦେଇଛନ୍ତି। ଟୁର୍ଣ୍ଣାମେଣ୍ଟରେ ମୋଟ ୧୪ ରାଉଣ୍ଡ ଖେଳାଯିବ।

# ଆଜି ଐତିହ୍ୟ ଗଣଦୌଡ଼

ଭୁବନେଶ୍ୱର,୪।୪ (ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଐତିହ୍ୟ ଗଣଦୌଡ଼ର ଦ୍ୱିତୀୟ ସଂସ୍କରଣ ଆସନ୍ତାକାଲି ଅନୁଷ୍ଠିତ ହେବ। ଏହା ମୁକ୍ତେଶ୍ୱର ମନ୍ଦିରରୁ ସକାଳ ୫ଟା ୩୦ ମିନିଟ୍‌ରେ ଆରମ୍ଭ ହେବ। ଏହା ପରେ ରାମେଶ୍ୱର ମନ୍ଦିତ, ବିବେକାନନ୍ଦ ମାର୍ଗ, ଉତ୍କଳ କନିକା ଗ୍ୟାଲେରିଆ ମଲ୍, ଲୁଇସ ରୋଡ, ବିଜେବି କଲେଜ ଓ ରବି ଟକିଜ୍ ଛକ ଦେଇ ରାଜାରାଣୀ ମନ୍ଦିରରେ ଶେଷ ହେବ। ଏଥିରେ ସମସ୍ତ ପ୍ରକାର ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।

## ଏନ୍‌ସିଏ ୧୯ ବର୍ଷରୁ କମ୍ ଶିବିର

# ଓଡ଼ିଶାରୁ ସୟଦ, ସମ୍ବିତ ଓ ପ୍ରିୟାଂଶୁ


ସୟଦ ତୁଫାଏଲ ଅହମ୍ମଦ୍


ସମ୍ବିତ କୁମାର ବେଜା


ପ୍ରିୟାଂଶୁ ମହାନ୍ତି

ଭୁବନେଶ୍ୱର,୪।୪ (ସମିସ): ଏନ୍‌ସିଏ ବା ଜାତୀୟ କ୍ରିକେଟ ଏକାଡେମୀ ପକ୍ଷରୁ ୧୯ବର୍ଷରୁ କମ୍ ଖେଳାଳିଙ୍କ ଏଲିଟ ଶିବିର ମେ’ ମାସ ୧୧ରୁ ଜୁନ୍ ୬ ତାରିଖଯାଏ ଆୟୋଜିତ ହେବ। ବିନୁ ମଙ୍କଡ ଟ୍ରଫି ଓ କୁଚ୍ ବିହାର ଟ୍ରଫିରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ଓଡ଼ିଶାର ୩ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି। ଏହି ଖେଳାଳିମାନେ ହେଲେ ସ୍ପିନର ସୟଦ ତୁଫାଏଲ ଅହମ୍ମଦ୍, ସମ୍ବିତ କୁମାର ବେଜା ଓ ପ୍ରିୟାଂଶୁ ମହାନ୍ତି। ଏହି ୩ ଜଣ ଖେଳାଳି ଓଡ଼ିଶା ଲାଗି ଚଳିତ ସିଜନରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଏପରିକି ସୟଦ ତୁଫାଏଲ୍ ମଧ୍ୟ ଓଡ଼ିଶା ପକ୍ଷରୁ ସିନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲେ। ସୟଦ ଓ ସମ୍ବିତ ମୋହାଲିରେ ଏବଂ ପ୍ରିୟାଂଶୁ ପଣ୍ଡିଚେରୀରେ ଥିବା ନ୍ୟାସନାଲ କ୍ରିକେଟ ଏକାଡେମୀରେ ପ୍ରଶିକ୍ଷଣ ନେବେ ବୋଲି ଓଡ଼ିଶା କ୍ରିକେଟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ

# ସେମିରେ ପାରାମାଉଣ୍ଟ ସ୍ପୋର୍ଟିଂ




ଭୁବନେଶ୍ୱର,୪।୪ (ସମିସ): ଭୁବନେଶ୍ୱରର ପାରାମାଉଣ୍ଟ ସ୍ପୋର୍ଟିଂ ୧୨୧ ରନ୍‌ର ବିଶାଳ ବ୍ୟବଧାନରେ ଓସ୍କାର ସ୍ପୋର୍ଟିଂକୁ ପରାସ୍ତ କରି ରାମକୃଷ୍ଣ ମହାପାତ୍ର ସ୍ମାରକୀ ୧୭ବର୍ଷରୁ କମ୍ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଚତୁର୍ଥ ତଥା ଶେଷ କ୍ୱାର୍ଟରଫାଇନାଲ ମୁକାବିଲା ଭାରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ) ଏବଂ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ରିକେଟ (ଆଇଆଇଟି) ମଧ୍ୟରେ ଖେଳାଯିବ। ଏହି ମ୍ୟାଚ୍ ପରେ ସେମିଫାଇନାଲରେ କିଏ କାହା ସହ ଖେଳିବେ ତାହା ସ୍ଥିର ହେବ। ଆଜି ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ସୁନ୍ଦର ଅଲରାଉଣ୍ଡ (୨୮ ରନ୍, ୫ରନ୍‌ରେ ୪ୱିକେଟ) ପ୍ରଦର୍ଶନ କରିଥିବା ସ୍ୱାଗତ ଏସ୍. ମିଶ୍ରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ପାରାମାଉଣ୍ଟ ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରେ ୯ ୱିକେଟ ହରାଇ ୧୬୪ ରନ୍ କରିଥିଲା। ଦଳ ପକ୍ଷରୁ କ୍ରିଷ୍ଣା ସାସ୍‌ମଲ ସର୍ବାଧିକ ୪୫, ସ୍ମୃତିରଞ୍ଜନ ମହାରଣା ୨୯ ଓ ସ୍ୱାଗତ ମିଶ୍ର ୨୮ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଲୋକେଶ କୁମାର, କୌଶିକ ଦତ୍ତ ଓ ଆର୍ଯ୍ୟବୀର ଲେଙ୍କା ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ଜବାବରେ ସ୍ୱାଗତ ଓ ସାହାଜେବ୍ ଆଲାମଙ୍କ ଘାତକ ବୋଲିଂର ମୁକାବିଲା କରି ନ ପାରି ଓସ୍କାର ୧୪.୨ ଓଭରରେ ମାତ୍ର ୪୩ ରନ୍ କରି ଅଲଆଉଟ ହୋଇଥିଲା। ବିଜୟୀ ଦଳର ଉଭୟ ବୋଲର ୫ ରନ୍ ଲେଖାଏଁ ବ୍ୟୟ କରି ୪ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ସତ୍ୟବ୍ରତ ମହାପାତ୍ର ଓ ରଣଜିତ ମହାରଣା ଖେଳ ପରିଚାଳନା କରିଥିଲେ। ମେଟ୍ରୋ ଗ୍ରୁପ୍ ଅଧ୍ୟକ୍ଷ ପୀୟୁଷ ମହାନ୍ତି, ପ୍ରକାଶ ଜେନା ଓ ଆଇନଜୀବି ସତ୍ୟବ୍ରତ ମହାପାତ୍ର ଅତିଥିଭାବେ ଯୋଗଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS